RNI No.ODIODI/2010/33031
୧୬ ବର୍ଷ Volume- 16
ISSUE -265 ସଂଖ୍ୟା-୨୬୫
ଭୁବନେଶ୍ୱର, ସୋମବାର ୦୫ ଜାନୁଆରୀ ୨୦୨୬
Bhubaneswar, Monday 05 January, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




# ବାରମ୍ବାର ଦୁର୍ଘଟଣା ପାଇଁ ଚିନ୍ତାପ୍ରକଟ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୧(ନି.ପ୍ର.): ଗତକାଲି ଭୁବନେଶ୍ୱର ରୂପାଲି ଛକ ନିକଟରେ ଆମ ବସ ଓ ଅଟୋ ମଧ୍ୟରେ ଧକା ହେବ ଫଳରେ ଅଟୋ ଚାଳକଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ସହାୟତା ଘୋଷଣା କରିଛନ୍ତି।

ଏ ଘଟଣାରେ ଆହତ ହୋଇଥିବା ଛାତ୍ରୀଙ୍କ ଆଶୁ ଆରୋଗ୍ୟ ମଧ୍ୟ ମୁଖ୍ୟମନ୍ତ୍ରୀ କାମନା କରିଛନ୍ତି। ତେବେ 'ଆମ ବସ' ପରିବହନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ମୁଖ୍ୟମନ୍ତ୍ରୀ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଆମ ବସ ପରିଚାଳନା ସଂସ୍ଥା କ୍ରୁଟ୍ ସହିତ ସମନ୍ୱୟ ରକ୍ଷା କରି ଏ ସମସ୍ୟାରେ ଉନ୍ନତି ଆଣିବା ପାଇଁ ପଦକ୍ଷେପ ନେବାକୁ ସେ ପରିବହନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଆମ ବସ ଡ୍ରାଇଭର ମାନଙ୍କ ଦକ୍ଷତା ବୃଦ୍ଧି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି।



- ଆମ ବସ ଦୁର୍ଘଟଣାରେ ଅଟୋ ଚାଳକଙ୍କ ମୃତ୍ୟୁ ଘଟଣାରେ ଦୁଃଖ ପ୍ରକାଶ
- ମୃତ ବ୍ୟକ୍ତିଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ସହାୟତା ଘୋଷଣା
- ନିୟମିତ ଡ୍ରାଇଭିଂ ଟ୍ରେନିଂ, ବସ୍‌ର ନିୟମିତ ଫିଟନେସ୍ ଯାଞ୍ଚ ନିର୍ଦ୍ଦେଶ

ଏଥିପାଇଁ ନିୟମିତ ଟ୍ରେନିଂ ପ୍ରଦାନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଟ୍ରେନିଂ ପ୍ରକ୍ରିୟାରେ ଡ୍ରାଇଭର ମାନଙ୍କ ଦକ୍ଷତା ସହ ସେମାନଙ୍କ ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟ ସଂପର୍କରେ ମଧ୍ୟ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବିଶେଷକରି, ସେମାନଙ୍କ ମଧ୍ୟରେ ସମ୍ବେଦନଶୀଳ ମନୋଭାବ ସୃଷ୍ଟି ପାଇଁ ଟ୍ରେନିଂ ମଡ୍ୟୁଲ୍ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।ଏହା ସହିତ ଏମଭିଆଇ ମାନଙ୍କ ଦ୍ୱାରା ଆମ ବସ ଗୁଡ଼ିକର ଫିଟନେସ ସଂପର୍କରେ ନିୟମିତ ଯାଞ୍ଚ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବାଣିଜ୍ୟ ଓ ପରିବହନ ବିଭାଗ ଏକ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରି ବସ ଫିଟନେସ ଯାଞ୍ଚ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହିପରି ଦୁର୍ଭାଗ୍ୟଜନକ ଘଟଣା ଯେପରି ବାରମ୍ବାର ନ ଘଟେ ସେଥିପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ନିୟମିତ ଭାବେ ସମୀକ୍ଷା କରି ପରିସ୍ଥିତିରେ ଉନ୍ନତି ଆଣିବା ପାଇଁ ଉଦ୍ୟମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

# ବିଦେଶରେ ଇସ୍କନର ଅଦିନିଆ ରଥଯାତ୍ରା

## ମହାପ୍ରଭୁଙ୍କ ଆଦେଶ ପାଳନ କରିବା ଉଚିତ : ମହାରାଜା

ପୁରୀ,୪।୧(ନି.ପ୍ର.): ବିଦେଶରେ ଇସ୍କନର ଅଦିନିଆ ରଥଯାତ୍ରା ନେଇ ଗଜପତି ମହାରାଜ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା କାର୍ଯ୍ୟକ୍ରମରେ ଗଜପତି ମହାରାଜ ଯୋଗ ଦେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଶ୍ରୀ ଜଗନ୍ନାଥ ଚିନ୍ତନ ଓ ଚେତନା କାର୍ଯ୍ୟକ୍ରମରେ ଭାଷଣ ଦେଇ ସତର୍କ କରାଇ ସେ କହିଥିଲେ ଯେ, ଏପରି ରୀତିନୀତି ପ୍ରଭୁ ଜଗନ୍ନାଥଙ୍କ ପରମ୍ପରା ବାହାରେ। ମହାପ୍ରଭୁ ବର୍ଷସାରା ଶ୍ରୀମନ୍ଦିର ବାହାରକୁ ଆସି ପରିବେନି କହି ନିଜ ଉଦବେଗ ପ୍ରକାଶ କରିଛନ୍ତି ଗଜପତି ମହାରାଜ। ସେ କହିଛନ୍ତି ଯେ, ସେମାନେ ଜାଣି ନାହାନ୍ତି ଏହା କେତେ ବ୍ୟତିକ୍ରମ। ଆମେ ଯଦି ନିଜକୁ ମହାପ୍ରଭୁଙ୍କ ଭକ୍ତ ବୋଲି କହୁଛେ ତାହଲେ ମହାପ୍ରଭୁଙ୍କ ଆଦେଶ ପାଳନ କରିବ ଉଚିତ ବୋଲି କହିଛନ୍ତି ଗଜପତି।

ଅଷାଢ ମାସ ଶୁକ୍ଲପକ୍ଷ ଦ୍ୱିତୀୟ ଦିନରେ ମହାପ୍ରଭୁଙ୍କ ନବାଦୀନାତ୍ମକ ରଥଯାତ୍ରା ଅନୁଷ୍ଠିତ ହେବ ବୋଲି ମହାପ୍ରଭୁଙ୍କ ନିର୍ଦ୍ଦେଶ ରହିଛି। ଏହି ନିର୍ଦ୍ଦେଶ ମହାପ୍ରଭୁଙ୍କର ଆଉ କାହାର ନୁହେଁ। ମହର୍ଷି ବେଦବ୍ୟାସ ଯାହା ଲେଖିଛନ୍ତି



ତାହା ପାଳନ କରିବ ଆବଶ୍ୟକ ବୋଲି ଗଜପତି କହିଛନ୍ତି। ମହାପ୍ରଭୁଙ୍କ ଆଦେଶ ନଥିଲେ ଆମେ କାଢି ପାରନ୍ତେ ନାହିଁ। ବର୍ଷକୁ ଦୁଇ ଥର ମହାପ୍ରଭୁ ବାହାରକୁ ଆସିବାର ନିର୍ଦ୍ଦେଶ ରହିଛି। ଆମେ ବର୍ଷ ସାରା ମହାପ୍ରଭୁଙ୍କୁ ବାହାରକୁ ଆଣିପାରିବା ନାହିଁ ବୋଲି ଗଜପତି କହିଛନ୍ତି।

# ଟ୍ରକ ପଛକୁ ପିଟିଲା କାର, ୨ ମୃତ

ସମ୍ବଲପୁର,୪।୧(ନି.ପ୍ର.): ଜାତୀୟ ରାଜପଥ କଡରେ ଛିଡା ହୋଇଥିବା ପାଉଁଶ ବୋଝେଇ ଟ୍ରକ୍‌ର ପଛକୁ ଦ୍ରୁତଗାମୀ କାର୍ ଶକ୍ତ ଧକ୍କା ଦେଇଛି। ଫଳରେ ୨ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସମ୍ବଲପୁର ସହରର ଧନୁପାଲି ଥାନା ଅଧୀନ ନକ୍ସାପାଲିରେ ଆଜି ଅପରାହ୍ଣରେ ଏହି ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ମୃତାହତଙ୍କର ପରିଚୟ ମିଳିପାରି ନାହିଁ।

ପୁଲିସର ସୂଚନା ଅନୁସାରେ ସମ୍ବଲପୁର ଧନୁପାଲି ଥାନା ନକ୍ସାପାଲିଠାରେ ଏହି ଦୁର୍ଘଟଣା ଘଟିଛି। ଟ୍ରକରେ ପାଉଁଶ ଥିଲା। ଏହି ଟ୍ରକ୍‌ଟି ଜାତୀୟ ରାଜପଥ କଡରେ ଛିଡା ହୋଇଥିଲା। ଅପରାହ୍ଣ ପ୍ରାୟ ୪ଟାରେ ଏକ ଦ୍ରୁତଗାମୀ କାର ସମ୍ବଲପୁର ସହର ଭିତରୁ ମାନେଶ୍ୱର ଅଭିମୁଖେ ଯାଉଥିଲା। କାରର ଚାଳକ ଭାରସାମ୍ୟ ହରାଇଥିଲେ। ସେ ଆଗରେ ଛିଡା ହୋଇଥିବା ପାଉଁଶ ବୋଝେଇ ଟ୍ରକ୍‌କୁ ଧକ୍କା ଦେଇଥିଲେ। ଫଳରେ କାରଟି ଚୁରମାର ହୋଇଯାଇଥିଲା। କାର ଭିତରେ ଥିବା ଲୋକମାନେ ଚାପି ହୋଇଯାଇଥିଲେ।ସ୍ଥାନୀୟ ଲୋକଙ୍କର ସୂଚନା କ୍ରମେ, ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ଲୋକଙ୍କର ସହାୟତାରେ ମୃତାହତମାନଙ୍କୁ କାର ଭିତରୁ ଉଦ୍ଧାର କରିଥିଲା। ୨ଜଣଙ୍କର ମୃତଦେହ ଉଦ୍ଧାର କରାଯାଇ ପୋଷ୍ଟମର୍ଟମ ପାଇଁ ପଠାଯାଇଥିଲା। ଗୁରୁତର ବ୍ୟକ୍ତିଙ୍କୁ ବୁର୍ଲା ବଡଡାକ୍ତରଖାନା ପଠାଯାଇଛି। ଦୁର୍ଘଟଣାଗ୍ରସ୍ତ କାରର ନମ୍ବର ରାଉରକେଲାର ହୋଇଥାଇ ପାରନ୍ତି। ବୋଧେ ଏମାନେ ସମସ୍ତେ ରାଉରକେଲା ଅଥବା ସୁନ୍ଦରଗଡ ଜିଲ୍ଲା ନିବାସୀ ହୋଇଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି। ଘଟଣାର ତଦନ୍ତ ପରେ ସବୁ କଥା ଜଣାପଡିବ।

# ପଡ଼ୋଶୀ ଦେଶଙ୍କ ଉପରେ ଟ୍ରମ୍ପଙ୍କ ଆଖି

## ଭେନେଜୁଏଲା ପରେ ମେକ୍ସିକୋ, କ୍ୟୁବା, କଲମ୍ବିଆ ପାଳି

ୱାଶିଂଟନ,୪।୧(ନି.ପ୍ର..): ଭେନେଜୁଏଲାରେ ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କ ଗିରଫଦାରୀ ଏବଂ ସଫଳ ସାମରିକ ଅଭିଯାନ ପରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପଡ଼ୋଶୀ ଦେଶମାନଙ୍କ ବିରୋଧରେ ତାଙ୍କର ଆଭିମୁଖ୍ୟ କଠୋର କରିଛନ୍ତି। ଟ୍ରମ୍ପ୍ ମେକ୍ସିକୋ, କ୍ୟୁବା ଏବଂ କଲମ୍ବିଆକୁ ସ୍ପଷ୍ଟ ଚେତାବନୀ ଦେଇ କହିଛନ୍ତି, ଯଦି ଏହି ଦେଶଗୁଡ଼ିକ ସେମାନଙ୍କର ଆଭ୍ୟନ୍ତରୀଣ ସମସ୍ୟା ଏବଂ ନାର୍କ ଚାଲାଣକୁ ନିୟନ୍ତ୍ରଣ ନ କରନ୍ତି, ତେବେ ସେମାନେ ମଧ୍ୟ ଗମ୍ଭୀର ପରିଣାମର ସମ୍ମୁଖୀନ ହୋଇପାରନ୍ତି।

ଭେନେଜୁଏଲା ଘଟଣାକୁ ଏକ 'ଚେତାବନୀ' ଭାବରେ ଉପସ୍ଥାପନ କରି ଟ୍ରମ୍ପ୍ ଏହି ଦେଶଗୁଡ଼ିକର ସରକାରଙ୍କୁ ଆମେରିକାର ସ୍ୱାର୍ଥ ଅନୁଯାୟୀ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବିବୃତି ଲାଟିନ୍ ଆମେରିକାରେ ଆମେରିକାର ସାମରିକ ସମ୍ପୃକ୍ତି ଏବଂ ଭବିଷ୍ୟତ ରଣନୀତି ବୃଦ୍ଧି ନେଇ ସଙ୍କେତ ଦେଇଛି, ଯାହା ସମଗ୍ର ଅଞ୍ଚଳରେ ଉତ୍ତେଜନା ସୃଷ୍ଟି କରିଛି।

ରାଷ୍ଟ୍ରପତି ଟ୍ରମ୍ପ୍ କ୍ୟୁବାକୁ ଏକ 'ବିଫଳ ରାଷ୍ଟ୍ର' ବୋଲି ଅଭିହିତ କରି କହିଛନ୍ତି, ସେଠାକାର ବର୍ତ୍ତମାନର ବ୍ୟବସ୍ଥା ସମ୍ପର୍କରେ ଖୁବ୍ ଶୀଘ୍ର ଠୋସ୍ ନିଷ୍ପତ୍ତି ନିଆଯିବ। ସେ କ୍ୟୁବା ଲୋକଙ୍କୁ ସହାୟତା ଏବଂ ଆମେରିକାରେ ନିର୍ବାସିତ



ଜୀବନଯାପନ କରୁଥିବା କ୍ୟୁବା ନାଗରିକଙ୍କ ଅଧିକାରର ସୁରକ୍ଷା ପାଇଁ ଆହ୍ୱାନ କରିଛନ୍ତି। ଟ୍ରମ୍ପସ୍ପଷ୍ଟ କରିଛନ୍ତି ଯେ ଭେନେଜୁଏଲାରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନରୁ କ୍ୟୁବା ଶିକ୍ଷା ଗ୍ରହଣ କରିବା ଉଚିତ, କାରଣ ଆମେରିକା ଆଉ ଏହି ଅଞ୍ଚଳରେ ଅସ୍ଥିରତାକୁ ସହ୍ୟ କରିବ ନାହିଁ।

ଟ୍ରମ୍ପ ସିଧାସଳଖ କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋଙ୍କୁ ଟାର୍ଗେଟ କରି ତାଙ୍କ ଦେଶ ଆମେରିକାକୁ ବିପୁଳ ପରିମାଣରେ ନିଶା ପଠାଉଥିବା ଅଭିଯୋଗ କରିଛନ୍ତି। ଟ୍ରମ୍ପ୍ ଦାବି କରିଛନ୍ତି, କଲମ୍ବିଆରେ ବର୍ତ୍ତମାନ ତିନୋଟି ବିଶାଳ କୋକେନ୍ କାରଖାନା କାର୍ଯ୍ୟ କରୁଛି, କିନ୍ତୁ ପେଟ୍ରୋ ପ୍ରଶାସନ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ସେ ଚେତାବନୀ ଦେଇଛନ୍ତି, ଯଦି କଲମ୍ବିଆ ଡ୍ରଗ୍ସ ଚାଲାଣ ବନ୍ଦ ନ କରେ, ତେବେ ଆମେରିକା ସେଠାରେ ହସ୍ତକ୍ଷେପ କରିବାକୁ ପଛାଇବ ନାହିଁ।

ମେକ୍ସିକୋ ସମ୍ପର୍କରେ, ଡୋନାଲ୍ଡ ଟ୍ରମ୍ପ୍ ରାଷ୍ଟ୍ରପତି କ୍ଲାଉଡିଆ ସେନବାଉମଙ୍କ ଦକ୍ଷତା ଉପରେ ପ୍ରଶ୍ନ ଉଠାଇ କହିଛନ୍ତି, ସେ ଡ୍ରଗ୍ସ କାର୍ଟେଲଗୁଡ଼ିକୁ ଭୟ କରୁଛନ୍ତି ଏବଂ ଦେଶ ଉପରେ ତାଙ୍କର ନିୟନ୍ତ୍ରଣର ଅଭାବ ରହିଛି। ଟ୍ରମ୍ପ୍ ଦାବି କରିଛନ୍ତି, ସେ କାର୍ଟେଲଗୁଡ଼ିକୁ ଦୂର କରିବା ପାଇଁ ମେକ୍ସିକୋକୁ ବାରମ୍ବାର ସାମରିକ ସହାୟତା ପ୍ରଦାନ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ, କିନ୍ତୁ ସେନବାଉମ ଏନେଇ ମନା କରିଦେଇଥିଲେ। ଟ୍ରମ୍ପ୍ କଠୋର ଭାବରେ କହିଛନ୍ତି, ଆମକୁ ଏବେ ମେକ୍ସିକୋ ବିଷୟରେ କିଛି କରିବାକୁ ପଡିବ, ଯାହା ଭବିଷ୍ୟତରେ ଏକ ବଡ଼ ଅପରେସନର ସୂଚନା ହୋଇପାରେ।

ଟ୍ରମ୍ପ୍ ଏହି ବିପଦ ପଛରେ ନାର୍କ-ଆତଙ୍କବାଦ ଏବଂ ବେଆଇନ ପ୍ରବାସୀଙ୍କୁ ମୁଖ୍ୟ କାରଣ ଭାବରେ ଉଲ୍ଲେଖ କରିଛନ୍ତି, ଯାହା ସିଧାସଳଖ ଆମେରିକାର ଜାତୀୟ ସୁରକ୍ଷାକୁ ପ୍ରଭାବିତ କରୁଛି । ଭେନେଜୁଏଲାରେ ମାଦୁରୋଙ୍କ ଗିରଫଦାରୀ ପରେ, ଟ୍ରମ୍ପ୍ ମନରୋ ସିଦ୍ଧାନ୍ତ(ଗକ୍ଟଭକ୍ବକ୍ଟର ଉକ୍ଟମଷ୍ଟକ୍ବସଭର)କୁ ନୂଆ ରୂପରେ ଲାଗୁ କରୁଥିବା ପରି ମନେ ହେଉଛି। ଏହା ପଶ୍ଚିମ ଗୋଲାର୍ଦ୍ଧରେ ଆମେରିକାର ପ୍ରାଧାନ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ। ଯଦି ଏପରି ହେବ ତେବେ ଭବିଷ୍ୟତରେ, ଏହି ଦେଶଗୁଡ଼ିକ ସହିତ ଆମେରିକାର ସମ୍ପର୍କ ଆହୁରି ତିକ୍ତ ହୋଇପାରେ ବୋଲି ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚା ଆରମ୍ଭ ହୋଇଛି।

# ଭିଜିଲାନ୍ସ କବ୍‌ଜାରେ ସିଆରଆରଆଇ ଥାନା ଅଧିକାରୀ

କଟକ,୪।୧(ନି.ପ୍ର.): ଜଣେ ଲାଇସେନ୍ସପ୍ରାପ୍ତ ମଦ ବ୍ୟବସାୟୀଙ୍କଠାରୁ ଲାଞ୍ଚ ନେଉଥିଲେ, ଧରାପଡିଲେ ଥାନା ବାବୁ ବିଜୟ କୁମାର ବାରିକ। ପୁଣି ଘରୁ ମିଳିଲା ନଗଦ ୫ ଲକ୍ଷ ଟଙ୍କା। ଏହାପରେ କଟକ ସିଆରଆରଆଇ ଥାନା ଆଇଆଇସି ବିଜୟ କୁମାର ବାରିକଙ୍କୁ ଗିରଫ କରିଛି ଭିଜିଲାନ୍ସ।

ଆଜି ଅର୍ଥାତ୍ ଜାନୁଆରି ୪ ତାରିଖରେ କଟକର

## ୪୦ ହଜାର ଲାଞ୍ଚ ନେବା ବେଳେ ଧରାପଡିଲେ, ଘରୁ ମିଳିଲା ନଗଦ ୫ ଲକ୍ଷ

ସିଆରଆରଆଇ ଥାନା ଆଇଆଇସି ବିଜୟ କୁମାର ବାରିକଙ୍କୁ ଭୁବନେଶ୍ୱରର ରାଜମହଲ ଛକରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଛି। ସେ ଜଣେ ଲାଇସେନ୍ସପ୍ରାପ୍ତ ମଦ ବିକ୍ରେତାଙ୍କଠାରୁ ୪୦ ହଜାର ଟଙ୍କା ଲାଞ୍ଚ ମାଗୁଥିଲେ। ଅଭିଯୁକ୍ତ ଶ୍ରୀ ବାରିକଙ୍କ ଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏହାପରେ ଶ୍ରୀ ବାରିକଙ୍କ ଦୁଇଟି ସ୍ଥାନରେ ଏକକାଳୀନ ଚଢ଼ଉ ଜାରି ରହିଛି। ଏନେଇ ଅଭିଯୁକ୍ତ ବିଜୟ



ବାରିକଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଛି।ଭୁବନେଶ୍ୱରର ୟୁନିଟ୍ ୧ ସ୍ଥିତ ବିଜୟ କୁମାର ବାରିକଙ୍କ ସରକାରୀ କ୍ୱାର୍ଟରରେ ଚଢ଼ଉ ସମୟରେ ପ୍ରାୟ ୫ ଲକ୍ଷ ଟଙ୍କା ଜବତ ହୋଇଛି। ଲାଞ୍ଚ ଦାବି ଏବଂ ଜବତ ହୋଇଥିବା ଟଙ୍କାର ଉତ୍ସ ସମ୍ପର୍କରେ ତାଙ୍କୁ ପଚରାଉଚରା କରାଯାଉଛି। ତଦନ୍ତ ଜାରି ରହିଛି। ଏନେଇ ଅଧିକ ତଥ୍ୟକୁ ଅପେକ୍ଷା କରାଯାଉଛି।ନିଜେ ମହିଳା ହୋଇ ଜଣେ ଯୁବତୀଙ୍କୁ ନ୍ୟାୟ ଦେବା ବଦଳରେ ତାଙ୍କ ଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଲେ ଥାନା ଅଧିକାରୀ। ଅଭିଯୁକ୍ତ ଥାନା ଅଧିକାରୀ ହେଲେ ସୁକୁମା ହାଁସଦା। ଆଜି ସକାଳ ସାଢ଼େ ୧୦ଟା ସମୟରେ ଧରାପଡ଼ିଥିବା ଜୟପୁର ଭିଜିଲାନ୍ସ ଅଧିକାରୀଙ୍କ ଠାରୁ ସୂଚନା ମିଳିଛି। ଘଟଣାଟି ଘଟିଛି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ଥାନାରେ।ସୂଚନା ଅନୁସାରେ ଗତ କିଛି ଦିନ ପୂର୍ବ ଦଶମନ୍ତପୁର ବ୍ଲକ ଅଞ୍ଚଳର ଜଣେ ଯୁବତୀଙ୍କୁ ଏହି ବ୍ଲକ ଅନ୍ତର୍ଗତ ପୋଡ଼ାଗଡ ପଞ୍ଚାୟତ ଅଧୀନସ୍ଥ ଛଟା ଗୁଡା ଗାଁର ରାମେଶ୍ୱର ବିଶୋଇ ବିବାହ ପ୍ରତିଶ୍ରୁତି ଦେଇ ଶାରିରୀକ ସଂପର୍କ ରଖି ଆସୁଥିଲେ। ଯୁବତୀ ଜଣକ ବିବାହ କରି ଘରକୁ ନେବାକୁ ପ୍ରେମିକକୁ କହିଥିଲେ। କିନ୍ତୁ ଅଭିଯୁକ୍ତ ପ୍ରେମିକ ବିବାହ ପାଇଁ ରୋକ୍ ଠୋକ୍ ମନା କରିବା ଦ୍ୱାରା ପ୍ରେମିକା ଥାନାର ଦ୍ୱାରସ୍ଥ ହୋଇଥିଲେ। ହେଲେ ଯୁବତୀଙ୍କୁ ଥାନା ଅଧିକାରୀ ସୁକୁମା ହାଁସଦା ନ୍ୟାୟ ଦେବା ପରିବର୍ତ୍ତେ ୨୦ ହଜାର ଟଙ୍କା ଲାଞ୍ଚ ମାଗି ଥିଲେ। ଗରିବ ପରିବାରର ଝିଅ ହୋଇଥିବାରୁ ଏନେଇ ପୀଡିତା ଜଣେ ସମ୍ପର୍କୀୟଙ୍କୁ ଜଣାଇଥିଲେ। ଏହାପରେ ପରିବାର ଲୋକ ଭିଜିଲାନ୍ସର ଆଶ୍ରୟ ନେଇଥିଲେ। ସମ୍ପର୍କୀୟ ସୁରେଶ ସୁବୁଦ୍ଧିଙ୍କୁ ଠାରୁ ନଗଦ ୨୦ ହଜାର ଟଙ୍କା ନେଇ ଥାନାରେ ପହଞ୍ଚିଥିଲେ ପୀଡିତା। ଥାନା ଅଧିକାରୀ ସୁକୁମା ହାଁସଦା ଲାଞ୍ଚ ନେବା ବେଳେ ଥାନା କାର୍ଯ୍ୟାଳୟରେ ମାଡ଼ି ବସିଲା ଭିଜିଲାନ୍ସ ଟିମ୍। ଆବଶ୍ୟକ ତଥ୍ୟ ଥାନା ଅଧିକାରୀ ଠାରୁ ସଂଗ୍ରହ କରି, ଜୟପୁର ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇ ଥିବା ଜଣାପଡିଛି।

### ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# ୩୦ ହଜାର ପୃଷ୍ଠାର ଚାର୍ଜସିଟ୍ ଦାଖଲ

ବ୍ରହ୍ମପୁର, ୪।୧ : ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାକୁ ନେଇ ବ୍ରହ୍ମପୁର ଏସଡିଜେଏମ କୋର୍ଟରେ ଚାର୍ଜସିଟ୍ ଦାଖଲ କଲା ବୈଦନାଥପୁର ପୁଲିସ। ପ୍ରାୟ ୩୦ ହାଜର ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଛି ପୁଲିସ। ଡିସେମ୍ବର ୯ରେ ମାମଲାର ସିଡି ଦାଖଲ କରିଥିଲା ପୁଲିସ। ସୂଚନାଯୋଗ୍ୟ ଯେ ଆଇନଜୀବୀ ପୀତବାସ ପଣ୍ଡା ବୈକୁଣ୍ଠନଗରସ୍ଥିତ ଘରୁକୁ ଆସୁଥିବା ବେଳେ ଅକ୍ଟୋବର ୬ ତାରିଖରେ ତାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୁଲିସ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ବ୍ରହ୍ମପୁରର ପୂର୍ବତନ ମେୟର ଶିବଶଙ୍କର ଦାସ ଓରଫ ପିଣ୍ଟୁ ସମେତ ୧୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ସମ୍ବଲପୁରରେ ୭ କୋଟିରୁ ଅଧିକ ଟଙ୍କା ମଦ ବିକ୍ରି

ସମ୍ବଲପୁର,୪।୧(ନି.ପ୍ର.): ନୂଆବର୍ଷରେ ସମ୍ବଲପୁର ଜିଲ୍ଲାରେ ୭ କୋଟି ୨୦ ଲକ୍ଷ ୨୭ ହଜାର ୭୨୦ ଟଙ୍କାର ମଦ ବିକ୍ରି ହୋଇଛି। ଯାହାକି ଗତ ନୂଆବର୍ଷ ଏବଂ ସାଧାରଣ ଦିନଠାରୁ ଅଧିକ ବୋଲି କହିଛନ୍ତି ଅବକାରୀ ନିରୀକ୍ଷକ ଭୈରବ ସାହୁ। ପୁଷପୁନି ଅବସରରେ ଡିସେମ୍ବର ୩ରେ ମଧ୍ୟ ବ୍ୟାପକ ପରିମାଣରେ ମଦ ବିକ୍ରି ହୋଇଛି।

ଅବକାରୀ ବିଭାଗର ସୂଚନା ଅନୁସାରେ, ସମ୍ବଲପୁର ଜିଲ୍ଲାରେ ଲାଇସେନ୍ସପ୍ରାପ୍ତ ୩୧ଟି ଦୋକାନ ରହିଛି। ଡିସେମ୍ବର ୨୫ରୁ ୩୧ ତାରିଖ ମଧ୍ୟରେ ୪.୯୯ କୋଟି ଟଙ୍କା ମୂଲ୍ୟର ୪୯ ହଜାର ୯୮୦ ଲିଟରର ଭାରତୀୟ ପ୍ରସ୍ତୁତ ବିଦେଶୀ ମଦ ସର୍ବାଧିକ, ୧.୬୪ କୋଟି ଟଙ୍କାର ୧.୦୯ ଲକ୍ଷ ଲିଟରର ଦେଶୀ ମଦ ଏବଂ ୫୬.୪୧ ଲକ୍ଷ ଟଙ୍କାର ୨୪ ହଜାର ୫୩୦ ଲିଟରର ବିୟର ବିକ୍ରି ହୋଇଛି।

ଡିସେମ୍ବର ୩୧ ତାରିଖ ସନ୍ଧ୍ୟା ୬ଟାରୁ ୧ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦୋକାନ ବନ୍ଦ ଥିବା ସତ୍ତ୍ୱେ ଏତିକି ପରିମାଣରେ ମଦ ବିକ୍ରି ହୋଇଛି। ସାଧାରଣ ଦିନରେ ହାରାହାରି ୭୦ରୁ ୮୦ ଲକ୍ଷ ଟଙ୍କାର ମଦ ବିକ୍ରିହୋଇଥାଏ। କିନ୍ତୁ ୨୫ରୁ ୧ ତାରିଖ ମଧ୍ୟରେ ଏହା ଢେର ଅଧିକକୁ ଅତିକ୍ରାନ୍ତ କରିଛି। ଏଥିସହିତ ଜିଲ୍ଲାରେ ବଢୁଥିବା ନିଶା କାରବାରର ଭୟଙ୍କର ରୂପ ଦେଖିବାକୁ ମିଳିଛି। ଡିସେମ୍ବର ୩୦ ଏବଂ ୩୧ ତାରିଖରେ ଦୋକାନମାନଙ୍କରେ ସବୁ ବର୍ଗର ଗ୍ରାହକମାନଙ୍କ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳିଥିଲା। ଏପରିକି ସ୍କୁଲ, କଲେଜ ବିଦ୍ୟାର୍ଥୀମାନେ ଏଥିରୁ ବାଦ୍ ପଡି ନାହାନ୍ତି। କେତେକ ହଷ୍ଟେଲରେ ଉଭୟ ଦିନ ଅନେକ ପିଲା ମାତାଲ ଅବସ୍ଥାରେ ଥିବା



ଦେଖିବାକୁ ମିଳିଥିଲା।ନୂଆବର୍ଷର ଦୋକାନ ବନ୍ଦକୁ ଦୃଷ୍ଟିରେ ରଖି ଅନେକ ପରିମାଣରେ ମଦ ଅନ୍ୟତ୍ର ଜମାକରି ରଖିଥିଲେ। ବଡ଼ ହୋଟେଲମାନଙ୍କରେ ନୂଆବର୍ଷ ଉତ୍ସବ ପାଳନ ନାମରେ ସମ୍ଭ୍ରାନ୍ତ ବର୍ଗରେ ମଦ ବିକ୍ରି ହିଁ ବ୍ୟାପକ ହୋଇଛି। ବସ୍ତି ଅଞ୍ଚଳରେ ସାଧାରଣ ଦିନ ଅପେକ୍ଷା ଡିସେମ୍ବର ୩୧ ଏବଂ ଶନିବାର ପୁଷପୁନିରେ ଲୋକଙ୍କ ମଧ୍ୟରେ ମଦ୍ୟପାନ କାହିଁରେ କେତେ ବିଛି। ଯାହାର ଫଳକ ଏହି ବିକ୍ରି ପରିସଂଖ୍ୟାନରୁ ସ୍ପଷ୍ଟ ହୋଇଛି।

# ଆମ୍ ବସ୍ ଧକ୍କାରେ ଅଟୋ ଚାଳକ ମୃତ୍ୟୁ ଘଟଣା

ଭୁବନେଶ୍ୱର,୦୪।୦୧(ନି.ପ୍ର.): ଆମ୍ ବସ୍ ଧକ୍କାରେ ଅଟୋ ଚାଳକ ମୃତ୍ୟୁ ଘଟଣା। ଚନ୍ଦ୍ରଶେଖରପୁର ଆମ ବସ୍ ଡିପୋ ଘେରାଉ କଲେ ସ୍ମାର୍ଟ ସିଟି ଅନଲାଇନ୍ ଅଟୋ ମହାସଂଘ । ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ଅଟୋ ମହାସଂଘର ଆନ୍‌ଦୋଳନ। ଗେଟ୍ ଆଗରେ ସଂଘର କର୍ମକର୍ତ୍ତାଙ୍କ ନାରାବାଜି। ରାସ୍ତା ଉପରେ ଅଟୋ ରଖି ସଂଘ ପ୍ରତିବାଦ କରିଛି। ବସ୍ ଚକା ତଳେ ଶୋଇ ବିକ୍ଷୋଭ ପ୍ରଦର୍ଶନ କଲା ସଂଘ। ସେପଟେ ପୁଣି ଭୁବନେଶ୍ୱର ଓମ୍‌ଫେଡ୍ ଛକରେ ପୁଣି ସିରିଜ ଦୁର୍ଘଟଣା ହୋଇଛି । ରାସ୍ତା ଜାମ୍ ଯୋଗୁ ଫସିଲା ଶହଶହ ଗାଡ଼ି।

# ଟେଣ୍ଡର ପ୍ରକ୍ରିୟାରେ 'ନେଗେଟିଭ୍ ବିଡ୍ କ୍ୟାପ୍' ବ୍ୟବସ୍ଥା ଉଚ୍ଛେଦ

ଭୁବନେଶ୍ୱର,୪।୧(ନି.ପ୍ର.): ଟେଣ୍ଡର ପ୍ରକ୍ରିୟାରେ 'ନେଗେଟିଭ୍ ବିଡ୍ କ୍ୟାପ୍' ବ୍ୟବସ୍ଥା ଉଚ୍ଛେଦ କରିଛନ୍ତି ରାଜ୍ୟ ସରକାର । ରାଜ୍ୟରେ ସରକାରୀ କାର୍ଯ୍ୟର ସଫଳ ରୂପାୟନ ଏବଂ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଓଡ଼ିଶା ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି । ପୂର୍ବରୁ ପ୍ରଚଳିତ ଥିବା ୧୪.୯୯% ର 'ନେଗେଟିଭ୍ ବିଡ୍ କ୍ୟାପ୍' ବ୍ୟବସ୍ଥାକୁ ସରକାର ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରିଛନ୍ତି ରାଜ୍ୟ ସରକାର । ଏହା ବଦଳରେ ଏବେ ଏକ ନୂତନ ଇନକ୍ରିମେଣ୍ଟାଲ୍ ଆଡିସନାଲ୍ ପରଫରମାନ୍ସ ସିକ୍ୟୁରିଟି ବା ଏପିଏସ ବ୍ୟବସ୍ଥା ଲାଗୁ କରାଯାଇଛି । ଏହି ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ ପକ୍ଷରୁ ଗତକାଲି ବିଜ୍ଞପ୍ତି ଜାରି କରାଯାଇଛି ।

ପ୍ରକଳ୍ପ କାର୍ଯ୍ୟ କ୍ରୟ ପାଇଁ ଏକ ନୂତନ ବୃଦ୍ଧିଶୀଳ ଅତିରିକ୍ତ କାର୍ଯ୍ୟଦକ୍ଷତା ସୁରକ୍ଷା ବ୍ୟବସ୍ଥା ପ୍ରଚଳନ କରାଯାଇଛି । ଏହି ପଦକ୍ଷେପ ଦ୍ୱାରା ଠିକାଦାରମାନଙ୍କ ମଧ୍ୟରେ ଆର୍ଥିକ ସଙ୍କଟର ଚିନ୍ତାକୁ ଦୂର କରିବା ସହିତ ପ୍ରକଳ୍ପ କାର୍ଯ୍ୟଦକ୍ଷତାକୁ ସୁନିଶ୍ଚିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।ଏଥିରେ ସଫଳ ନିଲାଧାରୀମାନଙ୍କ ଆବଶ୍ୟକ ବିଡ୍ ପରିମାଣ ଆନୁମାନିକ ମୂଲ୍ୟଠାରୁ କମ୍ ? । ଇଚଝର ବିଭକ୍ତିକରଣ, ୫% ରୁ ତଳେ ରହିଲେ, କୌଣସି ଅତିରିକ୍ତ କାର୍ଯ୍ୟଦକ୍ଷତା ସୁରକ୍ଷା ଆବଶ୍ୟକ ନାହିଁ । ୫% ଏବଂ ତା'ଠାରୁ ଅଧିକ ହେଲେ ୧୦% ତଳେ ରହିଲେ: ବିଡରଙ୍କୁ ଆନୁମାନିକ ମୂଲ୍ୟ ଏବଂ ବିଡ୍ ପରିମାଣ ମଧ୍ୟରେ ପାର୍ଥକ୍ୟର ୫୦% ଏପିଏସ୍ ଭାବରେ ଜମା କରିବାକୁ ପଡିବ ।୧୦% ଏବଂ ତା'ଠାରୁ ଅଧିକ ରହିଲେ: ବିଡରଙ୍କୁ ଆନୁମାନିକ ମୂଲ୍ୟ ଏବଂ ବିଡ୍ ପରିମାଣ ମଧ୍ୟରେ ପାର୍ଥକ୍ୟର ୧୫୦% ଏପିଏସ୍ ଭାବରେ ଜମା କରିବାକୁ ପଡିବ । ସଫଳ ବିଡରଙ୍କୁ ଏପିଏସ୍ ଗ୍ରହଣ ପତ୍ର ଜାରି ହେବାର ସାତ ଦିନ ମଧ୍ୟରେ (ଟିଡିଆର) କିମ୍ବା ଭାରତର ଯେକୌଣସି ଜାତୀୟକରଣ/ଅନୁସୂଚିତ ବ୍ୟାଙ୍କରୁ ଏକ ବ୍ୟାଙ୍କ ଗ୍ୟାରେଣ୍ଟି ଭାବରେ ଦାଖଲ କରିବାକୁ ପଡିବ । ଏହା ପାଳନ ନ କଲେ ବିଡ୍ ବାତିଲ ହେବ, ବିଡ୍ ସିକ୍ୟୁରିଟି ବାଜ୍ୟାପ୍ତ ହେବ ଏବଂ ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରାଯିବାର ସମ୍ଭାବନା ରହିଛି ।

# ମୋଟଙ୍ଗା ପଥର ଖଣିରେ ବଡ ବିସ୍ଫୋରଣ; ୨ ଶ୍ରମିକ ମୃତ

ଢେଙ୍କାନାଳ,୪।୧(ନି.ପ୍ର.): ଢେଙ୍କାନାଳ ମୋଟଙ୍ଗା ଥାନା ଅନ୍ତର୍ଗତ ଗୋପାଳପୁର ଗାଁ ନିକଟସ୍ଥ ପଥରଖଣି ରେ ଭୟଙ୍କର ବିସ୍ଫୋରଣ ହୋଇଛି । ବିସ୍ଫୋରଣ ସମୟରେ ଖଣିର ମାଟି ଓ ପଥର ଅତଡା ଖସି ଯିବାରୁ କିଛି ଶ୍ରମିକ ଚାପି ହୋଇ ଯାଇଥିଲେ । ଖବରପାଇ ଘଟଣାସ୍ଥଳରେ ତିନି ଘଣ୍ଟା ବିଳମ୍ବରେ ପହଞ୍ଚିଥିଲା ମୋଟଙ୍ଗା ପୋଲିସ ଓ ଓଡାପଡା ତହସିଲଦାର । ରାତି ହୋଇଯିବାରୁ ଘଟଣାରେ ମୃତାହତଙ୍କ ସମ୍ପର୍କରେ ଅନୁସନ୍ଧାନ କରିବାରେ ସକ୍ଷମ ହୋଇ ପାରିନଥିଲା ପୋଲିସ କିମ୍ବା ପ୍ରଶାସନ। ବର୍ତ୍ତମାନ ୨ ଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଶ୍ରମିକ ପଥର ତଳେ ଚାପି ହୋଇ ରହିଥିବା ସନ୍ଦେହ କରାଯାଉଛି । ଘଟଣା ସ୍ଥଳରେ ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର, ହିନ୍‌ଦୋଳ



ଉପଜିଲ୍ଲାପାଳ, ଓଡାପଡା ତହସିଲଦାର, ମୋଟଙ୍ଗା ପୁଲିସ ପହଞ୍ଚି ଖଣି ମଧ୍ୟରେ ନିରୀକ୍ଷଣ କରିବା ସହିତ ତଦନ୍ତ ଆରମ୍ଭ ଜାରି ରଖିଛନ୍ତି। ତେବେ ସମ୍ପୃକ୍ତ ଖଣିଟିର ଲିଜ ୨୦୨୫ ମସିହା ଡିସେମ୍ବର ମାସରୁ ଶେଷ ହୋଇଥିବା ବେଳେ ବ୍ଲାଷ୍ଟିଂ ଅନୁମତି ୨୦୨୪ ମସିହା ଅଗଷ୍ଟ ମାସରୁ ଶେଷ ହୋଇଛି। ତେବେ ଖଣିଟି ଦୀର୍ଘ ଦିନ ଧରି ବେଆଇନ ଭାବେ ଚାଲି ଆସୁଥିଲା।ଯାହାକୁ ନେଇ ଖଣି ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା। ଫଳରେ ଏତେ ବଡ଼ ଦୁର୍ଘଟଣା ସାମ୍ନାକୁ ଆସିଛି। ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ,ଓଡ୍ରାଫ ଟିମ, ଦୁଇଟି ପିସି ମେସିନ ଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି ରହିଛି। ତେବେ ପଥର ଗୁଡିକ ସଫା କରିବା ପରେ ମୃତ୍ୟୁ ସଂଖ୍ୟା ସ୍ପଷ୍ଟ ହେବ। ଏ ନେଇ ଜୋରଦାର ଭାବେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।



# ଡେଲାଙ୍ଗର ଶିକ୍ଷାବିତ ଗଙ୍ଗାଧର ବରାଳଙ୍କୁ ପୁରୀ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଦାୟିତ୍ୱ

ଡେଲାଙ୍ଗ,୪।୧:(ମନ୍ଥନ) ପୁରୀ ଜିଲ୍ଲା ବିଜେପି ସଭାପତି ରାଜ୍ୟ ସଭାପତିଙ୍କ ଅନୁମୋଦନ କ୍ରମେ ତାଙ୍କ ଟିମ ପୁନର୍ଗଠନ କରିଛନ୍ତି । ପିପିଲି ବିଧାନ ସଭା ନିର୍ବାଚନ ମଣ୍ଡଳୀର ବିଜେପି ସଂଯୋଜକ ଭାବେ ଦୀର୍ଘ ବର୍ଷ କାର୍ଯ୍ୟ କରିଥିବା ଡେଲାଙ୍ଗ ଅଂକଳର ଶିକ୍ଷାବିତ ଗଙ୍ଗାଧର ବରାଳଙ୍କୁ ପୁରୀ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି । ଶ୍ରୀ ବରାଳ ଜଣେ ଉଚ୍ଚ ଶିକ୍ଷିତ ଓ ଉଚ୍ଚ ଶିକ୍ଷା ପ୍ରସାର କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ସମ୍ପୃକ୍ତି ରହିଛି । ଗଙ୍ଗାଧର ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଥିବାରୁ ଡେଲାଙ୍ଗ ଓ ପିପିଲି ବିଜେପି କର୍ମୀ, ସମର୍ଥକ, ଶୁଭେଚ୍ଛୁ ମହଲରେ ଉତ୍ସାହ ଦେଖାଦେଇଛି । ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ରଙ୍କ ସମେତ ବିଭିନ୍ନ ମଣ୍ଡଳ କାର୍ଯ୍ୟକର୍ତାମାନେ ଶ୍ରୀ ବରାଳଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଦଳ ଓ ନେତାଙ୍କର ତାଙ୍କ ପ୍ରତି ଆସ୍ଥା ରହିଥିବାରୁ ବିକଶିତ ଓଡିଶା, ବିକଶିତ ଭାରତ ଗଠନ ପାଇଁ ସେହି ଆସ୍ଥା ସେ ଅତୁଟ ରଖିବାକୁ ଉଦ୍ୟମ ଜାରି ରଖିବେ ବୋଲି ନିଜ ଶ୍ରୀ ବରାଳ କହିଛନ୍ତି ।

# ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା,୪।୧:(ମନ୍ଥନ)ଆଧୁନିକ ଓଡିଶାର ନିର୍ମାତା, ମହାନ ରାଜନୀତିଜ୍ଞ, ସାମ୍ବାଦିକ, ସାହିତ୍ୟିକ, ଦୂରଦର୍ଶୀ ରାଜନେତା ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ଜନ୍ମ ଶତବାର୍ଷିକୀ ଅବସରରେ କେନ୍ଦ୍ରାପଡାରେ ଜାନକୀବଲ୍ଲଭ ସ୍ମୃତି ପରିଷଦ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କେନ୍ଦ୍ରାପଡା ସହରର ପୂର୍ତ୍ତ ଡିଭିଜନ ସମ୍ମୁଖରେ ଥିବା ସ୍ୱର୍ଗତ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସମାରୋହ କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ ଯୋଗଦେଇ କହିଲେ ସ୍ୱର୍ଗତ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ସୀମିତ ବଜେଟରେ କଟକରେ ରିଂବନ୍ଧ ନିର୍ମାଣ, ଇନଡୋର ଷ୍ଟାଡିୟମ, ଓଭରବ୍ରିଜ, ଜଗତପୁର ଓ ମଧୁପାଟଣାରେ ଶିଳ୍ପାଞ୍ଚଳ ପ୍ରତିଷ୍ଠା, ଏସିଆର ସର୍ବବୃହତ ଆଲୁମିନିୟମ ଶିଳ୍ପ ନାଲକୋର ପ୍ରତିଷ୍ଠା, ବଲାଙ୍ଗିରରେ ଗୁଳିଗୋଳା କାରଖାନା ପ୍ରତିଷ୍ଠା, ଓମଫେଡର ପ୍ରତିଷ୍ଠା ଭଳି ବହୁ ଉନ୍ନତିମୂଳକ କାର୍ଯ୍ୟ କରିଯାଇଛନ୍ତି। ଏସବୁ ତାଙ୍କୁ ଅମର କରିରଖିଛି ବୋଲି ଶ୍ରୀ ଖଟୁଆ କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ମୃତି କମିଟି ସମ୍ପାଦକ ମୁକ୍ତାର ଖାଁ, ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ ଦାସ, ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, ଜ୍ଞାନରଞ୍ଜନ ମହାନ୍ତି, ଆକବର ଅଲ୍ଲୀ, ଉମାଶଙ୍କର ଜେନା, ଶିକ୍ଷାବୀତ ଡ. ଚୈତନ୍ୟ ଚରଣ ପରିଡା, କୁଳମଣି ନାୟକ, ବିଧୁଭୂଷଣ ମହାପାତ୍ର, ପ୍ରଫୁଲ୍ଲ ସାହୁ, ସୌମେନ୍ଦ୍ର ପୃଷ୍ଟି, ସିଦ୍ଧାର୍ଥଶଙ୍କର ଜେନା, ନଗର ବିଜେଡି ସଭାପତି ଯଯାତିକେଶରୀ ମହାନ୍ତି, ଶ୍ରୀଧର ନାଥ, ବିଜୟ ସାହୁ, ଅବଧୂତ ରାଉତ, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ଶରତ ବେହୁରା, ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭଳ, କାଉନସିଲର ରମେଶ ଚନ୍ଦ୍ର ଦାସ, ଅଶୋକ ପ୍ରତିହାରୀ, ସୟଦ ଇସମାଇଲ ହୋସେନ, ଉମେଶ ପାଢୀ, ରୋହିତ ରାଉତ, ବିଜୟ ନାୟକ, ଦେବପ୍ରସାଦ ପାଣି, ବିବେକାନନ୍ଦ ସାମନ୍ତରାୟ, କିଶୋର କୁମାର ନାଥ, ଲକ୍ଷ୍ମୀକାନ୍ତ ଦାଶ, ସୁବାସ ସାହୁ, ମଳୟ ଦାସ, ରତିକାନ୍ତ ସାମଲ, ଆଶିଷ ଲେଙ୍କା ପ୍ରମୁଖ ଶତାଧିକ ଦଳୀୟ ନେତା, କର୍ମୀ, ବିଭିନ୍ନ ଦଳର କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଅଣସଂଗଠିତ ଶ୍ରମିକ ଙ୍କୁ ସାମାଜିକ ସୁରକ୍ଷା ଯୋଜନାର କାର୍ଯ୍ୟକ୍ରମ

କୋରାପୁଟ,୪।୧:(ମନ୍ଥନ)ଭାରତ ସରକାରଙ୍କ ଅଣସଂଗଠିତ କର୍ମଚାରି ନୂତନ ୫୦ ବର୍ଗଙ୍କୁ ମିଳିତ ସାମାଜିକ ସୁରକ୍ଷା, ଏହାକୁ ନେଇ ଶ୍ରମ ବିଭାଗ ଓ ମୁନିସପାଲଟିର ଏକ ମିଳିତ ବୈଠକ ସୁନାବେଡା ପୌରପରିଷଦ ସଭାଗୃହ ଠାରେ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମ ସୁନାବେଡା



ମୁନିସପାଲଟି ନଗରପାଳ ଡଃ. ରାଜେନ୍ଦ୍ର କୁମାର ପାତ୍ର ଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା। ଆୟୋଜିତ ସଭାରେ ସୁନାବେଡା ମୁନିସପାଲଟି କାର୍ଯ୍ୟନିର୍ବାହି ଅଧିକାରି ସୁଜିତ ଚୌଧୂରି,ସହକାରି ଶ୍ରମ ଅଧିକାରି ଜୟପୁର, ସୁନାବେଡା ସରକାରି ସ୍ୱାସ୍ଥ୍ୟ ବିଭାଗୀୟ କର୍ମଚାରି, ସ୍ୱଚ୍ଛସାଥୀ, ସୁପରଭାଇଜର, ଆଶାକର୍ମି, ସି.ପି.ଏମ ସଂଗୀତା ସିଂ ପ୍ରଣବି ମହାଁ,ସୋଭାଗନ ଗୌଡ, ହାଡିବନ୍ଧୁରାଉଳ ଙ୍କ ସମେତ ମୁନିସପାଲଟିର ଅନ୍ୟାନ୍ୟ କର୍ମଚାରି ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ୧୦୦ ରୁ ଉର୍ଦ୍ଧ କର୍ମଚାରି ଉପସ୍ଥିତ ରହିଥିଲେ। ପୁଣି ଆସ'। ୬ ତାରିଖରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଶ୍ରମିକ ମାନଙ୍କୁ ଏହି ସୁବିଧା ଯୋଗାଇବାରେ ସହାୟତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ସୁଚନା ମିଳିଛି। ଅନୁଷ୍ଠିତ ସଭାରେ ଶ୍ରମିକମାନଙ୍କ ସୁବିଧା ରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ରାସନ କାର୍ଡ, ଆୟୁସ୍ମାନ କାର୍ଡ ଉପରେ ଗୁରୁତ୍ୱ ଦିଆଯାଇଥିଲା। ୫୦ ବର୍ଗର ଅଣସଂଗଠିତ କର୍ମଚାରିଙ୍କୁ ମିଳିବ ସୁବିଧା ସୁଯୋଗ ଆୟୋଜିତ ସଭାରେ ସୂଚନା ଦିଆଯାଇଥିଲା।

# ସଙ୍ଗଠନ ମଜବୁତ ପାଇଁ ନୂତନ ବର୍ଷରେ ବିଜେପିର ଶପଥ

ମୋରଡ଼ା,୪।୧:(ମନ୍ଥନ)ସଙ୍ଗଠନ କିପରି ତୃଣମୂଳ ସ୍ତରରେ ମଜବୁ ରହିବ ମୟୂରଭଞ୍ଜ ଜିଲ୍ଲା ବିଜେପି ଶୁଳିଆପଦା ମଣ୍ଡଳ ପକ୍ଷରୁ ଇଂରାଜୀ ନୂତନ ବର୍ଷରେ ନେତୃବୃନ୍ଦ ଏକତ୍ରିତ ହୋଇ ଶପଥ ନେଇଛନ୍ତି । ଏହି ନୂତନ ବର୍ଷରେ ଏକ ମନ ଏକ ପ୍ରାଣ ହୋଇ ତୃଣମୂଳ ସ୍ତରରେ ଲୋକଙ୍କ ସମସ୍ୟା ଓ ସରକାରୀ ଯୋଜନା ପହଞ୍ଚିପାରିବ ସେନେଇ ମଣ୍ଡଳ ସଭାନେତ୍ରୀ ପ୍ରଭାତୀ ସେଠୀ ଆଲୋକପାତ କରିଥିଲେ । ପରସ୍ପରକୁ ମିଠା ଖୁଆଇ ନୂତନ ବର୍ଷ ପାଳନ କରୁଥିଲେ । ମୟୂରଭଞ୍ଜ ଲୋକସଭା ସାଂସଦ ଙ୍କ ବ୍ଲକ ପ୍ରତିନିଧି ଭାଗବତ ମାରାଣ୍ଡି,ବ୍ଲକ ଉପାଧ୍ୟକ୍ଷ ଜ୍ୟୋତିଲାଲ ବାରିକ,ମଣ୍ଡଳ ସାଧାରଣ ସମ୍ପାଦକ ଅମୂଲ୍ୟ ସି, ସମ୍ପାଦକ ଜଗଦୀଶ ସିଂହ, ପୂର୍ବତନ ମଣ୍ଡଳ ସାଧାରଣ ସମ୍ପାଦକ କାଳୀଚରଣ ଦାସ, ବ୍ଲକ ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତ୍ସ୍ନା ପଣ୍ଡା ଓ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ରତ୍ନାକର ବାଗ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟନୀ ମ୍ୟାଚରେ ଖୁଦପେଜକୁ ହରାଇ ବରତୁଣ୍ଡା ବିଜୟୀ

ବଙ୍ଗୋମୁଣ୍ଡା,୪।୧:(ମନ୍ଥନ) ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ କପିଲାଭଟା ଓ ତାଳଭଟା ଗ୍ରାମର ମିଳିତ ଆନୁକୂଲ୍ୟରେ ରେ ତୃତୀୟ ତମ ରତ୍ନାକର ବାଗ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଉଦଘାଟନୀ କାର୍ଯ୍ୟକ୍ରମ ପୂର୍ବରୁ ସ୍ୱର୍ଗତ ରତ୍ନାକର ବାଗ ଙ୍କ ଘରୁ ପୂଜାର୍ଚ୍ଚନା କରାଯିବା ପରେ କପିଲାଭଟା ଗାଁର ଅଧିଷ୍ଠାତ୍ରୀ ଦେବୀ ମାଁ ସାହାଜିକଟେନ ଙ୍କ ପୀଠ ରେ ପୂଜାର୍ଚ୍ଚନା କରାଯାଇ ମଶାଲ କୁ ଗ୍ରାମ ପରିକ୍ରମା କରି ଖେଳପଡ଼ିଆ ରେ ସ୍ଥାପନ କରାଯାଇଥିଲା । ଆୟୋଜକ କମିଟି ର ସଭାପତି ହୁଲେଶ୍ୱର ହଂସ ଙ୍କ ସଭାପତିତ୍ୱରେ ଆୟୋଜକ କମିଟି ର ସଭାପତି ମୁଖ୍ୟ ଅତିଥି ଭାବେ ବେଳପଡା ବ୍ଲକ ଏଡିଇଓ ସଂଘ ସଭାପତି ପୃଥ୍ୱିରାଜ ବାଗ,ସମ୍ମାନୀୟ ଅତିଥି ଭାବେ ସମିତି ସଭ୍ୟ କେଦାର ଭୋଇ,ଯୁବ ନେତା ଅଶୋକ କୁମାର ବିଶି, ସମାଜସେବୀ ଦୁର୍ଦ୍ଦା ହଂସ,ମାଁ ସାହାଜି ଯୁବକ ସଂଘ ର ସଭାପତି ଜିତାମିତ୍ର ବିଶି,ଆଇ,ଇଭି ଜୟନ୍ତୀଲାଲ ହଂସ, ଯୁବ ବିଜେଡି ନେତା ତ୍ରିବିକ୍ରମ ବେହେରା, ମାଁ ସାହାଜି ଯୁବକ ସଂଘ ର ସମ୍ପାଦକ ପରମାନନ୍ଦ ଛତ୍ରୀଆ,ପୂର୍ବତନ ୱାର୍ଡ ମେମ୍ବର ବୀର ହଂସ, ଗିରିଗୋବର୍ଦ୍ଧନ ମହୋତ୍ସବ କମିଟି ର ସଭାପତି ମନମଥ ହଂସ,ସମ୍ପାଦକ ବିଷ୍ଣୁ ପ୍ରସାଦ ଗହିର, ହରିଶ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଶୁଭ ଉଦଘାଟନ କରିବା ସହ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଉଦଘାଟନୀ ମ୍ୟାଚ ରେ ଖୁଦପେଜ ଓ ବରତୁଣ୍ଡା ଦଳ ମଧ୍ୟରେ ଖେଳ ହୋଇଥିଲା । ଏଥିରେ ଖୁଦପେଜ କୁ ୨-୦ ଗୋଲ ରେ ପରାସ୍ତ କରି ବରତୁଣ୍ଡା ଦଳ ବିଜୟୀ ହୋଇଥିଲା । ରେଫରୀ ନିତେଶ ମାଝୀ ଖେଳ ପରିଚାଳନା କରିଥିବା ବେଳେ ଲାଇନ ରେ ବୈଷ୍ଣବ ତାଣ୍ଡି ଓ ନବୀନ ସରାଫ ସହଯୋଗ କରିଥିଲେ । ଅଭୟ ବାଗ ଧାରା ବିବରଣୀ ପ୍ରଦାନ କରିଥିଲେ । ଆୟୋଜକ କମିଟି ର ସଂଯୋଜକ ରାହୁଲ ବାଗ,ଉପସଭାପତି ତ୍ରିବିକ୍ରମ ବେହେରା, ସମ୍ପାଦକ ଆଶିଷ ବେହେରା, ସହ ସମ୍ପାଦକ ଗିରିଶ ଅଦା, କୋଷାଧ୍ୟକ୍ଷ ପ୍ରିୟରଞ୍ଜନ ହଂସ, ଉପଦେଷ୍ଟା ଅଶୋକ କୁମାର ବିଶି,ପରମାନନ୍ଦ ଛତ୍ରିଆ,ସଦସ୍ୟ ଓମକାର ବାଗ,ସୁମିତ ଜାଲ,ଧର୍ମେନ୍ଦ୍ର ଦାସ,ସନ୍ତୋଷ ହଂସ ସହ ବହୁ ସଦସ୍ୟ ମାନେ ସହଯୋଗ କରିଥିଲେ ।

# ବିଦ୍ୟୁତ୍ ତାର ଛୁଇଁ ଚାଲିଗଲା ଅଢେଇ ବର୍ଷର ପୁଅ ଶିଶୁ ପୁତ୍ରର ଜୀବନ

ଯାଜପୁର,୪।୧:(ମନ୍ଥନ) ଶିମିଲିଆ ପଞ୍ଚାୟତ ତାଳ ପଦା ଗ୍ରାମର ରାକେଶ ସାହୁ ଓ ନିରୁପମା ସାହୁଙ୍କର ପୁଅ ଓଁମ ପ୍ରକାଶ ସାହୁ ବାଡ଼ିରେ ସକାଳେ ଖେଳୁଥିବା ସମୟରେ ବାଡ଼ିରେ ପଡ଼ିଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଚାଲିଗଲା ଶିଶୁ ପୁତ୍ରର ଜୀବନ। ପରିବାର ପକ୍ଷରୁ ଅଭିଯୋଗ ଯେ ପଡୋଶୀ ମାନସ ରଞ୍ଜନ ପଣ୍ଡା ନିଜ ବାଡ଼ିରେ ଧାନ ଖଳାରେ ଧାନ ମେସିନ ଲଗାଇ ଧାନ ବାଡ଼ାଉ ଥିଲେ। ସେ ବିଦ୍ୟୁତ୍ ଟ୍ରାନ୍ସଫରମର ରୁ ତାର ଟାଣିଥିଲେ। ଏହି ତାର ରାକେଶ ସାହୁଙ୍କ ବାଡି ଦେଇ ଯାଇଥିଲା। ପାଖାପାଖି ୭୦୦ ମିଟର ତାର ହୁକ୍ ପକା ଯାଇଥିଲା। ତାର ର ମଝିରେ ମଝିରେ ହକ୍କସଭଙ୍ଗ ଥିଲା। ପିଲାମାନେ ଜାଣି ନ ପାରି ତାର କୁ ଛୁଇଁ ଦେଇ ପାଟି କରିଥିଲେ। ପିଲାଙ୍କ ମା ଦୌଡ଼ିଆସି ପିଲାଙ୍କୁ ଧରିବାରୁ ତାଙ୍କୁ ବି କରେଣ୍ଟ ମରିଥିଲା। ପିଲାଙ୍କ ବାପା ଆସି ବାଡି ଦ୍ୱାରା ଉଦ୍ଧାର କରିଥିବା ବେଳେ ଶିଶୁ ପୁତ୍ରକୁ ବଂଚାଇ ପାରି ନ ଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଣିଥିବା ବେଳେ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ପରିବାର ପକ୍ଷରୁ ସଦର ଥାନାରେ ଲିଖିତ ଅଭିଯୋଗ ହୋଇଛି।

# ୫୨ ଗ୍ରାମ ଧଳା ଜହର ଜବତ, ୩ ଗିରଫ

ଯାଜପୁର,୪।୧:(ମନ୍ଥନ)ଯାଜପୁର ଅବକାରୀ ବିଭାଗ ପକ୍ଷରୁ ଯାଜପୁର ସହରର ବଲ୍ଲଭୀଘାଟ ନିକଟରୁ ଧଳା ଜହର ସହ ୩ ଜଣଙ୍କୁ କାବୁ କରାଯାଇଛି। ପେଟ୍ରୋଲିଂ ସମୟରେ ଯୁବକ ୩ ଜଣ ଦୌଡ଼ି ପଳାଉ ଥିବା ବେଳେ ଟିମ ଗୋଡ଼ାଇ ଧରିଥିଲେ। ପରେ ସେମାନଙ୍କ ପାଖରୁ ୫୨ ଗ୍ରାମ ଧଳା ଜହର ଜବତ କରାଯାଇଛି। ସେମାନେ ବ୍ୟବହାର କରୁଥିବା ବାଇକ ବି ଜବତ କରା ଯାଇଛି। ଧଳା ଜହରର ଆନୁମାନିକ ମୂଲ୍ୟ ୫ ଲକ୍ଷରୁ ଅଧିକା ରହିଛି। ଯାଜପୁର ସହର ରେ ଏପରି ଯୁବ ପିଢ଼ି ଧଳା ଜହର ମାୟା ରେ ପଡି ପଥଭ୍ରାଷ୍ଟ ହୋଉଛନ୍ତି। ଯୁବକମାନଙ୍କ ମଧ୍ୟରୁ ୨ ଜଣ ଟାଉନ ଥାନା ଅଂଚଳ ରୁ ହୋଇଥିବା ବେଳେ ଜଣେ ଭଦ୍ରକ ଅଞ୍ଚଳର।

# ପୂର୍ବତନ ବିଧାୟକ ସ୍ୱର୍ଗତ ଦୈତାରୀ ବେହେରାଙ୍କ ଷଷ୍ଠ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ

ଗଞ୍ଜାମ,୪।୧:(ମନ୍ଥନ)ଗଞ୍ଜାମ ବ୍ଲକ୍ ଅଧୀନସ୍ଥ ପୂର୍ବତନ ବିଧାୟକ ସ୍ୱର୍ଗତ ଦୈତାରୀ ବେହେରାଙ୍କ ଷଷ୍ଠ ଶ୍ରାଦ୍ଧ ବାର୍ଷିକୀ ନିଜ ଗ୍ରାମ ସୁବଳୟାସ୍ଥ ଗୋପାଳ କୃଷ୍ଣ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଯଥାକ୍ରମେ ଗଞ୍ଜାମ ବ୍ଲକ୍ ଅଧ୍ୟକ୍ଷା ଶ୍ରୀମତୀ ଶର୍ମିଷ୍ଠା ପ୍ରଧାନ,ପୂର୍ବତନ ବିଧାୟକ ଶ୍ରୀ ଅଶୋକ କୁମାର ଚୌଧୁରୀ,ବରିଷ୍ଠ ସାମ୍ବାଦିକ ଶ୍ରୀ ସୁଦର୍ଶନ ଛୋଟରାୟ, ଗୋପାଳ କୃଷ୍ଣ ଉଚ୍ଚ ମାଧ୍ୟମିକ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ ସି ଏଚ୍ ସୁଧାକର , ଗଞ୍ଜାମ ଜିଲ୍ଲା ବିଜେପି ସାଧାରଣ ସଂପାଦକ ଶ୍ରୀ ଅନିଲ ପଣ୍ଡା, ଦୁର୍ଯ୍ୟୋଧନ ରେଡ୍ଡୀ,ଅବସର ପ୍ରାପ୍ତ ଗଂଜାମ ଶିକ୍ଷା ଜିଲ୍ଲା ଅଧିକାରୀ ଶ୍ରୀ ନିରଞ୍ଜନ ତ୍ରିପାଠୀ, ଶ୍ରମିକ ନେତା ଶ୍ରୀ ଶଙ୍କର ଦାଶ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ହରିକୃଷ୍ଣ ରେଡ୍ଡୀ, କବି ପ୍ରଶାନ୍ତ ମହାନ୍ତି,ଅବସର ପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଶିକ୍ଷାଧିକାରୀ ଶ୍ରୀ ଲିଙ୍ଗରାଜ ସ୍ୱାଇଁ ଯୋଗ ଦେଇଥିଲେ । ଏହି ସ୍ମୃତି ଚାରଣ ସଭାରେ ପୂର୍ବତନ ଉପ ବାଚସ୍ପତି ଶ୍ରୀ ରାମ ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲା ବେଳେ ପ୍ରତିବର୍ଷ ଭଳି ଚଳିତ ବର୍ଷ ପାଇଁ ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ବିଜୟ କୁମାର ପଟ୍ଟନାୟକଙ୍କୁ ଦୈତାରୀ ପ୍ରତିଭା ସମ୍ମାନ- ୨୦୨୬ ରେ ସମ୍ମାନିତ କରାଯାଇଥିଲା । ସଭାର ଅବ୍ୟବହିତ ପୂର୍ବରୁ ଅତିଥି ମାନଙ୍କ ଦ୍ୱାରା ଗୋପାଳ କୃଷ୍ଣ ଉଚ୍ଚ ବିଦ୍ୟାଳୟ ଓ ଗୋପାଳ କୃଷ୍ଣ ଉଚ୍ଚ ମାଧ୍ୟମିକ ବିଜ୍ଞାନ ମହାବିଦ୍ୟାଳୟ ପରିସରସ୍ଥିତ ଶ୍ରୀ ବେହେରାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସ୍ମୃତି ଚାରଣ ସଭାର ପ୍ରାରମ୍ଭରେ ପୂଜ୍ୟ ପୂଜା ସ୍ମୃତି ପରିଷଦ ,ସୁବଳୟାର ସଭାପତି ତଥା ଅବସର ପ୍ରାପ୍ତ ଶିକ୍ଷାବିତ ଶ୍ରୀ ବିଜୟ କୁମାର ବିଶ୍ୱାଳ ଅତିଥି ମାନଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାର ଶୁଭାରମ୍ଭ କରା ଯାଇଥିଲା ।ଶିକ୍ଷକ ଶ୍ରୀ ଗଣେଶ ଚନ୍ଦ୍ର ଦଳ ବେହେରା ମନ୍ତ୍ର ପାଠ କରିଥିଲେ । ଛାତ୍ରୀ ମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ ପରେ ପରେ ଅତିଥି ମାନେ ସ୍ୱର୍ଗତ ବେହେରାଙ୍କ ସମାଜ ପ୍ରତି ଅବଦାନର ସ୍ମୃତି ଚାରଣ କରି ଥିଲେ । ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ଶ୍ରୀ ପଟ୍ଟନାୟକ ଜନ ସାଧାରଣଙ୍କୁ ଶ୍ରୀ ବେହେରାଙ୍କ ଉତ୍ସର୍ଗୀକୃତ ସେବା ମନୋଭାବରେ ଗଢି ତୋଳିବା ପାଇଁ ପରାମର୍ଶ ଦେଇଥିଲେ । ଜଣେ ସାଧାରଣ ବ୍ୟକ୍ତି ନିଜର କର୍ତ୍ତବ୍ୟ ନିଷ୍ଠା, ଅଧ୍ୟବସାୟ,ତ୍ୟାଗ, ତିତୀକ୍ଷା ଓ ସାଧନା ବଳରେ ସରପଞ୍ଚରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରି ଦୁଇ ଥର ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ବିଧାୟକ ହେବା ଆମ ପାଇଁ ପ୍ରେରଣା ଦାୟୀ ଅଟେ ବୋଲି ମୁଖ୍ୟ ଅତିଥି ମତ ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷାବିତ ବାନାମ୍ବର ପଲାଇ, ଗୋକୁଳ ଚନ୍ଦ୍ର ନାହାକ, ସମାଜ ସେବୀ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ବିଜୟ ବେହେରା, ନାରାୟଣ ନାହାକ ,ଭୀମସେନ ବେହେରା, ମହେଶ୍ୱର ବରାଡ, ସଞ୍ଜୟ ଜେନା, ଖଲ୍ଲିକୋଟ ପୂର୍ବତନ ଏନ୍ ଏ ସି ଅଧ୍ୟକ୍ଷ ରାମ ମୋହନ ପଣ୍ଡା ପ୍ରମୁଖ ସ୍ମୃତି ଚାରଣ କରି ଥିଲେ । ସଭା ଶେଷରେ ସମ୍ପାଦକ ଶ୍ରୀ ଅଶୋକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୂର୍ଚ୍ଛନା ଓ ଓକା ପକ୍ଷରୁ ଜାତୀୟ ସ୍ତରୀୟ ଶ୍ରୀକ୍ଷେତ୍ର ଲୋକକଳା ମହୋତ୍ସବ

କେନ୍ଦ୍ରାପଡ଼ା,୪।୧:(ମନ୍ଥନ)ଓଡ଼ିଶାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମୂର୍ଚ୍ଛନା ଓ ଓଡ଼ିଶା କଲଚର ଆର୍ଟ ଏକାଡେମୀ ପକ୍ଷରୁ ଜାତୀୟ ସ୍ତରୀୟ ଶ୍ରୀକ୍ଷେତ୍ର ଲୋକକଳା ମହୋତ୍ସବ ଅନ୍ନପୂର୍ଣ୍ଣା ଥିଏଟର ରଙ୍ଗ ମଞ୍ଚରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସଂଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ ଉତ୍ସବରେ ସଭାପତିତ୍ୱ କରିଥିବା ବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ବସନ୍ତ କୁମାର ଦାସ ଉତ୍ସବର ଆଭିମୁଖ୍ୟ ପ୍ରଦାନ କରିଥିଲେ। ତ୍ରୈମାସିକ ସାହିତ୍ୟ ଓ ସଙ୍ଗୀତ ପତ୍ରିକା ମୂର୍ଚ୍ଛନାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଡ. ତ୍ରିଲୋଚନ ବରାଳ, ମୁଖ୍ୟବକ୍ତା ଭାବେ ପୁରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ବିଶିଷ୍ଟ ଅତିଥି ଭାବେ ଓଡ଼ିଶାର ଲୋକପ୍ରିୟ ଗାୟକ ଅଞ୍ଜଳି ମିଶ୍ର ଓ ଜି ଟିଭି ବିଜେତା ଦେବାଂଶୀ ଦାଶ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଐତିହାସିକ ଓ ଗବେଷକ ଅନୀଲ ଧିର, ବିଶିଷ୍ଟ ସମାଜସେବୀ ଓ କଣ୍ଠଶିଳ୍ପୀ ସୁବାସ ପାଣି, ଓଡ଼ିଶା ହାଇକୋର୍ଟର ଆଇନଜୀବୀ ତାପସ କୁମାର ଦ୍ୱିବେଦୀ, ଭାଗବତ ଟୁଙ୍ଗି ପ୍ରଚାର ସମିତି ଓଡ଼ିଶାର ସଭାପତି ନଙ୍ଗୁଳି ବାବା, ଚଳଚ୍ଚିତ୍ର ପ୍ରଯୋଜକ ଓ ନିର୍ଦ୍ଦେଶକ ସୁବାସ ରଥ, ବ୍ୟଙ୍ଗକବି ତଥା ଓକାର ରାଜ୍ୟ ସଂଯୋଜକ ଡ. ସମ୍ପଦ ରଥ, ସିନେ ସଦସ୍ୟ ଓ ଆକାଶବାଣୀ ଦୂରଦର୍ଶନର ଗୀତିକାର ଇଂ ଅଭୟ କୁମାର ସୂତାର, ନିର୍ଦ୍ଦେଶକ ଓ ପ୍ରଯୋଜକ ଅଶୋକ ଶତପଥୀ, ବିଶିଷ୍ଟ ସମାଜସେବୀ ମୋହନ ଚରଣ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶାର ବିଭିନ୍ନ ପ୍ରକାର କଳାରେ ଲିପ୍ତ ଥିବା କଳାକାର ମାନଙ୍କୁ ଶ୍ରୀକ୍ଷେତ୍ର ରତ୍ନ ସମ୍ମାନ, ନୀଳଚକ୍ର ସମ୍ମାନ ଓ ଯୁଗଳବନ୍ଦୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗୀତ ମୂର୍ଚ୍ଛନା ଚ୍ୟାନେଲ ପ୍ରସ୍ତୁତି ଚାଲିଥିବା ୬ଟି ଗୀତ ଗୀତିକାର ଦମୟନ୍ତୀ ରାଉତଙ୍କ ଲେଖା ଓ ଦିନେଶ ବସନ୍ତ ଯୋଡ଼ି ସଙ୍ଗୀତ ନିର୍ଦ୍ଦେଶନାରେ 'ହେ ପ୍ରଭୁ ଲୀଳାମୟ' ଲୋଗୋ ଉନ୍ମୋଚିତ ହୋଇଥିଲା। ଏହା ଆସନ୍ତା ଫେବୃଆରି ୨୨ ତାରିଖରେ ଭଦ୍ରକ ଟାଉନ୍ ହଲ୍‌ରେ ଭଦ୍ରକ ଲୋକକଳା ମହୋତ୍ସବରେ ଉନ୍ମୋଚନ କରାଯିବ। ଉତ୍ସବର ଉପସ୍ଥାପନା କରିଥିଲେ ପ୍ରଦୀପ କୁମାର ବିହାରୀ। ସନ୍ଧ୍ୟାରେ ଓଡିଶୀ ନୃତ୍ୟଗୁରୁ ମୋନାଲିସା ଷଡ଼ଙ୍ଗୀଙ୍କ ସହାୟତାରେ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଭାତୀ ନାୟକ, ସୁଶାନ୍ତ କୁମାର ପରିଡ଼ା, ଅକ୍ଷୟ ସାମଲ, ବାସନ୍ତୀ ସାହୁ, ବୈଷ୍ଣବ ଚରଣ ପ୍ରଧାନ, ରଞ୍ଜନ କୁମାର ସାହୁ, ବିଜୟ କେତନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବଟେଶ୍ୱର ରାସ୍ତା ନିର୍ମାଣ କାର୍ଯ୍ୟ ଅହେତୁକ ବିଳମ୍ବ ---ବଢୁଛି ଅସନ୍ତୋଷ

ଗଞ୍ଜାମ,୪।୧:(ମନ୍ଥନ)ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତ କଣ୍ଟିଆ। ଗଡ଼ ନିକଟରେ ଅବସ୍ଥିତ ପ୍ରସିଦ୍ଧ ଶୈବପୀଠ ବଟେଶ୍ୱର ପୀଠକୁ ସଂଯୋଗ ରାସ୍ତା ନିର୍ମାଣ ଧୀନ କାର୍ଯ୍ୟରେ ଅହେତୁକ ବିଳମ୍ବ ନେଇ ଅସନ୍ତୋଷ ବୃଦ୍ଧି ପାଉଥିବା ଜଣା ପଡିଛି । ନିର୍ମାଣ କାର୍ଯ୍ୟ ବିଳମ୍ବ ଯୋଗୁଁ ପର୍ଯ୍ୟଟକ ମଧ୍ୟରେ ଘୋର ଅସନ୍ତୋଷ ମଧ୍ୟ ପ୍ରକାଶ ପାଉଛି । ଗୁରୁବାର ଦିନ ନୂତନ ବର୍ଷ ଯୋଗୁଁ ବଟେଶ୍ୱର ପୀଠକୁ ଭକ୍ତଙ୍କ ଭିଡ଼ ହେଉଥିବା ବେଳେ ରାସ୍ତାର ନିର୍ମାଣ ପାଇଁ ଦୀର୍ଘ ଦିନ ହେଲା ରାସ୍ତା ପାର୍ଶ୍ୱରେ ଖୋଳି ପକାଯାଇଥିବା ଯୋଗୁଁ ଯାନବାହାନ ଯିବା ଆସିବାରେ ଅସୁଥିବା ସୃଷ୍ଟି ହେଉଛି । ଏକ ମାସ ହେଲା ଖୋଳି ପଡ଼ିଥିବା ଯୋଗୁଁ ଠିକାଦାର ଜଣକ ଉକ୍ତ କାର୍ଯ୍ୟ ପାଇଁ ତତ୍ପରତା ନଥିବା ଜଣାପଡୁଛି । ଏହା ବିଳମ୍ବ ଯୋଗୁଁ ଦୃଘଟଣା ମଧ୍ୟ ହେଉଛି । ଯାହାକୁ ନେଇ ସାଧାରଣ ମଧ୍ୟ ଘୋର ଅସନ୍ତୋଷ ପ୍ରକାଶ ପାଉଛି କ୍ଷ ବର୍ତମାନ ପିକନିକ ଋତୁ ପାଇଁ ପର୍ଯ୍ୟଟକ ପ୍ରତେକ ଦିନ ବର୍ତମାନ ଆସୁଥିବା ବେଳେ ରାସ୍ତା ପାଇଁ ସମସ୍ୟା ସୃଷ୍ଟି ହେଉଛି । ପ୍ରଶାସନ ପକ୍ଷରୁ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ୬ ଖଣ୍ଡ ଗ୍ରାମର ଜନସାଧାରଣ ପକ୍ଷରୁ ଦାବୀ ହେଉଛି । ପ୍ରକାଶ ଯୋଗ୍ୟ ଯେ ଉକ୍ତ ରାସ୍ତା ଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି । ରାସ୍ତା ନିର୍ମାଣ ପାଇଁ ଉକ୍ତ ବିଭାଗ ପକ୍ଷରୁ ଅର୍ଥ ବ୍ୟୟ ବରାଦ ହୋଇଛି । ପ୍ରାୟ ୫କୋଟି ୪୪ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି । ଟେଣ୍ଡର ମାଧ୍ୟମରେ କାର୍ଯ୍ୟଦେଶ ପାଇଥିବକ୍ଷ ଠିକାଦାର ଜଣକ କିନ୍ତୁ ନିର୍ମାଣ କାର୍ଯ୍ୟ ରେ ଠିକ ଭାବେ ତ୍ୱରାନ୍ୱିତ କରୁନାହାଁନ୍ତି । ଫଳରେ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଛି ବୋଲି ବଟେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅଭିଯୋଗ ହୋଇଛି । ଆଗାମୀ ଦିନରେ ବିଳମ୍ବ ହେଲେ ଜିଲ୍ଲାପାଳ ଏବଂ ବିଭାଗୀୟ ଉଚ୍ଚ କତୃପକ୍ଷ ଙ୍କୁ ଅବଗତ କରିଯିବା ନେଇ ନିଷ୍ପତି ହୋଇଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି ।

## ଧସିଳା ୫କୋଟିର ପଥର ବନ୍ଧ

# ଗ୍ରାମବାସୀଙ୍କ ପାଇଁ ବିପଦ ସାଜିଲା ଲୁଣାନଦୀ

କେନ୍ଦ୍ରାପଡ଼ା,୪।୧:(ମନ୍ଥନ)ବର୍ଷେ ନପୁରୁଣୁ ୫କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଲୁଣାନଦୀର ପଥର ପ୍ୟାକିଂ ଭୁଷୁଡି ପଡିଛି। ଏହାକୁ ନେଇ ଅଞ୍ଚଳବାସୀ ଭୟଭୀତ ହୋଇପଡିଛନ୍ତି। କାରଣ ପଥର ପ୍ୟାକିଂ ଧସି ପଡିଥିବାରୁ ନଦୀବନ୍ଧ ରାସ୍ତା ପ୍ରତି ବିପଦ ସୃଷ୍ଟି ହୋଇଛି। ନଦୀବନ୍ଧ ରାସ୍ତା ଦୁର୍ବଳ ହୋଇ ଧସିଯିବାର ଆଶଙ୍କା ଦେଖାଦେଇଛି। ନଦୀବନ୍ଧ ଭୁଷୁଡି ଗଲେ ଯାତାୟତ ବାଧାପ୍ରାପ୍ତ ହେବ। ହଜାର ହଜାର ଲୋକ ଏହି ନଦୀ ବନ୍ଧ ଉପରେ ନିର୍ଭରଶୀଳ। ଏହି ନଦୀବନ୍ଧ ଦେଇ କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ବ୍ଲକ ଓ ଗରଦପୁର ବ୍ଲକର ହଜାର ହଜାର ଲୋକ ପ୍ରତିଦିନ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟାଳୟକୁ ବିଭିନ୍ନ କାର୍ଯ୍ୟରେ ଯିବାଆସିବା କରିଥାନ୍ତି। ପିଲାମାନେ ପାଠପଢିବା ପାଇଁ କଲେଜକୁ ଆସୁଥିବା ବେଳେ ସରକାରୀ ଚାକିରୀଆମାନେ ଜିଲ୍ଲା ମୁଖ୍ୟାଳୟରେ ଥିବା ବିଭିନ୍ନ କାର୍ଯ୍ୟାଳୟକୁ ଡ୍ୟୁଟି କରିବାକୁ ଆସିଥାନ୍ତି। ସେହିପରି ଚାଷୀମାନେ ବିଭିନ୍ନ ପନିପରିବା ବିକ୍ରୀ କରିବା ପାଇଁ କେନ୍ଦ୍ରାପଡା ସହରକୁ ଆସିଥାନ୍ତି। ଏହି ରାସ୍ତାଟି ହଜାର ହଜାର ଲୋକଙ୍କ ଜୀବନରେଖା। ଯଦି ଏହି ରାସ୍ତା ନଦୀବନ୍ଧ ଦୁର୍ବଳ ଯୋଗୁଁ ଧସିଯାଏ ତାହାହେଲେ ଲୋକମାନେ ପାଟକୁରା ଦେଇ ଯିବାଆସିବା କରିବେ। ଫଳରେ ଅତିରିକ୍ତ



୧୦କିଲୋମିଟର ଦୂର ଅଯଥା ଅତିକ୍ରମ କରିବାକୁ ପଡିବ। ଏହାଦ୍ୱାରା ଅର୍ଥନୈତିକ ଅଭିବୃଦ୍ଧିରେ ବାଧା ସୃଷ୍ଟି ହେବ। ତେଣୁ ଯେଉଁ ଠିକାଦାର ଏଭଳି ନିମ୍ନମାନର କାର୍ଯ୍ୟ କରି ସରକାରୀ ଅର୍ଥକୁ ତୋଷରପାତ କରିଛନ୍ତି ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜିଲ୍ଲାର ବୁଦ୍ଧିଜିବୀମାନେ ମତବ୍ୟକ୍ତ କରିଛନ୍ତି। କୃଷକନେତା ଗୟାଧର ଧଳ କହିଛନ୍ତି ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବାଲିକୁଦା ଠାରୁ ବଛରାଇ ପର୍ଯ୍ୟନ୍ତ ଲୁଣା ନଦୀର କଡେ କଡେ ନଦୀ ବନ୍ଧକୁ ସୁରକ୍ଷା ପ୍ରଦାନ କରିବାକୁ କିଛିମାସ ତଳେ ୫କୋଟି ଟଙ୍କା ବ୍ୟୟ ଅଟକଳରେ ପଥର ବନ୍ଧ ସହିତ ସ୍ୱର ପ୍ୟାକିଂ କରାଯାଇଥିଲା। ହେଲେ କାର୍ଯ୍ୟ ଶେଷ ହେବାର ମାତ୍ର ଏକ ବର୍ଷ ନପୁରୁଣୁ ସେହି ବନ୍ଧର ବିଭିନ୍ନ ସ୍ଥାନରେ ପଥର ପ୍ୟାକିଂ ଧସିଯାଇଛି। ଠିକାଦାର ନିମ୍ନମାନର କାମକରି କୋଟି କୋଟି ଟଙ୍କା ହରିଲୁଟ କରିବା ପାଇଁ ଏଭଳି ଯୋଜନା କରିଛନ୍ତି। ଏଥିରେ କିଛି ସରକାରୀ ଅଧିକାରୀ ଓ ରାଜନେତାଙ୍କ ହାତଥିବା ଅନୁସନ୍ଧାନରୁ ଜଣାପଡିଛି। କାରଣ ସରକାରୀ ଅଧିକାରୀ ଓ ରାଜନେତାଙ୍କୁ ସନ୍ତୁଷ୍ଟ ନକଲେ ଠିକାଦାର ଏଭଳି ନିମ୍ନମାନର କାମକରି ସରକାରୀ ଅର୍ଥକୁ ହରିଲୁଟ କରିବେ ନାହିଁ। ତେଣୁ ଜନତାଙ୍କ ଟିକସ ଅର୍ଥକୁ ବାଟମାରଣା କରୁଥିବା ଠିକାଦାର, ଅଧିକାରୀ ଓ ରାଜନେତାଙ୍କୁ ତଦନ୍ତ ପରିସରଭୁକ୍ତ କରାଗଲେ ୫କୋଟି ଟଙ୍କା କେଉଁ ବାଟରେ ବିନିଯୋଗ କରାଯାଇଛି ତାହା ସ୍ପଷ୍ଟ ହୋଇଯିବ ବୋଲି ସେ କହିଛନ୍ତି। ଆଇନିଜୀବୀ ରମଣୀରଞ୍ଜନ ରାଉତରାୟ କହିଛନ୍ତି ଏହି ନଦୀବନ୍ଧ ଦୁର୍ବଳ ହେଲେ ଜିଲ୍ଲାର ଅର୍ଥନୀତି ଉପରେ ପ୍ରଭାବ ପଡିବ। କାରଣ ହଜାର ହଜାର ଲୋକ ପ୍ରତିଦିନ ଯିବାଆସିବା କରୁଥିବାରୁ ପରିବହନ କ୍ଷେତ୍ରରେ ବାଧା ସୃଷ୍ଟି ହେବ। ତେଣୁ ତୁରନ୍ତ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଏହି ନଦୀବନ୍ଧ ନିର୍ମାଣ କାର୍ଯ୍ୟର ତଦନ୍ତ କରନ୍ତୁ। ଯାହାଫଳରେ ଜନତାଙ୍କ ଝାଳବୁହା ଟିକସ ଅର୍ଥ ଜନତାଙ୍କ ସ୍ୱାର୍ଥରେ ବ୍ୟବହାର ହୋଇପାରିବ। ଏହାସହ ଜିଲ୍ଲାର ବିକାଶରେ ଏହି ଅର୍ଥ ସହାୟକ ହୋଇପାରିବ। କିନ୍ତୁ ସେପରି କରାନଗଲେ ଜନତାଙ୍କ ଟିକସ ଅର୍ଥ ବାଟମାରଣା ହେବା କେବଳ ସାର ହେବ। ଏ ସଂକ୍ରାନ୍ତରେ ବିଭାଗୀୟ ଯନ୍ତ୍ରୀ ମନୋରଞ୍ଜନ ମହାନ୍ତିଙ୍କୁ ପଚାରିବାରୁ ସେ କହିଲେ କାମରମାନ ଯାଞ୍ଚ କରାଯିବା ସହ ଆବଶ୍ୟକ ପଡିଲେ ଠିକାଦାରଙ୍କ ବିଲକୁ ବନ୍ଦ କରାଯିବ।

# ନବ ବର୍ଷ ଉପଲକ୍ଷେ କବିତା ପାଠୋତ୍ସବ

ଗଞ୍ଜାମ,୪।୧:(ମନ୍ଥନ)ଗଞ୍ଜାମ ବ୍ଲକ୍ ଅଧୀନସ୍ଥ ସୁବଳୟା ଗୋପାଳ କୃଷ୍ଣ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ପୂର୍ବତନ ବିଧାୟକ ସ୍ୱର୍ଗତ ଦୈତାରୀ ବେହେରାଙ୍କ ଷଷ୍ଠ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇ ଯାଇଛି । କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ କାର୍ଯ୍ୟକ୍ରମର ମୁଖ୍ୟ ଆବାହକ ତଥା ଗଞ୍ଜାମ ସାହିତ୍ୟ ଘର ସଭାପତି ଅବସରପ୍ରାପ୍ତ ଶିକ୍ଷାବିତ ବିଜୟ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏହି କବିତା ପାଠୋତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବରିଷ୍ଠ ସାମ୍ବାଦିକ ସୁଦର୍ଶନ ଛୋଟରାୟ , ଅନ୍ୟତମ ସମ୍ମାନିତ ଅତିଥି ଭାବେ ସୁବଳୟା ଗୋପାଳ କୃଷ୍ଣ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ଼ ସି ଏଚ ସୁଧାକର ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅବସର ପ୍ରାପ୍ତ ଶିକ୍ଷକ ଗୋକୁଳ ଚନ୍ଦ୍ର ନାହାକ ବେଦ ପାଠ କରିଥିଲେ । ବରିଷ୍ଠ କବି ପ୍ରଶାନ୍ତ ମହାନ୍ତି ଓ ଅଧ୍ୟାପିକା ଜ୍ୟୋତ୍ସ୍ନା ରାଣୀ ପ୍ରଧାନ କବିତା ଗୁଡ଼ିକ ସଂଯୋଜନା କରିଥିଲେ ।ସର୍ବ ରଞ୍ଜିତ କୁମାର ନାହାକ, ଏନ୍ ଯୋଗେଶ ପ୍ରଧାନ,




ପ୍ରଶାନ୍ତ ମହାନ୍ତି, ଅଶୋକ କୁମାର ସାହୁ, ଜ୍ୟୋତ୍ସ୍ନା କୁମାରୀ ପ୍ରଧାନ, ଜଗଦୀଶ ଚନ୍ଦ୍ର ପାଳ,ସନ୍ଧ୍ୟା ରାଣୀ ଦେବୀ, ସୁରେନ୍ଦ୍ର ବେହେରା, ଗଣେଶ ଚନ୍ଦ୍ର ବେହେରା,ଶେଷଦେବ ବେହେରା,ସୁଦର୍ଶନ ଛୋଟରାୟ, ବିଜୟ କୁମାର ସ୍ୱାଇଁ,ଇନ୍ଦ୍ରମଣି ନାୟକ,ଭଗବାନ ନାୟକ, ବିଦ୍ୟାଧର ପ୍ରଧାନ ,ସାଗର ମହାରଣା ପ୍ରମୁଖ ତିରିଶି ଜଣ କବି ଓ କବୟିତ୍ରୀ ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ । ସେମାନଙ୍କୁ ସୁବଳୟା ପୂଜ୍ୟ ପୂଜା ପରିଷଦ ତରଫରୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରା ଯାଇଥିଲା । ପରିଶେଷରେ ପରିଷଦର ସମ୍ପାଦକ ଅଶୋକ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା ଓ ଗଣେଶ ଚନ୍ଦ୍ର ବେହେରା ,ପ୍ରତାପ ଚନ୍ଦ୍ର ବେହେରା ,ଅଭିମନ୍ୟୁ ସାହୁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।



# ଇସ୍କନ ମନ୍ଦିରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ

ଯାଜପୁର,୪।୧:(ମନ୍ଥନ)ଯାଜପୁର ଇସ୍କନ ମନ୍ଦିରରେ ବାର୍ଷିକ ଉତ୍ସବ ପାଳିତ । ଆଜି ପୌଷ ପୂର୍ଣ୍ଣିମା ଆଜିର ତିଥିରେ ଇସ୍କନ ମନ୍ଦିର ପ୍ରତିଷ୍ଠା ହୋଇଥିଲା । ଏହି ଅବସରରେ ଆଜି ପ୍ରତ୍ୟୁଷରୁ ଠାକୁରଙ୍କ ମଙ୍ଗଳା ଆଳତୀ, କୀର୍ତ୍ତନ, ଦର୍ଶନ ଆଳତୀ, ଗୁରୁ ପୂଜା, ଭୋଗ ଆରତୀ କରାଯାଇଛି । ୭ ଦିନ ଧରି ଭାଗବତ କଥାମୃତ ଉପରେ ପ୍ରବଚନ ଜାରି ରହିଛି । ଏହି ଶ୍ରୀପାଦ ଅଖୟହରୀ ଦାସ ଭର୍ମଚାରି ଯୋଗଦାନ କରି ଭାଗବତ କଥାମୃତ ଉପରେ ପ୍ରବଚନ ପ୍ରଦାନ କରୁଛନ୍ତି । ଶହ ଶହ ଶ୍ରଦ୍ଧାଳୁ ଯୋଗଦାନ କରି ଆଶିଷ ଲାଭ କରିଥିଲେ ।

# ବିନା ଅନୁମତିରେ ବାଲି ଉଠାଣ ଓ ଚାଲାଣ

**ବଲାଙ୍ଗୀର,୪।୧:(ମନ୍ଥନ)**ବଲାଙ୍ଗୀର ଜିଲ୍ଲାରେ ବାଲି ଚୋରୀ ଘଟଣା ଏକ ସାଧାରଣ ପ୍ରକ୍ରିୟାରେ ପରିଣତ ହେଲାଣି । ବିଶେଷ କରି ସୁକତେଲ ଓ ଅଙ୍ଗ ନଦୀରୁ ଦିନବେଳା ପ୍ରଶାସନର ନାକତଳେ ବାଲି ଚୋରା ଚାଲାଣ ହେଉଛି । ସ୍ଥାନୀୟ ପୋଲିସ ତଥା ଖଣି ବିଭାଗ ସବୁ ଜାଣି ମଧ୍ୟ ଅଜଣା ରହୁଥିବା ଦେଖିବାକୁ ମିଳିଛି । ବାଲିଖଣି ଲିଜଧାରୀ ମାନେ ଆଇନ ଭାଙ୍ଗି ବାଲି ଉଠାଇବା ସହିତ ଚାଲାଣ କରୁଥିବା ବେଳେ ଅଣ ଲିଜଧାରୀ ହତଗୁଞ୍ଜା ଦେଇ କାରବାର କରୁଛନ୍ତି । କେବଳ କୌଣସି ଅଭିଯୋଗ ହେଲେ ଅଥବା ଗଣମାଧ୍ୟମରେ ଖବର ପ୍ରକାଶ ପାଇଲେ ଗାଡ଼ି ଧରପଗଡ ହେବା ସହିତ ଫାଇନ ଆଦାୟ ହେଉଛି । ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ମୁତାବକ, ଲୋଇସିଂହା ବ୍ଲକର ଛେଲବାହାଲ ବାଲି ଖାଦାନରୁ ବାଲି ଉଠାଣ ପାଇଁ ଅନୁମତି ରହିଥିବା ବେଳେ ବାକି ବାଲିଖଣି ଗୁଡ଼ିକରୁ ବାଲି ଉଠାଇବା ପାଇଁ ଅନୁମତି ନାହିଁ । ସେହିପରି ଆଗଲପୁର ତହସିଲ ଅଧିନ ସାଲେଭଟା,



ଡୁଡୁକା, ଫଟାମୁଣ୍ଡା, କୁଟାସିଂହା, ବାଞ୍ଜିପାଲି, ଫାସଡ, ତେତେଲଗାଁ ପ୍ରଭୃତି ବାଲି ଖଣିରୁ ବାଲି ଉଠାଣ ପାଇଁ ଅନୁମତି ନାହିଁ । ଯାହା ବି ଚାଲିଛି ଖଣି ବିଭାଗ ତଥା ପୋଲିସର ଜାଣତରେ ଯ ଏପରିକି କୌଣସି ବୈଧ ବାଲିଖଣି ନ ଥାଇ ଡୁଡୁକ-ମହୁଲପାଲି ମଝିରେ ଚୂର୍ଣ୍ଣମୁହାଣ ନାମକ ସ୍ଥାନରୁ ପ୍ରତିଦିନ ବେଆଇନ ଭାବେ ଶହ ଶହ ଟ୍ରିପ ବାଲି ଉଠାଣ ହେଉଛି । ସେହିପରି ରଫାଖାଲ ଠାରେ ବେଆଇନ ଭାବେ ଆଉ ଏକ ବାଲିଘାଟ ତିଆରି କରି ବାଲି ଉଠାଣ ପାଇଁ ମସୁଧା ଚାଲିଥିବା ଜଣାଯାଇଛି । କେଉଁ ଘାଟରୁ କେତେ ଇଲାକାରେ ବାଲି ଉଠିବ, ତାହା ନିଲାମ ସମୟରେ ଦର୍ଶା ଯାଇଥିଲେ ମଧ୍ୟ ବାଲି ମାଫିଆ । ମାନେ ନିର୍ଦ୍ଧାରିତ ଇଲାକା ବ୍ୟତୀତ ଅନ୍ୟ ସ୍ଥାନରୁ ବେଆଇନ ଭାବେ ବାଲି ଉଠାଣ କରୁଛନ୍ତି । ଏପରିକି ସ୍ଥାନୀୟ କେନାଲ ନିର୍ମାଣ ଦାୟିତ୍ୱରେ ଥିବା ଏକ ଘରୋଇ ସଂସ୍ଥା ପରିସରରେ ବେଆଇନ ଭାବେ ଶତାଧିକ ଟ୍ରିପ ବାଲି ଗଚ୍ଛିତ ରହିଥିବା ଦେଖିବାକୁ ମିଳିଛି । ବେଆଇନ ବାଲି ଉଠାଣ, ଚାଲାଣ ତଥା ଗଚ୍ଛିତ ରଖିବା ଉପରେ ରୋକ୍ ଲଗାଇବା ପାଇଁ ଟାସ୍କଫୋର୍ସ ଗଠିତ ହୋଇଥିଲେ ମଧ୍ୟ ତାହା ନାମକୁ ମାତ୍ର । ବଲାଙ୍ଗୀର ଜିଲ୍ଲାପାଳ ଏଥିପ୍ରତି ସ୍ୱତନ୍ତ୍ର ଭାବେ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଦାବି ହେଉଛି ।

# ଧାନ ପରବର୍ତ୍ତୀ ପଡିଆ ଜମିର ପରିଚାଳନା ସମ୍ବନ୍ଧୀୟ ତାଲିମ ଶିବିର

**ବଲାଙ୍ଗୀର,୪।୧:(ମନ୍ଥନ)**କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ତଥା ବଲାଙ୍ଗୀର ଜିଲ୍ଲା କୃଷି ବିଭାଗ ଓ କାର୍ଯ୍ୟକାରୀ ସଂସ୍ଥା ଆଦର୍ଶ ର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ଆତ୍ମା ଅଫିସ ସଭାଗୃହରେ ଧାନ ପରବର୍ତ୍ତୀ ପଡିଆ । ଜମିର ପରିଚାଳନା ସମ୍ବନ୍ଧୀୟ ଏକ ଦିନିକିଆ । ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧୀରେନ୍ଦ୍ର ସିଂ ବରିହା ଯୋଗଦେଇ ରବିଋତୁରେ ଡାଲି ଜାତୀୟ ଫସଲ ଉତ୍ପାଦନର ଉପାଦେୟତା, ଧାନଚାଷ ପରବର୍ତ୍ତୀ ପଡିଆ । ଜମିର ପରିଚାଳନା ତଥା ଜମିର ଉର୍ବରତା ବଜାୟ ରଖିବା ସକାଶେ ଜୈବିକ ଖତ ଓ ଅଣୁସାର ପ୍ରୟୋଗ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ସହକାରୀ ଜିଲ୍ଲା କୃଷି ଅଧିକାରୀ ପ୍ରମୋଦ ବଡ଼ପଣ୍ଡା ଓ ଯୋଜନା ଅଧିକାରୀ ଦେବପ୍ରିୟ ପଣ୍ଡା ଯୋଗଦେଇ ଡାଲି ଜାତୀୟ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ସୂଚନା ପ୍ରଦାନ କରିବା ସହିତ ଧାଡ଼ିବୁଣା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ତାଲିମ ଶିବିରରେ ଲୋଇସିଂହା ଓ ଆଗଲପୁର ବ୍ଲକର ବ୍ଲକ ସଂଯୋଜକ ତଥା ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକାରୀ ସଂସ୍ଥା ଆଦର୍ଶ ର ମୁଖ୍ୟ ପରିଚାଳକ ପ୍ରଦୀପ ବେହେରା ସ୍ୱାଗତ ଭାଷଣ ସମେତ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଦରବାର ହଲରେ ଷଷ୍ଠ ରାଜ୍ୟ ଅର୍ଥ କମିଶନଙ୍କ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା

କେନ୍ଦୁଝର,୪।୧:(ମନ୍ଥନ) ଷଷ୍ଠ ରାଜ୍ୟ ଅର୍ଥ କମିଶନଙ୍କ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆଜି କେନ୍ଦୁଝର ଜିଲ୍ଲା ଗସ୍ତ କରି ପୌରାଞ୍ଚଳ ଗୁଡ଼ିକର ଆର୍ଥିକ ସ୍ଥିତି ଓ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାର ବିଭିନ୍ନ ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ର କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଏବଂ ଆଗାମୀ ଆବଶ୍ୟକତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି । ବୈଠକରେ ଷଷ୍ଠ ରାଜ୍ୟ ଅର୍ଥ କମିଶନ ଅଧ୍ୟକ୍ଷ ଡଃ ଅରୁଣ କୁମାର ପଣ୍ଡା ଓ ବିଭାଗୀୟ ସଦସ୍ୟମାନେ ଯୋଗଦେଇ ଜିଲ୍ଲାର ତୃଣମୂଳ ସ୍ତରରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ଓ ସମ୍ପୃକ୍ତ ସଂସ୍ଥାଗୁଡ଼ିକର ଆର୍ଥିକ ପରିଚାଳନା ସମ୍ପର୍କରେ ଆଲୋଚନା କରିଛନ୍ତି । ନୂତନ ପୁଞ୍ଜି ସମ୍ପତ୍ତି ସୃଷ୍ଟି ସହରାଞ୍ଚଳରେ ରାଜସ୍ୱ ବୃଦ୍ଧି ପାଇଁ ମଲ୍ଟି-ଷ୍ଟୋରି ପାର୍କିଂ, କଲ୍ୟାଣ ମଣ୍ଡପ,ଇ-ଲାଇବ୍ରେରୀ, ମାର୍କେଟ କମ୍ପ୍ଲେକ୍ସ ଏବଂ କାର୍ଯ୍ୟଜୀବୀ ମହିଳାମାନଙ୍କ ପାଇଁ ହଷ୍ଟେଲ ନିର୍ମାଣ ପ୍ରସ୍ତାବ ଦିଆଯାଇଛି । ଯୋଡ଼ା ଏବଂ ବଡ଼ବିଲ ଭଳି ଖଣି ଅଞ୍ଚଳରେ ବୃଦ୍ଧି ପାଉଥିବା ଧୂଳି ପ୍ରଦୂଷଣ ରୋକିବା ପାଇଁ 'ଡଷ୍ଟ କଣ୍ଟ୍ରୋଲ ଟାୱାର' ସ୍ଥାପନ ଏବଂ ଜଳ ନିଷ୍କାସନ ପାଇଁ ମାଷ୍ଟର ପ୍ଲାନ ଉପରେ




ଗୁରୁତ୍ୱାରୋପ କରାଯାଇଛି । ପରିମଳ ଓ ବର୍ଜ୍ୟବସ୍ତୁ ପରିଚାଳନା ସହରଗୁଡ଼ିକରେ ସେପ୍ଟେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ଏବଂ ପୌରାଞ୍ଚଳରୁ ସଂଗୃହିତ ବର୍ଜ୍ୟବସ୍ତୁକୁ ଜୈବିକ ପଦ୍ଧତିରେ ପରିଚାଳନା ସହ ଯାନ୍ତ୍ରିକ ରାସ୍ତା ସଫେଇ ଉପରେ ଆଲୋଚନା କରାଯାଇଛି । ଆନନ୍ଦପୁର, ବଡ଼ବିଲ, ଯୋଡ଼ା ପୌରପାଳିକା ଏବଂ ଚମ୍ପୁଆ । ଘଇଉ ର ଆର୍ଥିକ ଅଡିଟ୍ ସ୍ଥିତି ସମ୍ପର୍କରେ କମିଶନଙ୍କୁ ଅବଗତ କରାଯାଇଛି । ଅଧିକାଂଶ ସ୍ଥାନରେ ୨୦୨୨-୨୩ ବର୍ଷ ପର୍ଯ୍ୟନ୍ତ ଅଡିଟ୍ ସମ୍ପୂର୍ଣ୍ଣ ହୋଇଥିବା ବେଳେ ପରବର୍ତ୍ତୀ ବର୍ଷ ଗୁଡ଼ିକର କାର୍ଯ୍ୟ ଜାରି ରହିଛିଯଜିଲ୍ଲାର ପୌରାଞ୍ଚଳ ଗୁଡ଼ିକ ପକ୍ଷରୁ ସହର ମଧ୍ୟରେ ଇ-ବସ୍ ସେବା, ପର୍ଯ୍ୟଟନ ସ୍ଥଳୀର ବିକାଶ, ଏବଂ ଉନ୍ନତ ଡ୍ରେନେଜ୍ ବ୍ୟବସ୍ଥା ପାଇଁ ଅଧିକ ପାଣ୍ଠି ଯୋଗାଇ ଦେବାକୁ କମିଶନଙ୍କ ନିକଟରେ ଦାବି ରଖାଯାଇଛି । ଏଥିସହ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରି 'ସୁଯୋଗ' ପୋର୍ଟାଲ ଏବଂ 'ଓସ୍ୱାସ୍' ମାଧ୍ୟମରେ ସେବା ପ୍ରଦାନକୁ ଅଧିକ ସ୍ୱଚ୍ଛ କରିବାକୁ ଲକ୍ଷ୍ୟ ରଖାଯାଇଛି । ଜିଲ୍ଲାପାଳ ଶ୍ରୀ ବିଶାଳ ସିଂ ଜିଲ୍ଲାର ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ କମିଶନଙ୍କୁ ଅବଗତ କରାଇଥିଲେ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଜିଲ୍ଲାପାଳଅଧିକାରୀ ଶ୍ରୀ କୁମାର ନାଗଭୂଷଣ ଏହି ବୈଠକରେ ପଞ୍ଚାୟତ ଗୁଡ଼ିକରେ ପଞ୍ଚମ ଓ ଷଷ୍ଠ ଅର୍ଥ କମିଶନଙ୍କ ପାଣ୍ଠିରେ ନିର୍ମିତ ପ୍ରକଳ୍ପ କାର୍ଯ୍ୟ ଗୁଡିକୁ ଅଧ୍ୟକ୍ଷ ଡଃ ଅରୁଣ କୁମାର ପଣ୍ଡା ଙ୍କ ପାଖରେ ଉପସ୍ଥାପନା କରିଥିଲେ । ପରିଶେଷରେ ଡ଼ଃ. ପଣ୍ଡା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟର ସ୍ଥିତି ପରଖିବା ପାଇଁ ପ୍ରତି ମାସରେ 'ମାସିକିଆ ରିଭ୍ୟୁ' କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ପଞ୍ଚାୟତ ଠାରୁ ପୌରାଞ୍ଚଳ ପର୍ଯ୍ୟନ୍ତ ସମସ୍ତ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବା ସହ ଖଣି ଭିତ୍ତିକ ଶିଳ୍ପ ଓ ପରିବେଶ ସୁରକ୍ଷା ମଧ୍ୟରେ ସନ୍ତୁଳନ ରଖି କେନ୍ଦୁଝରକୁ ଏକ ମଡେଲ ଜିଲ୍ଲା ଭାବେ ଗଢ଼ିବାକୁ ଏବଂ ଜିଲ୍ଲାକୁ ଏକ ନମ୍ବର ସ୍ଥାନରେ ପହଂଚଇବା ପାଇଁ ସେ ପରାମର୍ଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକ ରେ କମିଶନ ସଦସ୍ୟ ପ୍ରଫେସର ଅସିତ ରଞ୍ଜନ ମହାନ୍ତି, ପ୍ରଫେସର ଅମରେଶ ସାମନ୍ତରାୟ ଏବଂ ଡଃ ବିଭୁ ପ୍ରସାଦ ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସାଗରିକା ସାହୁ ଏବଂ କେନ୍ଦୁଝର ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ନିକୁ ସାହୁ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ସମେତ ସମସ୍ତ ପୌରପାଳିକାର ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ଅଞ୍ଚଳର ରିପୋର୍ଟ ପ୍ରଦାନ କରିଥିଲେ ।

# ୨୬ ବର୍ଷ ନାଟ୍ୟ ଆନ୍ଦୋଳନ ଉପରେ ଆଲୋକପାତ

ପାରାଦୀପ,୪।୧:(ମନ୍ଥନ)ଆମ କଳା ସାହିତ୍ୟ ଓ ସାଂସ୍କୃତିକୁ ନେଇ ବନ୍ଦର ନଗରୀ ପାରାଦୀପ ରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ କାନମାସ୍ ପାଳନ କରିଛି ତାର ୨୬ତମ ପ୍ରତିଷ୍ଠା ଦିବସ । ଗତ ଜାନୁଆରୀ ୨ ତାରିଖ ଶୁକ୍ରବାର ଦିନ ଅଫିସ କାର୍ଯ୍ୟାଳୟ ପରିସରରେ ଏହି ପ୍ରତିଷ୍ଠା ଦିବସ କୁ ପାଳନ କରାଯାଇଥିଲା । ଅନୁଷ୍ଠାନର ସଭାପତି କ୍ୟାପଟେନ ଅତୁଲ୍ୟ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ବିଶିଷ୍ଟ ନାଟ୍ୟବିତ୍ତ ସୁବୋଧ ପଟ୍ଟନାୟକ, କବି ଦୀପ୍ତି ଖଣ୍ଡୁଆଳ, ବନ୍ଦର ସିଏମଇ ସୁଶିଲ ନାହାକ, ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ବି.ବି.ଦାସ ପ୍ରମୁଖ ଅତିଥି ଭାବେ ଯୋଗଦାନ କରି କାନମାସର ଦୀର୍ଘ ୨୬ ବର୍ଷର ଯାତ୍ରା ଉପରେ ଆଲୋକପାତ କରିଥିଲେ । କେବଳ ପାରାଦୀପ ସହରରେ ନୁହଁ ସାରା ରାଜ୍ୟରେ ନାଟ୍ୟ ଜଗତ ରେ ସ୍ୱତନ୍ତ୍ର ସ୍ଥାନ ବଜାଇ ରଖିଛି କାନମାସ୍ ବୋଲି ଅତିଥି ମାନେ କହିଥିଲେ ।

# ସାଇବିହାର ଚୋରି ଘଟଣାରେ ୨ ଗିରଫ, ୩ ଲକ୍ଷ ୮ ହଜାର ଜବତ

କୁକୁଡାଖଣ୍ଡି,୪।୧:(ମନ୍ଥନ)ନିମଖଣ୍ଡି ଥାନା ଅନ୍ତର୍ଗତ ନିମଖଣ୍ଡି ସାଇ ବିହାରରୁ ତାଲା ବନ୍ଦ ଘରୁ ନଗଦ ୧୨ ଲକ୍ଷ ଟଙ୍କା ଓ ୧୦ ଭରି ସୁନା ଅଳଙ୍କାର ଚୋରି ଘଟଣାରେ ପୁଲିସକୁ ସଫଳତା ମିଳିଛି । ଏହି ମାମଲାରେ ସଂପୃକ୍ତ ୨ ଜଣଙ୍କୁ ଗିରଫ କରାଯିବା ସହ ଗୋଟିଏ ସ୍କୁଟି ସମେତ ସେମାନଙ୍କ ନିକଟରୁ ୩ ଲକ୍ଷ ୮ ହଜାର ଟଙ୍କା ଉଦ୍ଧାର ହୋଇଛି । ମାମଲାର ମାଷ୍ଟରମାଇଣ୍ଡ ଏବେ ବି ଫେରାର ରହିଛି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଗୁଡସେଡ ରୋଡ ଜଳେଶ୍ୱର ବିହାରର କେ. ସନ୍ଦୀପ(୨୦) ଓ ଗେଟବଜାର ବାଙ୍କବିହାରୀ ନଗରର ଦୀପୁନ ସାମଲ ଯଗତ ୨୪ ତାରିଖ ବିଳମ୍ବିତ ରାତିରେ ନିମଖଣ୍ଡି ସାଇବିହାରରେ ରହୁଥିବା ସୁଧାଂଶୁ ଶେଖର ପାଣିଗ୍ରାହୀଙ୍କ ଭଡା ଘରୁ ଚୋରି ହୋଇଥିଲା । ଘରେ କେହି ନଥିବାରୁ ତାଲା ପଡିଥିଲା । ୨୫ ତାରିଖ ସକାଳୁ ପଡୋଶୀଘର ଲୋକ ଫୁଲ ତୋଳିବା ପାଇଁ ସୁଧାଂଶୁଙ୍କ ଘର ନିକଟକୁ ଯାଇଥିବା ବେଳେ ଗ୍ରୀଲ ତାଲା ଭଙ୍ଗା ଯାଇଥିବା ଦେଖିଥିଲେ । ଘର ଭିତରୁ ଚୋରି ହୋଇଥିବା ସନ୍ଦେହ କରି ସୁଧାଂଶୁଙ୍କୁ ଫୋନ କରି ଜଣାଇଥିଲେ ଯ ଏହାପରେ ସୁଧାଂଶୁ ତାଙ୍କ ଶ୍ୱାଇଁ ଅରୁଣଙ୍କୁ ଘରକୁ ଯାଇ ଯାଞ୍ଚ କରିବାକୁ କହିଥିଲେ । ଅରୁଣ ପହଞ୍ଚି ପୁଲିସକୁ ଜଣାଇଥିଲେ ଯ ପୁଲିସ ଉପସ୍ଥିତିରେ ଘର ଭିତରକୁ ଯାଇ ଦେଖିବା ବେଳେ ଅଲମୀରା




ଭଙ୍ଗାଯାଇ ସେଥିରେ ଥିବା ୧୦୦ ଗ୍ରାମ ଓଜନର ସୁନା ଗହଣା ଓ ଡ୍ରେସିଂ ଟେବଲ ଡ୍ର'ରେ ରଖା ଯାଇଥିବା ୧୨ ଲକ୍ଷ ଟଙ୍କା ଗାୟବ ଥିବା ଜଣାପଡିଥିଲା । ସେହି ଅଞ୍ଚଳରେ ଲାଗିଥିବା ସିସିଟିଭି ଯାଞ୍ଚ କରିବା ପରେ ୨୪ ତାରିଖ ବିଳମ୍ବିତ ରାତିରେ ୨ ଜଣ ଯୁବକ ଏକ ବାଇକରେ ସାଇବିହାରକୁ ଆସି ତାଲା ଭାଙ୍ଗି ଚୋରି କରିଥିବା ବେଳେ ଆଉ ଜଣେ ଅଭିଯୁକ୍ତ ସେମାନଙ୍କୁ ସହଯୋଗ କରିଥିବା ପୁଲିସ ଜାଣିବାକୁ ପାଇଥିଲା । ଗେଟବଜାରର ଦିପୁନ ସାମଲ(୨୭)ଙ୍କୁ ପୁଲିସ ପ୍ରଥମେ କାବୁ କରି ପଚରାଉଚରା କରିଥିଲା । ଜଳେଶ୍ୱର ବିହାରର ସନ୍ଦୀପ ଏବଂ ରାମିୟା ସେଠି ଓରଫ ରାକେଶ ସାହୁ ନାମକ ଜଣେ ଯୁବକ ଏଥିରେ ସଂପୃକ୍ତ ଥିବା ସେ ପୁଲିସକୁ ଜଣାଇଥିଲା । ସେ କେବଳ କମିଶନ ପାଇବାକୁ ଉଭୟଙ୍କୁ ଚୋରି କରିବାରେ ସହଯୋଗ କରୁଥିଲା ବୋଲି ପୁଲିସକୁ କହିଥିଲା । ଘଟଣାଦିନ ସନ୍ଦୀପ ସେହି ଘରର ତାଲା ଭାଙ୍ଗି ଭିତରକୁ ପଶିବା ପରେ ନଗଦ ଟଙ୍କା ଓ ସୁନା ଅଳଙ୍କାର ଚୋରି କରିଥିଲା । ପରବର୍ତ୍ତୀ ସମୟରେ ୩ ଜଣ ମିଳିତଭାବେ ନଗଦ ଟଙ୍କା ଓ ସୁନାକୁ ନିଜ ଭିତରେ ବାଣ୍ଟି ନେଇ ଯାଇଥିଲେ । ତେବେ ରାମିୟା ଏହି ଚୋରି ଘଟଣାର ମାଷ୍ଟର ମାଇଣ୍ଡ ବୋଲି ଜଣାପଡିଛି । ଘଟଣାପର ଠାରେ ସେ ଫେରାର ରହିଛି । ପୁଲିସ ତାକୁ କାବୁ କରିବାକୁ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି ।

# ଫ୍ରେଣ୍ଡସ କ୍ଲବ ତରଫରୁ ତୃତୀୟ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

ବଲାଙ୍ଗିର,୪।୧:(ମନ୍ଥନ)ବଲାଙ୍ଗିର ସୁପରିଚିତ ଅନୁଷ୍ଠାନ ଫ୍ରେଣ୍ଡସ କ୍ଲବ ତରଫରୁ ତୃତୀୟ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆସନ୍ତା ଜାନୁଆରୀ ୫ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ଖେଳ ପଡିଆ । ରେ ଆୟୋଜିତ ହେବାକୁ ଯାଉଛି । ଆଜି ଏହି ସଂକ୍ରାନ୍ତରେ ଏକ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଆୟୋଜିତ ହୋଇଥିଲା । ଦିନ ଦିନକୁ ଫୁଟବଲ ପ୍ରତି ଲୋକଙ୍କ ଆଗ୍ରହ କମିବା, ଯୁବପିଢ଼ିଙ୍କ ମନରେ ଖେଳର ମାନ ବଢାଇବା ତଥା ସହର ମଧ୍ୟରେ ଥିବା ପୃଥ୍ୱୀରାଜ ହାଇସ୍କୁଲ ଖେଳ ପଡିଆର ଉନ୍ନତି କରିବା ତଥା କ୍ରୀଡାରେ ଶାରୀରିକ, ମାନସିକ ସ୍ଥିତି ସଜାଗ ରୁହେ ସେହି ଲକ୍ଷ ନେଇ ଫ୍ରେଣ୍ଡସ କ୍ଲବ ଏହି ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଆୟୋଜନ କରୁଛି ବୋଲି ସଭାପତି ଲୋଟସ ଷଡ଼ଙ୍ଗୀ କହିଥିଲେ । ତାଶହ ଫ୍ରେଣ୍ଡସ କ୍ଲବ ସହ ବଲାଙ୍ଗିରର ଯୁବ ପିଢ଼ି, ବୁଦ୍ଧିଜୀବୀ, ସମସ୍ତ ସାମାଜିକ ଅନୁଷ୍ଠାନ, କ୍ରୀଡାପ୍ରେମୀ ସମ୍ପୃକ୍ତ ଥିବା କହିଥିଲେ । ଏହି ସପ୍ତାହେ ବ୍ୟାପି ଫୁଟବଲ ଟୁର୍ଣ୍ଣାମେଣ୍ଟ ରେ ବଲାଙ୍ଗିର ,ବରଗଡ଼, ଭବାନୀପାଟଣା, ମୟୁରଭଞ୍ଜ, ଭଞ୍ଜନଗର, ରାଉଲକେଲା, ଝାରସୁଗୁଡା, ଢେଙ୍କାନାଳ ଭଳି ପ୍ରସିଦ୍ଧି ଲାଭ କରିଥିବା ଫୁଟବଲ ଟିମ ଅଂଶଗ୍ରହଣ କରୁଥୁବା ବେଳେ କୋଡିଏ ବର୍ଷ ଆଗରୁ ବଲାଙ୍ଗିର ର ବହୁ ଖେଳାଳି ଅନ୍ତର୍ଜାତିକ ତଥା ରାଜ୍ୟସ୍ତରୀୟରେ ସୁନାମ ଆଣିଥିଲେ ତାହା ଏବେ କମିବାରେ ଲାଗିଛି ପୁଣି ଥରେ ଏଠାକାର ଖେଳାଳି ଙ୍କୁ ଶିଖର ରେ ପହଂଚଇବା ତଥା ଖେଳର ମାନ ରଖିବା ପାଇଁ ଏହି ଫୁଟବଲ ମହାକୁମ୍ଭ ର ଆୟୋଜନ ବୋଲି ସମ୍ପାଦକ ଜଗନ୍ନାଥ ମିଶ୍ର କହିଥିଲେ ତାସହ ବଲାଙ୍ଗିର ଜିଲ୍ଲା ର କ୍ରୀଡା କ୍ଷେତ୍ରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରୁଣା ନୂଆଁ ଖେଳାଳି ମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଫ୍ରେଣ୍ଡସ କ୍ଲବର ସଭାପତି ଲୋଟସ ଷଡ଼ଙ୍ଗୀ, ସମ୍ପାଦକ ଜଗନ୍ନାଥ ମିଶ୍ର, କୋଷାଧକ୍ଷ ରଂଜିତ ବେହେରା, ସଂଯୋଜକ ମନୋଜ ମିଶ୍ର, ମଧୁ ବନଛୋର, ପ୍ରଭାକର ମିଶ୍ର,ନିଶାରକାନ୍ତ ନାଗ, କୈଳାଶ ମିଶ୍ର, ପୃଥ୍ୱୀରାଜ ବରାଡ଼,ଟିକୁ ପରିଛା, ରାମ ନାଏକ, ବିଦ୍ୟା ସାହୁ, ପ୍ରଦୀପ ସାହୁ, ରମା ମିଶ୍ର, ପିଣ୍ଟୁ ପୁରୋହିତ,ଦେବେନ ପାତ୍ର, ଲିଜୁ ସାହୁ, ଶଙ୍କର ନାଗ, ପ୍ରଦୀପ ସିଂ, କୁନା ମନହୀରା, ମୁନା ପାଲ, କମ୍ଭୁ ତ୍ରିପାଠୀ, ଲକ୍ଷ୍ମୀ ସ୍ୱାଇଁ,ପୁଣ୍ୟ ତ୍ରିପାଠୀ, ନିତ୍ୟା ପଧାନ,ସୋନୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଜଗନ୍ନାଥ ମିଶ୍ର ଧନ୍ୟବାଦ ଦେଇଥିଲେ ।

# ଫ୍ରେଣ୍ଡସ କ୍ଲବ ତରଫରୁ ତୃତୀୟ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

ବଲାଙ୍ଗିର,୪।୧:(ମନ୍ଥନ) ବଲାଙ୍ଗିର ସୁପରିଚିତ ଅନୁଷ୍ଠାନ ଫ୍ରେଣ୍ଡସ କ୍ଲବ ତରଫରୁ ତୃତୀୟ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆସନ୍ତା ଜାନୁଆରୀ ୫ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ପଥ୍ୱୀରାଜ ହାଇସ୍କୁଲ ଖେଳ ପଡିଆ । ରେ ଆୟୋଜିତ ହେବାକୁ ଯାଉଛି । ଆଜି ଏହି ସଂକ୍ରାନ୍ତରେ ଏକ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଆୟୋଜିତ ହୋଇଥିଲା । ଦିନ ଦିନକୁ ଫୁଟବଲ ପ୍ରତି ଲୋକଙ୍କ ଆଗ୍ରହ କମିବା, ଯୁବପିଢ଼ିଙ୍କ ମନରେ ଖେଳର ମାନ ବଢାଇବା ତଥା ସହର ମଧ୍ୟରେ ଥିବା ପୃଥ୍ୱୀରାଜ ହାଇସ୍କୁଲ ଖେଳ ପଡିଆର ଉନ୍ନତି କରିବା ତଥା କ୍ରୀଡାରେ ଶାରୀରିକ, ମାନସିକ ସ୍ଥିତି ସଜାଗ ରୁହେ ସେହି ଲକ୍ଷ ନେଇ ଫ୍ରେଣ୍ଡସ କ୍ଲବ ଏହି ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଆୟୋଜନ କରୁଛି ବୋଲି ସଭାପତି ଲୋଟସ ଷଡ଼ଙ୍ଗୀ କହିଥିଲେ । ତାଶହ ଫ୍ରେଣ୍ଡସ କ୍ଲବ ସହ ବଲାଙ୍ଗିରର ଯୁବ ପିଢ଼ି, ବୁଦ୍ଧିଜୀବୀ, ସମସ୍ତ ସାମାଜିକ ଅନୁଷ୍ଠାନ, କ୍ରୀଡାପ୍ରେମୀ ସମ୍ପୃକ୍ତ ଥିବା କହିଥିଲେ । ଏହି ସପ୍ତାହେ ବ୍ୟାପି ଫୁଟବଲ ଟୁର୍ଣ୍ଣାମେଣ୍ଟ ରେ ବଲାଙ୍ଗିର ,ବରଗଡ଼, ଭବାନୀପାଟଣା, ମୟୁରଭଞ୍ଜ, ଭଞ୍ଜନଗର, ରାଉଲକେଲା, ଝାରସୁଗୁଡା, ଢେଙ୍କାନାଳ ଭଳି ପ୍ରସିଦ୍ଧି ଲାଭ କରିଥିବା ଫୁଟବଲ ଟିମ ଅଂଶଗ୍ରହଣ କରୁଥୁବା ବେଳେ କୋଡିଏ ବର୍ଷ ଆଗରୁ ବଲାଙ୍ଗିର ର ବହୁ ଖେଳାଳି ଅନ୍ତର୍ଜାତିକ ତଥା ରାଜ୍ୟସ୍ତରୀୟରେ ସୁନାମ ଆଣିଥିଲେ ତାହା ଏବେ କମିବାରେ ଲାଗିଛି ପୁଣି ଥରେ ଏଠାକାର ଖେଳାଳି ଙ୍କୁ ଶିଖର ରେ ପହଂଚଇବା ତଥା ଖେଳର ମାନ ରଖିବା ପାଇଁ ଏହି ଫୁଟବଲ ମହାକୁମ୍ଭ ର ଆୟୋଜନ ବୋଲି ସମ୍ପାଦକ ଜଗନ୍ନାଥ ମିଶ୍ର କହିଥିଲେ ତାସହ ବଲାଙ୍ଗିର ଜିଲ୍ଲା ର କ୍ରୀଡା କ୍ଷେତ୍ରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରୁଣା ନୂଆଁ ଖେଳାଳି ମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଫ୍ରେଣ୍ଡସ କ୍ଲବର ସଭାପତି ଲୋଟସ ଷଡ଼ଙ୍ଗୀ, ସମ୍ପାଦକ ଜଗନ୍ନାଥ ମିଶ୍ର, କୋଷାଧକ୍ଷ ରଂଜିତ ବେହେରା, ସଂଯୋଜକ ମନୋଜ ମିଶ୍ର, ମଧୁ ବନଛୋର, ପ୍ରଭାକର ମିଶ୍ର, ଆକାଶ ମିଶ୍ର, ଶରତ ନନ୍ଦ,ସୁନୀଲ ବିଶ୍ୱାଳ,ପବିତ୍ର ଖୁଣ୍ଟିଆ,ସୋମନାଥ ମିଶ୍ର, ଗୋବିନ୍ଦ ଶତପଥୀ, ମନୋଜ ଦୀପ, ସଂଜୀବ ସାହୁ, ବଦ୍ରି ମିଶ୍ର,କିଶୋର ଦଣ୍ଡସେନା, ନିଶାରକାନ୍ତ ନାଗ, କୈଳାଶ ମିଶ୍ର, ପୃଥ୍ୱୀରାଜ ବରାଡ଼,ଟିକୁ ପରିଛା, ରାମ ନାଏକ, ବିଦ୍ୟା ସାହୁ, ପ୍ରଦୀପ ସାହୁ, ରମା ମିଶ୍ର, ପିଣ୍ଟୁ ପୁରୋହିତ,ଦେବେନ ପାତ୍ର, ଲିଜୁ ସାହୁ, ଶଙ୍କର ନାଗ, ପ୍ରଦୀପ ସିଂ, କୁନା ମନହୀରା, ମୁନା ପାଲ, କମ୍ଭୁ ତ୍ରିପାଠୀ, ଲକ୍ଷ୍ମୀ ସ୍ୱାଇଁ,ପୁଣ୍ୟ ତ୍ରିପାଠୀ, ନିତ୍ୟା ପଧାନ,ସୋନୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଜଗନ୍ନାଥ ମିଶ୍ର ଧନ୍ୟବାଦ ଦେଇଥିଲେ ।

# ବନ୍ଦର ନିର୍ମାଣ ସ୍ଥାନରେ ପରିବେଶ ହତ୍ୟାକାରୀ ଶିଳ୍ପ ପ୍ରତିଷ୍ଠା କାହା ସ୍ୱାର୍ଥରେ !

ପାରାଦ୍ୱୀପ/କୁଜଙ୍ଗ,୪।୧:(ମନ୍ଥନ) ଭୁତମୁଣ୍ଡାଇ ସ୍ଥିତ ଗ୍ରାମଦେବତୀ ମା'ବଜ୍ରବୁଢ଼ୀଙ୍କ ପ୍ରାଙ୍ଗଣରେ ୨୯ ମୌଜା ସଂଗଠନ ଆନୁକୂଲ୍ୟରେ ୧୯୬୨ ମସିହା ଜାନୁୟାରୀ ୨ ତାରିଖ ଦିନଟିକୁ କୁଜଙ୍ଗ ଅଞ୍ଚଳର ଏକ ସ୍ମରଣୀୟ ଦିବସ ରୂପେ ନାରାୟଣ ବୀରବର ସାମନ୍ତ ଚରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ସୁଶାନ୍ତ ଶେଖର ସ୍ୱାଇଁଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଅଛି । ବୃହତ ବନ୍ଦର ନିର୍ମାଣର ଶିଳାନ୍ୟାସ ନିମିତ୍ତ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କର ଅଞ୍ଚଳକୁ ଆଗମନ ସମୟରେ ଭୂତମୁଣ୍ଡାଇ ଠାରେ ସମ୍ବର୍ଦ୍ଧିତ ହୋଇଥିବା ବେଳେ କୁଜଙ୍ଗସ୍ଥ ବନବିହାରୀ ହାଇସ୍କୁଲ ପଡିଆ । ଠାରେ ଦେଇଥିବା ଅଭିଭାଷଣ ଆଜି ଜନମାନସରେ ଗୁଞ୍ଜରିତ ହେବାରେ ଲାଗିଛି ।




ଦୀର୍ଘ ବର୍ଷ ହେଲାଣି ଅଞ୍ଚଳବାସୀଙ୍କ ସ୍ୱପ୍ନର ବୃହତ ପାରାଦ୍ୱୀପ ବନ୍ଦର ନିର୍ମାଣ ନିମିତ୍ତ ନଦୀ,ନାଳ,ଜମି,ଜଙ୍ଗଲ(୬୭୮୪ ଏକର) ତ୍ୟାଗ କରିଥିଲେ ମଧ୍ୟ ସରକାର ବୃହତ ବନ୍ଦରକୁ ପୂର୍ଣ୍ଣାଙ୍ଗ କରିପାରିନାହାଁନ୍ତି । ଯାହାକି ସରକାରଙ୍କର ପାରିବାପଣିଆ । ପ୍ରତି ପ୍ରଶ୍ନବାଚି ସୃଷ୍ଟି କରିଛି । ବନ୍ଦର ନିର୍ମାଣ ସ୍ଥାନରେ ବେଆଇନ ଭାବେ ବଡ଼ ବଡ଼ ବୃକ୍ଷ କୁ କାଟି ନଦୀ ନାଳ କୁ ପୋତି ପରିବେଶ ହତ୍ୟାକାରୀ ଶିଳ୍ପ ପ୍ରତିଷ୍ଠା ହେଲାବୋଲି ବକ୍ତାମାନେ ସରକାରଙ୍କୁ ସ୍ମୃତିସଭା ମାଧ୍ୟମରେ ପ୍ରଶ୍ନକରି, ବୃହତ ବନ୍ଦରର ସ୍‌ୱେତ ପ୍ରତ୍ର ନକ୍ସା(ଡ୍ରଇଂ)ସର୍ବସାଧାରଣରେ ପ୍ରକାଶ କରିବା ପାଇଁ ଦାବି କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସହଦେ ସ୍ୱାଇଁ, କେଳୁ ଚୌଧୁରୀ, ମନୋଜ ମହାପାତ୍ର, ନିକୁଞ୍ଜ ରଣା, ଦିଲ୍ଲିପ ସ୍ୱାଇଁ, କୁମାରବର ସାହୁ, ସୁରେଶ ଖଟେଇ, ରଞ୍ଜନ ମାଝୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

# ଜିଲ୍ଲା ସ୍ତରୀୟ ଅମଲାଙ୍କ କ୍ୟାଡରର ହେବ ପୁନର୍ଗଠନ

ନବରଙ୍ଗପୁର,୪।୧:(ମନ୍ଥନ)ଜିଲ୍ଲା ସ୍ତରରେ ବିଭିନ୍ନ ବିଭାଗ ଅଧୀନରେ କାର୍ଯ୍ୟରତ ଅମଲାଙ୍କ କ୍ୟାଡରର ହେବ ପୁନର୍ଗଠନ । ଏଥିପାଇଁ ପ୍ରକ୍ରିୟାଦ୍ୱରାନ୍ୱିତ କରିବାକୁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସମସ୍ତ ବିଭାଗୀୟ ମୁଖ୍ୟ, ଆରଡିସି ଏବଂ ସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ଅବଗତ କରାଯାଇଛି । ଏହି କ୍ୟାଡର ପୁନର୍ଗଠନ ପ୍ରକ୍ରିୟା ୨ ମାସ ମଧ୍ୟରେ ସାରିବାକୁ କୁହାଯାଇଛି । ଅପରପକ୍ଷେ ଯେଉଁ ବିଭାଗ ଏଯାବ୍ କ୍ୟାଡର ପୁନର୍ଗଠନ କରିନାହାନ୍ତି, ସେହି ବିଭାଗର କର୍ମଚାରୀମାନେ ମଧ୍ୟ ପଦୋନ୍ନତି ପାଇଁ ବିବେଚିତ ହେବେ । ପୁନର୍ଗଠିତ କ୍ୟାଡର ନିୟମାବଳୀ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ପଦୋନ୍ନତି କମିଟି(ଡିପିସି) ର ସୁପାରିଶ ଆଧାରରେ ଜିଲ୍ଲା ସ୍ତରୀୟ ଅମଲା କ୍ୟାଡର ନିୟମାବଳୀ ୨୦୧୯ କୁ ଭିତ୍ତିକରି କର୍ମଚାରୀଙ୍କ ପଦୋନ୍ନତି ପ୍ରକ୍ରିୟା ସମ୍ପାଦିତ ହେବ ବୋଲି ଚିଠିରେ ଉଲ୍ଲେଖ ରହିଛି । ସୂଚନାଯୋଗ୍ୟ ଯେ,ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ଅମଲା ମାନଙ୍କର ପଦବୀ ପୁନର୍ଗଠନ ନିମନ୍ତେ ରାଜ୍ୟ ସରକାରଙ୍କ ପତ୍ର ସଂଖ୍ୟା ୮୮୯୮ ତାରିଖ:- ୧୫-୦୩-୨୦୨୪ ପ୍ରକାରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପର ଠାରୁ ଦୀର୍ଘ ଦିନ ହେଲା ଅମଲାମାନଙ୍କ ପଦୋନ୍ନତି ସ୍ଥଗିତ ହୋଇ ରହିଥିଲା ଯଦ୍ୱାରା କି ଅନେକ ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ଅମଲା ମାନଙ୍କର ପଦୋନ୍ନତି ସ୍ଥଗିତ ହୋଇ ରହିବା ଦ୍ୱାରା ଅନେକ ଅମଲା ବିନା ପଦୋନ୍ନତିରେ ଅବସର ମଧ୍ୟ ଗ୍ରହଣ କରିଥିଲେ ଏହାଦ୍ୱାରା ଆର୍ଥିକ କ୍ଷତି ମଧ୍ୟ ଅମଲା ମାନଙ୍କୁ ସହିବାକୁ ପଡୁଥିଲା ଏହି ବିଷୟରେ ଓଡ଼ିଶା ରାଜସ୍ୱ ଅମଲା ସଂଘର ନେତୃବୃନ୍ଦ ଅନେକ ଥର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ରାଜସ୍ୱ ମନ୍ତ୍ରୀ ଏହି ଦାବିକୁ ବିଚାରକୁ ନେଇ ନୂଆ କ୍ୟାଡର ପୁନର୍ଗଠନ ହେବା ପର୍ଯ୍ୟନ୍ତ ପୁରୁଣା କ୍ୟାଡର ଆଧାରରେ ଯୋଗ୍ୟ କର୍ମଚାରୀଙ୍କ ପଦୋନ୍ନତି ପାଇଁ ସାଧାରଣ ପ୍ରଶାସନ ବିଭାଗ ସହ ଆଲୋଚନା କରିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ । ଏହି ବିଷୟକୁ ରାଜ୍ୟ ସରକାର ଗୁରୁତ୍ୱର ସହିତ ବିଚାର କରି ଗତ ୦୨-୧୨-୨୦୨୫ ତାରିଖ ରେ ମାନ୍ୟବର ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ, ଶ୍ରୀଯୁକ୍ତ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତା ରେ ଏକ ବୈଠକର ଆୟୋଜନ କରିଥିଲେ । ଏହି ବୈଠକ ରେ ଓଡ଼ିଶା ସରକାରଙ୍କ ଅତିରିକ୍ତ ଶାସନ ସଚିବ (ରାଜସ୍ୱ), ଦେଓରଞ୍ଜନ କୁମାର ସିଂ ଙ୍କ ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ବରିଷ୍ଠ ପଦାଧିକାରି ଏବଂ ଓଡ଼ିଶା ରାଜସ୍ୱ ଅମଲା ସଂଘର ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ରହି ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା ।ଏହି ବୈଠକ ରେ ବିଶେଷକରି ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ଅମଲା ମାନଙ୍କର ପଦବୀ ପୁନର୍ଗଠନ, ଦରମାରେ ଥିବା ଅସଙ୍ଗତି ଏବଂ ବିଶେଷ କରି ୧୧-୦୮-୨୦୨୫ ତାରିଖ ଠାରୁ ୨୫-୦୮-୨୦୨୫ ତାରିଖ ମଧ୍ୟରେ ହୋଇଥିବା ଆନ୍ଦୋଳନ ସମୟର ବନ୍ଦ ହୋଇଥିବା ଦରମା ପ୍ରଦାନ କରିବା ସକାଶେ ଆଲୋଚନା ହୋଇଥିଲା । ବୈଠକର ଆଲୋଚନା ସମୟରେ ମାନ୍ୟବର ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ, ଶ୍ରୀଯୁକ୍ତ ସୁରେଶ ପୂଜାରୀ ମହୋଦୟ ଦେଇଥିବା ପ୍ରତିଶ୍ରୁତି ମୁତାବକ ସ୍ଥଗିତ ଥିବା ଦରମା ଏବଂ ଦୀର୍ଘ ଦିନ ସ୍ଥଗିତ ଥିବା ଅମଲାମାନଙ୍କର ପଦୋନ୍ନତିକୁ ପୁନର୍ବାର ଦେବା ପାଇଁ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ, ଲୋକ ସଭା ଭବନ, ଓଡ଼ିଶା, ଭୁବନେଶ୍ୱରଙ୍କ ପତ୍ର ସଂଖ୍ୟା ୨୦୭ ତାରିଖ :-୦୨-୦୧-୨୦୨୬ ପ୍ରକାରେ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶ କୁ ଓଡ଼ିଶା ରାଜସ୍ୱ ଅମଲା ସଂଘ ର ଅଧ୍ୟକ୍ଷ ଲୋକେଶ୍ୱର ସାହୁ, କାର୍ଯ୍ୟକରି କମିଟିର ଅଧ୍ୟକ୍ଷ ପ୍ରସନ୍ନ କୁମାର ନାୟକ ସଭାପତି ତ୍ରିପତି ବାଲାଜୀ ସାହୁ, ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ସ୍ୱାଗତ କରିବା ସହିତ ଅନେକ ସାଧୁବାଦ ଜଣାଇଛନ୍ତି ।

# ବୁଢାଦେଓ ମହୋତ୍ସବ ଉଦଯାପିତ

**ବଲାଙ୍ଗୀର,୪।୧:(ମନ୍ଥନ)**ବଲାଙ୍ଗୀର ଜିଲ୍ଲା ଆଗଲପୁର ବ୍ଲକ ନଅଗାଁ (ଖ)ର ବୁଢାଦେଓ ଯାତ୍ରା ଅବସରରେ ଦୁଇ ଦିନ ଧରି ବୁଢାଦେଓ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପଲ୍ଲୀ ଆଲୋକ ପାଠାଗାର, ବୁଢାଦେଓ ଯାତ୍ରା କମିଟି ଓ ଗ୍ରାମବାସୀଙ୍କ ତରଫରୁ ଆୟୋଜିତ ପ୍ରଥମ ସନ୍ଧ୍ୟା କାର୍ଯ୍ୟକ୍ରମକୁ ସଦାନନ୍ଦ ପଶାୟତ ପରିଚାଳନା କରିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ଲୋଇସିଂହା ବନ ଅଧିକାରୀ ଆନନ୍ଦ ଚନ୍ଦ୍ର ବିଶି, ଲୋଇସିଂହା ତହସିଲଦାର ଟିକୁନୁ ପୁଟା, ଡା.ସଂଜୀବ ବିଶ୍ୱାଳ, ନଅଗାଁ ସରପଞ୍ଚ ବୃନ୍ଦାବନ ସେଠ, ନରସିଂହ ସାହୁ ପ୍ରମୁଖ ଯୋଗଦେଇ ବିଶ୍ୱରେ ଆଦିବାସୀ ସଂସ୍କୃତି, ପରମ୍ପରା ଦିନକୁ ଦିନ ଲୋପ ହେବାକୁ ବସିଛି, ତେଣୁ ଉକ୍ତ ମହୋତ୍ସବକୁ ଆହୁରି ବ୍ୟାପକ ଭାବେ କରିବାକୁ ଅତିଥିଗଣ ମତବ୍ୟକ୍ତ କରିଥିଲେ । ଦ୍ୱିତୀୟ ତଥା ଉଦଯାପନୀ ସନ୍ଧ୍ୟାର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନମୋହନ ପଟେଲ,



ଲଳିତ ମୋହନ ସାହୁ ପ୍ରମୁଖ ମଞ୍ଚାସିନ ଥିଲେ । ଏହି ପରିପ୍ରେକ୍ଷୀରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଝରଣିପାଲି ସରପଞ୍ଚ ସୁନିତା ସାହୁ, ଅଙ୍ଗନବାଡି କର୍ମୀ ରଶ୍ମିରେଖା ସାହୁ, ଆଡେନଡୁଙ୍ଗୁରି ଗ୍ରାମର ସଫଳ ଚାଷୀ ବିରେନ ଭୋଇ, ଅବସରପ୍ରାପ୍ତ ଖେଳ ଶିକ୍ଷକ ସୀତାରାମ ପଧାନ, ପୁରାତନ ବାଜା କଳାକାର ଘାସି ହରପାଲ, କୀର୍ତନ ମହାନନ୍ଦ, ଆଦିବାସୀ ସଂଗଠନର ଗୋବିନ୍ଦ କୁଅଁରଙ୍କୁ ମାନପତ୍ର ତଥା ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଦୁଇଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସାଂସ୍କୃତିକ ଦଳ ଆସି ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଅବସରରେ ଗ୍ରାମର କୁନି କଳାକାର ମାନଙ୍କୁ ନେଇ ତପସ୍ୱିନୀ କାବ୍ୟ ଓ ପାଣ୍ଡେସରା ମହକ କିଶୋରୀ ସଂଗଠନ ତରଫରୁ ବାଲ୍ୟ ବିବାହ ଆଧାରିତ ଏକ ଡ୍ରାମା ପ୍ରଦର୍ଶନ କରା ଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ପଲ୍ଲୀ ଆଲୋକ ପାଠାଗାରର ସମ୍ପାଦକ ପ୍ରଶାନ୍ତ ନାୟକ ପରିଚାଳନା କରିଥିବା ବେଳେ ଗୋବିନ୍ଦ ଚନ୍ଦ୍ର ବିଶି, ଦିଲୀପ କୁଅଁର, ଦେବଦତ୍ତ ଦଣ୍ଡସେନା, ପ୍ରହଲ୍ଲାଦ ପଧାନ, ପ୍ରଶାନ୍ତ କୁଅଁର, ରଞ୍ଜନ ମହାଲିଙ୍ଗ, ଆଶିଷ ବିଶ୍ୱାଳ, ରମେଶ ପଧାନଙ୍କ ସମେତ ସମସ୍ତ ସଭ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ ।

ସୋମବାର, ୦୫ ଜାନୁଆରୀ ,୨୦୨୬ ଭୁବନେଶ୍ୱର
MONDAY, 05 JANUARY, 2026, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ହ୍ୱାଇଟ୍-କୋଲାର ଆତଙ୍କବାଦୀ

ଗତମାସରେ ଜାତୀୟ ରାଜଧାନୀ ଦିଲ୍ଲୀର ଜନଗହଳିପୂର୍ଣ୍ଣ ଲାଲକିଲ୍ଲା ମେଟ୍ରୋ ରେଳଷ୍ଟେସନ ନିକଟରେ ଶକ୍ତିଶାଳୀ ବିସ୍ଫୋରଣରେ ୧୩ଜଣଙ୍କର ମୃତ୍ୟୁ ଘଟିବା ସହ ୩୦ରୁ ଊର୍ଦ୍ଧ୍ୱ ଆହତ ହେବା ଘଟଣା ଦେଶ ଏବେ ଆତଙ୍କବାଦୀଙ୍କ ନିଶାଣରେ ଥିବା ସୂଚିତ କରୁନାହିଁ, ଆତଙ୍କବାଦର ନୂତନ କୌଶଳ, ରୂପରେଖ ନେଇ ସଂକେତ ପ୍ରଦାନ କରୁଛି ବୋଲି କହାଯାଇପାରିବ। ନିରାପତା, ପ୍ରଶାସନିକ ସର୍କଲରେ ଥିବା ଡାକ୍ତର, ଇଂଜିନିୟର, ଶିକ୍ଷାବିତ ଏବଂ ଛାତ୍ରଙ୍କୁ ନେଇ ହ୍ୱାଇଟ୍-କୋଲାର ଆତଙ୍କବାଦ ନେଟୱାର୍କ ପରିବର୍ତ୍ତିତ ନେଟୱାର୍କରେ ଦିଲ୍ଲୀ ବିସ୍ଫୋରଣରେ କାର ଚଳାଉଥିବା ମହମ୍ମଦ ଲମରନବୀ ଜଣେ ଡାକ୍ତର। ହରିଆନାରୁ ଗୋଟିଏ ଘରୋଇ ବିଶ୍ୱବିଦ୍ୟାଳୟରେ ସେ ପ୍ରଫେସର ଥିବା କୁହାଯାଏ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଦିଲ୍ଲୀ ଆତଙ୍କବାଦୀ ଆକ୍ରମଣ ଘଟଣାରେ ଜଣେ ଡାକ୍ତର ସମ୍ପୃକ୍ତ ଥିବା ବେଳେ ଦେଶରେ ଆତଙ୍କବାଦୀ ଆକ୍ରମଣ ଯୋଜନାରେ ସଂଶ୍ଳିଷ୍ଟ ଥିବା ଅଭିଯୋଗରେ ୩ଜଣ ଫେରାର ଅଛି। ଗତ ସପ୍ତାହରେ ଜାମ୍ମୁ-କାଶ୍ମୀର ପୋଲିସ ଫରିଦାବାଦଠାରେ ଆଦିଲ ମହମ୍ମଦ ଓ ମୁଜାମ୍ମିଲ ସକିଲ ନାମକ ଦୁଇଜଣ ଡାକ୍ତରଙ୍କୁ ଗିରଫ କରିବା ସହ ବିପୁଳ ପରିମାଣର ବିସ୍ଫୋରକ ଜବତ କରି ଏକ ବଡ ଧରଣର ଆକ୍ରମଣ ଯୋଜନାକୁ ପଣ୍ଡ କରିବାରେ ସମର୍ଥ ହୋଇଛି। ସାହିନ ସୟିଦ୍ ନାମକ ଜଣେ ମହିଳା ଡାକ୍ତରଙ୍କୁ ପୋଲିସ ଗିରଫ କରିଥିବା ସେ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ(ଜେଇଏମ)ରେ ଭାରତରେ ଏହାର ମହିଳା ଶାଖାର ବିସ୍ତାର ଦାୟିତ୍ୱ ନେଇଥିଲେ ଫରିଦାବାଦରୁ ୩୦୦୦ କେଜି ବିସ୍ଫୋରକ ଜବତ ଏବଂ ୩ଜଣ ଡାକ୍ତରଙ୍କୁ ଗିରଫ କରାଯିବା ପରେ ଅନ୍ୟ ଜଣେ ଡାକ୍ତର ଫେରାର ରହିଛି। ଏହା ନିସନ୍ଦେହ ଯେ, ବିସ୍ଫୋରକ ମହଜୁଦ ରଖିବା ଏବଂ ଆତଙ୍କବାଦୀ କାର୍ଯ୍ୟକଳାପରେ ୫ଜଣ ଡାକ୍ତର, ଯେଉଁମାନେ କି ମୁସଲମାନ ସମ୍ପ୍ରଦାୟର, ସାମିଲ ହେବା ଘଟଣା ଆତଙ୍କବାଦ ଏବେ ଏକ ନୂତନ ଆତଙ୍କବାଦୀ ନେଟୱାର୍କକୁ ସ୍ପଷ୍ଟ ପ୍ରମାଣିତ କରୁଛି। ପୂର୍ବରୁ ଇଂଜିନିୟର ରିଆଜ ଭଟକଲ ଓ ଅବଦୁଲ ସୁଭାନ କ୍ୟୁରେସ ଇଣ୍ଡିଆନ ମୁଜାହିଦ୍ଦିନ ଆତଙ୍କବାଦୀ ଗୋଷ୍ଠୀ ସହ ସମ୍ପୃକ୍ତ ରହି ଦେଶ ବିରୋଧୀ କାର୍ଯ୍ୟରେ ଜଡିତ ଥିବାବେଳେ ଏବେ ୫ଜଣ ଡାକ୍ତର ଆତଙ୍କବାଦୀ ସହ ଜଡିତ ହେବା ଚିନ୍ତାଜନକ। ଆମ ଦେଶରେ ଡାକ୍ତର ଜୀବନରକ୍ଷକ ହୋଇଥିବା ବେଳେ ୫ଜଣ ଡାକ୍ତର ଜୀବନ ନେବା କାର୍ଯ୍ୟକଳାପରେ ସାମିଲ ହେବା ଆତଙ୍କବାଦର ନୂତନ କୌଶଳକୁ ସୂଚିତ କରୁଛି। ଅପରେସନ ସିନ୍ଦୁର ପରେ ଦେଶରେ ହ୍ୱାଇଟ୍-କୋଲାର ଅର୍ଥାତ ଘରେ ବସି କାମ କରୁଥିବ ଯୁବକ ଯେଉଁମାନେଙ୍କୁ କେହି କେବେ ସନ୍ଦେହ କରିନପାରନ୍ତି ସେମାନଙ୍କୁ ଢାଲ କରି ପାକିସ୍ଥାନ ଏବେ ଦେଶରେ ଆତଙ୍କବାଦ ନେଟୱାର୍କ ଗଢିଥିବା ଆଶଙ୍କା କରାଯାଏ। ଉଲ୍ଲେଖଯୋଗ୍ୟ ଯେ, ୨୦୦୮ରେ ଦିଲ୍ଲୀରେ ସିରିଜ୍ ବିସ୍ଫୋରଣରେ ଦୀର୍ଘ ୧୭ବର୍ଷ ପରେ ଏହି ବିସ୍ଫୋରଣ ଘଟିଛି। ଏହି ଘଟଣାରେ ଦିଲ୍ଲୀ ପୋଲିସ ବେଆଇନ କାର୍ଯ୍ୟକଳାପ (ନିଷେଧ) ଆଇନ-ୟୁଏପିଏ ଏବଂ ବିସ୍ଫୋରକ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରିଛି। ଏହି ଘଟଣାର ତଦନ୍ତ ଦାୟିତ୍ୱ ଜାତୀୟ ତଦନ୍ତକାରୀ ସଂସ୍ଥା( ଏନଆଇ,) ଉପରେ ନ୍ୟସ୍ତ କରାଯାଇଛି। ଏନଆଇଏର ପ୍ରାଥମିକ ତଦନ୍ତରୁ ସେମାନଙ୍କର ନିଶାଣ ସେନା ଭବନ, ବିଜେପି ମୁଖ୍ୟ କାର୍ଯ୍ୟାଳୟ, ପାର୍ଲିଆମେଂଟ ରାମମନ୍ଦିର ଏବଂ କାଶୀବିଶ୍ୱନାଥ ମନ୍ଦିର ଥିବା ସୂଚନା ଦେଇଛି। ଆସନ୍ତା ଡିସେମ୍ବର ୬ତାରିଖ ବାବ୍ରୀ ମସଜିଦ୍ ଭଙ୍ଗା ଘଟଣା ଦିନ ଏହି ବିସ୍ଫୋରକ ଉପରୋକ୍ତ ସ୍ଥାନଗୁଡିକରେ ଘଟାଇଥାନ୍ତେ। ଏହି ବିସ୍ଫୋରଣ ଉପରୋକ୍ତ ସ୍ଥାନଗୁଡିକରେ ଘଟାଇଥାନ୍ତେ। ଏହି ବିସ୍ଫୋରଣ ଷଡଯନ୍ତ୍ରର ମୂଳ ପର୍ଯ୍ୟନ୍ତ ତଦନ୍ତ ହେବ ଏବଂ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ଦିଆଯିବା ନେଇ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। କହିବା ବାହୁଲ୍ୟ ଯେ, ଅପରେସନ ସିନ୍ଦୁରର ବିଜୟ ପରେ ଦେଶବାସୀଙ୍କ ମନରେ ଉତ୍ସାହ, ଉଦ୍ଦିପନା ସୃଷ୍ଟି କରିଥିଲା। ଏବେ ଆତଙ୍କବାଦୀ ନୂତନ ହ୍ୱାଇଟ-କୋଲାର ନେଟୱାର୍କ ପ୍ରତି ଦେଶବାସୀ ସଜାଗ ସତର୍କ ହେବା ସହ ଏଭଳି ଷଡଯନ୍ତ୍ର ଏବଂ ଯୁଦ୍ଧରେ ବିଜୟୀ ହେବା ଲାଗି ସମଗ୍ର ଦେଶ ଏକଜୁଟ ହୋଇ ଆତଙ୍କବାଦ ବିରୁଦ୍ଧରେ ଲଢେଇ କରିବାର ସମୟ ଆସିଛି।

# ସୋମନାଥ ସ୍ୱାଭିମାନ ପର୍ବ - ୧୦୦୦ ବର୍ଷର ଏକ ଅତୁଟ ଆସ୍ଥା

### ନରେନ୍ଦ୍ର ମୋଦୀ

ସୋମନାଥ... ଏହି ଶବ୍ଦଟିକୁ ଶୁଣିବା ମାତ୍ରେ ଆମମାନଙ୍କ ହୃଦୟ ଓ ମନରେ ଗର୍ବ ଏବଂ ଗୌରବର ଏକ ଭାବନା ଆପେ ଜାଗ୍ରତ ହୋଇଥାଏ । ଏହା ହେଉଛି ଭାରତର ଆତ୍ମାର ଶାଶ୍ୱତ ଆହ୍ୱାନ । ଏହି ଭବ୍ୟ ମନ୍ଦିର ଭାରତର ପଶ୍ଚିମ ତଟରେ ଗୁଜରାଟ ରାଜ୍ୟରେ ପ୍ରଭାସ ପତନ ନାମକ ସ୍ଥାନରେ ଅବସ୍ଥିତ । ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ସ୍ତୋତ୍ରମରେ ସାରା ଭାରତରେ ଥିବା ୧୨ଗୋଟି ଜ୍ୟୋତିର୍ଲିଙ୍ଗଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି । ଏହି ସ୍ତୋତ୍ର ଏପରି ଭାବରେ ଆରମ୍ଭ: 'ସୌରାଷ୍ଟ୍ରେ ସୋମନାଥଂ ଚ...' ଯାହା ଦେଶର ପ୍ରଥମ ଜ୍ୟୋତିର୍ଲିଙ୍ଗ ଭାବରେ ସୋମନାଥଙ୍କୁ ଆମ ସଭ୍ୟତା ତଥା ଆଧ୍ୟାତ୍ମିକ ସଂକେତ ଭାବରେ ଉପସ୍ଥାପନ କରେ ।

ଏଥିରେ ଆହୁରି ମଧ୍ୟ କୁହାଯାଇଛି:
ସୋମଲିଙ୍ଗଂ ନରୋ ଦୃଷ୍ଟ୍ୱା ସର୍ବପାପୈ ପ୍ରମୁଚ୍ୟତେ ।
ଲଭତେ ଫଳଂ ମନୋବାଞ୍ଛିତଂ ମୃତଃ ସ୍ୱର୍ଗଂ ସମାଶ୍ରୟେତ୍ ।।

ଏହାର ଅର୍ଥ ହେଉଛି: କେବଳ ସୋମନାଥ ଶିବଲିଙ୍ଗଙ୍କ ଦର୍ଶନ ମାତ୍ରେ ଜଣେ ବ୍ୟକ୍ତି ତା'ର ସକଳ ପାପରୁ ନିଶ୍ଚିତ ରୂପେ ମୁକ୍ତ ହୋଇଥାଏ ଏବଂ ଏଥି ସହିତ ତା'ର ମନର ସକଳ ସକାରାତ୍ମକ କାମନା ପୂର୍ଣ୍ଣ ହେବା ସହିତ ସେ ମୃତ୍ୟୁ ପରେ ସ୍ୱର୍ଗଲୋକ ପ୍ରାପ୍ତ ହୋଇଥାଏ ।

କ୍ଷୋଭର କଥା, ଏହି ସୋମନାଥ, ଯାହାଙ୍କୁ କୋଟି କୋଟି ଶ୍ରଦ୍ଧାଳୁ ପ୍ରାଚୀନ କାଳରୁ ପୂଜାର୍ଚ୍ଚନା କରିଆସୁଥିଲେ, ଉପାସନା କରିଆସୁଥିଲେ, ତାହାକୁ ବିଦେଶାଗତ ଆକ୍ରମଣକାରୀମାନେ ଆକ୍ରମଣ କରିଥିଲେ, କାରଣ ସେମାନଙ୍କର ଉଦ୍ଦେଶ୍ୟ ଥିଲା ଏହାକୁ ଧ୍ୱଂସ କରିବା, କେବଳ ଏହି ମନ୍ଦିରର ଉପାସନାକୁ ବନ୍ଦ କରିବା ନୁହେଁ ।

ସୋମନାଥ ମନ୍ଦିର ନିମନ୍ତେ ବର୍ଷ ୨୦୨୬ଟି ବିଶେଷ ମହତ୍ତ୍ୱ ବହନ କରେ । ଏହି ମହାନ ପୀଠ ଉପରେ ପ୍ରଥମ ଆକ୍ରମଣ ଘଟିବାର ୧୦୦୦ ବର୍ଷ ପୂରଣ ହୋଇଛି । ୧୦୨୬ ଖ୍ରୀଷ୍ଟାବ୍ଦର ଜାନୁଆରୀ ମାସରେ ଗଜନୀର ମାହମୁଦ ସୋମନାଥ ମନ୍ଦିର ଉପରେ ଆକ୍ରମଣ କରିଥିଲେ ଏବଂ ଆସ୍ଥା ଓ ସଭ୍ୟତାର ଏହି ମହାନ ସଂକେତକୁ ଧ୍ୱଂସ କରିଦେବାକୁ ଚାହିଁଥିଲେ । ଏଥି ନିମନ୍ତେ ଯେତେ ରକ୍ତପାତ ଓ ବର୍ବର ଆକ୍ରମଣ କରାଯାଇପାରେ, ସେ ତାହା ଆପଣାଇଥିଲେ ।

ତଥାପି, ଏହି ଘଟଣାର ଏକ ହଜାର ବର୍ଷ ପରେ ସୁଦ୍ଧା, ସେହି ମନ୍ଦିର ପୂର୍ବ ଗୌରବର ସହିତ ସେଠାରେ ଦଣ୍ଡାୟମାନ, କାରଣ ସୋମନାଥ ମନ୍ଦିରର ଭବ୍ୟତାକୁ ବଜାୟ ରଖିବା ସକାଶେ ଅତୀତରେ ଅସଂଖ୍ୟ ପୁନଃର୍ଗଠନ ପ୍ରୟାସ କରାଯାଇଆସିଛି । ଏଭଳି ଏକ ପ୍ରୟାସର ମାଇଲଖୁଣ୍ଟ ୨୦୨୬ ମସିହାରେ ୭୫ ବର୍ଷ ପୂରଣ କରୁଛି । ସେହିଭଳି ପ୍ରୟାସ ୧୯୫୧ ମସିହା ମେ ୧୧ ତାରିଖ ଦିନ ଏକ ଉତ୍ସବରେ ସଂପାଦନ କରାଯାଇଥିଲା ଏବଂ ତାହା ସଂପାଦନ କରାଯାଇଥିଲା ଭାରତର ତତ୍କାଳୀନ ମହାମହୀମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଉପସ୍ଥିତିରେ । ସେଦିନ ଏହି ପୁନଃର୍ବିନ୍ୟାସକୃତ ମନ୍ଦିରର ଦ୍ୱାରକୁ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ଖୋଲାଯାଇଥିଲା ।

ସୋମନାଥ ମନ୍ଦିର ଉପରେ ପ୍ରଥମ ଆକ୍ରମଣ ଘଟିଥିଲା ୧୦୨୬ ଖ୍ରୀଷ୍ଟାବ୍ଦରେ । ସେତେବେଳେ ଏହି ନଗରୀର ଲୋକମାନଙ୍କ ଉପରେ ନିଷ୍ଠୁର ଆକ୍ରମଣ କରାଯାଇଥିଲା । ସେତେବେଳେ ଏହି ମନ୍ଦିରକୁ ଯେଉଁଭଳି ବୀଭତ୍ସ ଭାବରେ ଧ୍ୱଂସ କରାଯାଇଥିଲା ତାହାର ବିସ୍ତୃତ ବର୍ଣ୍ଣନା ବିଭିନ୍ନ ଐତିହାସିକ ଗ୍ରନ୍ଥମାନଙ୍କରେ ଉଲ୍ଲେଖ ରହିଛି । ଆପଣମାନେ ତାହା ପ?ିଲେ, ଛାତି ଥରିଉଠେ । ଏହାର ପ୍ରତ୍ୟେକ ଧାଡିରେ ଦୁଃଖ, କ୍ରୂରତା ଭରି ରହିଛି ଏବଂ ଏହି ଦୁଃଖ ସମୟ ସହିତ କେବେ ପ୍ରଶମିତ ହୋଇଯାଇନାହିଁ ।

ଆପଣମାନେ କଳ୍ପନା କରି ପାରିବେ ଯେ ଭାରତ ଉପରେ ଏହା କି ପ୍ରକାର ପ୍ରଭାବ ପକାଇଥିଲା ଏବଂ ଲୋକମାନଙ୍କ ଭାବନାକୁ କେତେ ଆଘାତ ଦେଇଥିଲା । କାହିଁକି ନା, ସୋମନାଥ ସେମାନଙ୍କ ପାଇଁ ଅଚିନ୍ତନୀୟ ଆଧ୍ୟାତ୍ମିକ ଗୁରୁତ୍ୱ ବହନ କରେ । ଏହି ତଟ ମଧ୍ୟ ସମାଜକୁ ପର୍ଯ୍ୟାପ୍ତ ଆର୍ଥିକ ଶକ୍ତି ଓ ସାମର୍ଥ୍ୟ ଯୋଗାଇ ଆସୁଥିଲା । ଏହି ସମୁଦ୍ର ଦେଇ ବଣିକମାନେ, ନାବିକମାନେ ଭାରତର ଭବ୍ୟ ଗାଥାକୁ ଦୂର ଦୂରାନ୍ତକୁ ବହନ କରି ନେଉଥିଲେ ।

ତଥାପି, ମୁଁ ଗର୍ବର ସହିତ ଏବଂ ବିନା ଦ୍ୱିଧାରେ ଏକଥା କହିବାକୁ ଚାହେଁ ଯେ ସୋମନାଥଙ୍କ ଗାଥା, ଏହା ଉପରେ ବିଦେଶୀ ଲୁଣ୍ଠନକାରୀଙ୍କ ଆକ୍ରମଣର ଏକ ହଜାର ବିତି ସାରିଥିଲେ ସୁଦ୍ଧା, ସେହି ଧ୍ୱଂସ ଦ୍ୱାରା ସଂଜ୍ଞା ନିରୂପିତ ହୁଏନାହିଁ । ଭାରତ ମାତାଙ୍କ କୋଟି କୋଟି ସନ୍ତାନଙ୍କ ଅତୁଟ ସାହସ ଦ୍ୱାରା ହିଁ ଏହାର ସଂଜ୍ଞା ନିରୂପିତ ।

ଏହି ମଧ୍ୟଯୁଗୀୟ ବର୍ବରତା ଯାହା ଆଜକୁ ହଜାର ବର୍ଷ ପୂର୍ବ ? ୧୦୨୬ ଖ୍ରୀଷ୍ଟାବ୍ଦରେ ଆରମ୍ଭ ହୋଇଥିଲା, ତାହା ଅନ୍ୟମାନଙ୍କୁ ସୋମନାଥ ମନ୍ଦିର ଉପରେ ଅନ୍ୟମାନଙ୍କୁ ବାରମ୍ବାର ଆକ୍ରମଣ କରିବାକୁ 'ପ୍ରେରଣା' ଯୋଗାଇଥିଲା । ଆମର ଜନସାଧାରଣ ଏବଂ ଏହାର ସଂସ୍କୃତିକୁ ଦାସତ୍ୱର ବେଡିରେ ବାନ୍ଧି ରଖିବା ନିମନ୍ତେ ଏହା ଥିଲା ପ୍ରଥମ ପ୍ରୟାସ । ପ୍ରତ୍ୟେକ ଥର ଏହି ମନ୍ଦିର ଉପରେ ହେଉଥିବା ଆକ୍ରମଣ ବେଳେ, ଆମମାନଙ୍କ ନିକଟରେ ଏହାକୁ ବିରୋଧ କରିବା ଏବଂ ସୁରକ୍ଷା ପ୍ରଦାନ କରିବା ସକାଶେ ମହାନ ବୀର ଓ ବୀରାଙ୍ଗନାମାନେ ଉପଲବ୍ଧ ଥିଲେ ଏବଂ ପ୍ରତ୍ୟେକ ଥର, ପି? ପରେ ପି?, ଆମର ଏହି ମହାନ ସଭ୍ୟତାର ଲୋକମାନେ, ନିଜକୁ ସେଭଳି ଆକ୍ରାନ୍ତାମାନଙ୍କ ବିରୁଦ୍ଧରେ ଠିଆ ହୋଇଥିଲେ ଏବଂ ଧ୍ୱଂସ ମନ୍ଦିରକୁ ପୁନର୍ବାର ଭବ୍ୟତାର ସହିତ ପୁନଃନିର୍ମାଣ ପୂର୍ବକ ଠିଆ କରାଇଥିଲେ । ଏହା ଆମମାନଙ୍କର ପରମ ସୌଭାଗ୍ୟ ଯେ ଅହଲ୍ୟାବାଈ ହୋଲକାରଙ୍କ ଭଳି ମହାନ୍ ବ୍ୟକ୍ତିତ୍ୱ ଯେଉଁ ଭୂମିରେ ଜନ୍ମ ଗ୍ରହଣ କରିଥିଲେ ଆମେ ସେହି ଭୂମିରେ ଭୂମିଷ୍ଠ ହୋଇଛେ । ଅହଲ୍ୟାବାଈ ହୋଲକାର ସୋମନାଥ ମନ୍ଦିରର ପୁନଃନିର୍ମାଣ ନିମନ୍ତେ ଯେଉଁ ଆଦର୍ଶ ପ୍ରୟାସ କରିଥିଲେ ତାହା ପ୍ରଶଂସନୀୟ ଯାହା ଫଳରେ ଶ୍ରଦ୍ଧାଳୁମାନେ ପୁନର୍ବାର ମନ୍ଦିରରେ ପୂଜାର୍ଚ୍ଚନା କରିପାରିଥିଲେ ।



୧୮୯୦ ଦଶକରେ ସ୍ୱାମୀ ବିବେକାନନ୍ଦ ସୋମନାଥ ମନ୍ଦିର ପରିଦର୍ଶନ କରିଥିଲେ ଏବଂ ତାହା ତାଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା । ସେ ତାଙ୍କର ସେହି ଅନୁଭବକୁ ୧୮୯୭ ମସିହାରେ ଚେନ୍ନାଇଠାରେ ପ୍ରଦାନ କରିଥିବା ଏକ ଭାଷଣରେ ପ୍ରଦାନ କରି କରିଥିଲେ । ସେ କହିଥିଲେ, 'ଦକ୍ଷିଣ ଭାରତର କେତେକ ପ୍ରାଚୀନ ମନ୍ଦିର ଏବଂ ଗୁଜରାଟର ସୋମନାଥ ଭଳି ମନ୍ଦିର ଆମମାନଙ୍କୁ ଜ୍ଞାନର ବିପୁଳ ଶିକ୍ଷା ପ୍ରଦାନ କରେ । ସେହିସବୁ ମନ୍ଦିରମାନେ ଆମମାନଙ୍କୁ ମାନବ ଜାତିର ପ୍ରାଚୀନ ଇତିହାସ ମଧ୍ୟକୁ ଗଭୀର ଭାବରେ ଅନ୍ତର୍କ୍ଷେପଣ ନିମନ୍ତେ ପ୍ରେରିତ କରେ ଯାହା ଆମେ କୌଣସି ଗ୍ରନ୍ଥରୁ କେବେ ପାଇପାରିବା ନାହିଁ । ଲକ୍ଷ୍ୟ କରିବା କଥା ଯେ ସେହିସବୁ ମନ୍ଦିରଗୁଡିକ କିପରି ଏଭଳି ଆକ୍ରାନ୍ତାମାନଙ୍କ ହଜାର ହଜାର ଆକ୍ରମଣର ସ୍ୱାକ୍ଷର ନିଜ ବକ୍ଷରେ ବହନ କରି ରଖିଛନ୍ତି ଏବଂ ଶହ ଶହ ପି? ଧରି ତାହା ଜାରି ରହିଛି । ସେମାନେ ନିରବଚ୍ଛିନ୍ନ ଭାବରେ ଏହାକୁ ଧ୍ୱଂସ କରିଚାଲିଥିଲେ ଏବଂ ସେହି ଧ୍ୱଂସ ସ୍ତୂପ ଭିତରୁ ତାହା ପୁଣି ଥରେ ମୁଣ୍ଡ ଟେକିଥାଏ, ପୁନର୍ଜାଗରିତ ହୋଇ ଆହୁରି ମଜଭୁତ ହୋଇଥାଏ ! ଏହା ହେଉଛି ଜାତୀୟ ମାନସିକତା, ତାହା ହିଁ ହେଉଛି ରାଷ୍ଟ୍ରୀୟ ଜୀବନ ସ୍ରୋତ । ଏହାକୁ ଅନୁସରଣ କରନ୍ତୁ ଏବଂ ଏହା ଆମକୁ ମହିମାମଣ୍ଡିତ କରିବା ଆଡକୁ ଆଗେଇନିଏ । ଏହାକୁ ତ୍ୟାଗ କରନ୍ତୁ ଏବଂ ଦେଖିବେ, ତୁମର ବିନାଶ ଘଟିବ । ମୃତ୍ୟୁ ହେଉଛି ଏହାର ଏକମାତ୍ର ପରିଣାମ । ବିନାଶ, ଏହାର ଏକମାତ୍ର ପରିଣାମ- ଯେଉଁ ମୁହୂର୍ତ୍ତରେ ସେହି ଜୀବନ ସ୍ରୋତରୁ ତୁମେ ଦୂରେଇଯିବ ।'

ଦେଶ ସ୍ୱାଧୀନତା ଲାଭ କରିବା ପରେ ସୋମନାଥ ମନ୍ଦିରର ପୁନଃନିର୍ମାଣର ପବିତ୍ର କାର୍ଯ୍ୟ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦ୍ୱାରା ସଂପାଦିତ ହୋଇଥିଲା । ୧୯୪୭ ମସିହାରେ ସେ ଦୀପାବଳୀ ସମୟରେ ଯେତେବେଳେ ସେହି ମନ୍ଦିରକୁ ଏକତା ଦର୍ଶନ ପାଇଁ ଯାଇଥିଲେ ଏହାର ଧ୍ୱଂସାବଶେଷ ଦେଖି ସେ ଏତେ ମାତ୍ରାରେ ମ୍ରିୟମାଣ ହୋଇ ପଡିଥିଲେ ଯେ ସେ ସେହିଠାରେ ଘୋଷଣା କରିଥିଲେ ଯେ ଏହି ମନ୍ଦିରର ପୁନଃନିର୍ମାଣ କରାଯିବ । ପରିଶେଷରେ, ୧୯୫୧ ମସିହା ମେ ୧୧ ତାରିଖ ଦିନ, ସେହିଠାରେ ଭବ୍ୟ ସୋମନାଥ ମନ୍ଦିର ଉନ୍ମୋଚିତ ନିର୍ମିତ ହୋଇ ଏହାର ଦ୍ୱାର ଶ୍ରଦ୍ଧାଳୁମାନଙ୍କ ପାଇଁ ଉନ୍ମୋଚିତ ହୋଇଥିଲା । ଡକ୍ଟର ରାଜେନ୍ଦ୍ର ପ୍ରସାଦ ସେହି ଅବସରରେ ସେଠାରେ ଉପସ୍ଥିତ ଥିଲେ । ମହାନ୍ ସର୍ଦ୍ଦାର ସାହେବ ସେହି ଐତିହାସିକ ଦିନର ଅବସରକୁ ଦେଖିବା ସକାଶେ ସେତେବେଳକୁ ଜୀବିତ ନଥିଲେ, କିନ୍ତୁ ତାଙ୍କ ସ୍ୱପ୍ନ ସାକାରିତ ହୋଇ ରାଷ୍ଟ୍ର ସମ୍ମୁଖରେ ସଗର୍ବ ? ଦଣ୍ଡାୟମାନ ହୋଇଥିଲା । ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁ, ଏଭଳି ଘଟଣାକ୍ରମରେ ବିଶେଷ ଖୁସି ନଥିଲେ । ସେ ଚାହୁଁ ନଥିଲେ ଯେ ମାନ୍ୟବର ରାଷ୍ଟ୍ରପତି ତଥା ଅନ୍ୟ ମନ୍ତ୍ରୀଗଣ ଏଭଳି ବିଶେଷ କାର୍ଯ୍ୟକ୍ରମ ସହିତ ଜଡିତ ହୁଅନ୍ତୁ । ସେ ମତ ପୋଷଣ କରିଥିଲେ ଯେ ଏହା ଭାରତ ସମ୍ପର୍କରେ ଏକ ଖରାପ ଧାରଣା ସୃଷ୍ଟି କରିବ । କିନ୍ତୁ ଡକ୍ଟର ରାଜେନ୍ଦ୍ର ପ୍ରସାଦ ଦୃ? ଭାବରେ ନିଜ ସିଦ୍ଧାନ୍ତରେ ଅଟଳ ରହିଥିଲେ ଏବଂ ଯାହା ଘଟିଥିଲା, ତାହା ଆଜି ଇତିହାସ । କେ.ଏମ. ମୁନସୀଙ୍କ ପ୍ରୟାସ ବିନା ସୋମନାଥ ମନ୍ଦିର ସମ୍ପର୍କୀତ କୌଣସି ପ୍ରସଙ୍ଗ କଦାପି ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯାଇ ପାରିବନାହିଁ । ସେ ସକ୍ରିୟତାର ସହିତ ସର୍ଦ୍ଦାର ପଟେଲଙ୍କୁ ସମର୍ଥନ ଜ୍ଞାପନ କରିଥିଲେ । ସୋମନାଥଙ୍କ ସମ୍ପର୍କୀତ ତାଙ୍କର ରଚନାବଳୀ, ଏଥିରେ 'ସୋମନାଥ: ଶାଶ୍ୱତ ଧାମ' ପୁସ୍ତକ ସାମିଲ, ଅତୀବ ସୂଚନାଧର୍ମୀ ଏବଂ ଶିକ୍ଷଣୀୟ ।

ମୁନସୀଜୀଙ୍କ ଏହି ପୁସ୍ତକର ନାମ ହିଁ ଆମମାନଙ୍କୁ ଏହା ସୂଚାଏ ଯେ ଆମେ ଏଭଳି ଏକ ସଭ୍ୟତା ଯାହା ଏକ ଶାଶ୍ୱତ ଚିନ୍ତାଧାରା ଏବଂ ବିଚାରବୋଧ ସଦାବେଳେ ଧାରଣ କରିଆସିଛୁ । ଆମେ ଏକଥା ଦୃ?ତାର ସହିତ ବିଶ୍ୱାସ କରୁ ଯେ ଯାହା ଶାଶ୍ୱତ ତାହା କଦାପି କ୍ଷୟଶୀଳ ନୁହେଁ । ଏହା ଆମର ପ୍ରସିଦ୍ଧ ଗୀତା ଗ୍ରନ୍ଥରେ ମଧ୍ୟ ବର୍ଣ୍ଣିତ ରହିଛି: 'ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି...' । ଆମ ସଭ୍ୟତାର ଅଦମ୍ୟ ଭାବନା ସମ୍ପର୍କରେ ସୋମନାଥ ବ୍ୟତୀତ ଅନ୍ୟ କୌଣସି ଉତ୍ତମ ଉଦାହରଣ ଦିଆଯାଇ ପାରିବନାହିଁ, ଯାହା ବର୍ତ୍ତମାନ ସୁଦ୍ଧା ଗୌରବର ସହିତ, ସକଳ ପ୍ରକାର ପ୍ରତିକୂଳ ଶକ୍ତିଙ୍କ ପ୍ରଭାବ ଓ ସଂଘର୍ଷ ସତ୍ତ୍ୱେ ଦଣ୍ଡାୟମାନ ରହିଛି ।

ସେହି ମାନସିକତା ହିଁ ଆମ ରାଷ୍ଟ୍ରର ପରିକଳ୍ପନାରେ ଜଳଜଳ ହୋଇ ଦୃଶ୍ୟମାନ । ଏହା ବୈଶ୍ୱିକ ବିକାଶର ଉଜ୍ଜ୍ୱଳତମ ବିନ୍ଦୁ ଭାବରେ ବିଦ୍ୟମାନ । ଏହା ଶତାବ୍ଦୀ ଶତାବ୍ଦୀ ଧରି ଆକ୍ରମଣ ଏବଂ ଉପନିବେଶବାଦୀ ଲୁଣ୍ଠନର ଶିକାର ହୋଇ ସୁଦ୍ଧା ନିଜକୁ ଅତୁଟ ରଖିପାରିଛି । ଏହା ଆମର ମୂଲ୍ୟବୋଧ ଧାରା ଏବଂ ଜନସାଧାରଣଙ୍କ ପ୍ରତିବଦ୍ଧତା ଯାହା ଆଜି ଭାରତକୁ ବୈଶ୍ୱିକ ଧ୍ୟାନର କେନ୍ଦ୍ରବିନ୍ଦୁରେ ପରିଣତ କରିଛି । ବିଶ୍ୱ ଆଜି ଆଶା ଓ ସକାରାତ୍ମକ ଭାବନାର ସହିତ ଭାରତକୁ ଦେଖୁଛି । ସେମାନେ ଭାରତର ନବାଚାରଧର୍ମୀ ଯୁବଗୋଷ୍ଠୀଙ୍କ ଉପରେ ପୁଂଜି ନିବେଶ କରିବାକୁ ଆଗ୍ରହୀ । ଆମର କଳା, ସଂସ୍କୃତି, ସଙ୍ଗୀତ ଏବଂ ଅସୁମାରି ଉତ୍ସବ ଦିନକୁ ଦିନ ବୈଶ୍ୱିକ ହେବାରେ ଲାଗିଛି । ଯୋଗ ଓ ଆୟୁର୍ବେ?ଦ ବିଶ୍ୱବ୍ୟାପୀ ପ୍ରଭାବ ବିସ୍ତାର କରିଚାଲିଛି ଏବଂ ନିରାମୟ ଜୀବନ ଧାରଣକୁ ଶକ୍ତି ଯୋଗାଉଛି । ସବୁଠାରୁ କେତେଗୋଟି ଜଟିଳ ବୈଶ୍ୱିକ ଚାଲେଞ୍ଜର ସମାଧାନ ଭାରତରୁ ହିଁ ଆସିପାରିଛି ।

କାହିଁ କେଉଁ ଅସୁମାରି ଅତୀତ ଠାରୁ ସୋମନାଥ ବିଭିନ୍ନ ବର୍ଗର ଲୋକମାନଙ୍କୁ ଏକତ୍ରିତ କରିଛି । ଆଜକୁ ଶହ ଶହ ବର୍ଷ ପୂର୍ବ ?, କଳିକାଳ ସର୍ବାଙ୍ଗ ହେମଚନ୍ଦ୍ରାଚାର୍ଯ୍ୟ ନାମକ ଜନୈକ ଜୈନ ମୁନି, ସୋମନାଥ ମନ୍ଦିରକୁ ଆସିଥିଲେ । କୁହାଯାଏ ଯେ ସେଠାରେ ପ୍ରାର୍ଥନା କରିବା ପରେ, ସେ ଗାନ କରିଥିଲେ, 'ଭବବୀଜାଙ୍କୁଜନନାରାଗାଦ୍ୟାଃ କ୍ଷୟମୁପଗତା ଯସ୍ୟ' । ଏହାର ଅର୍ଥ ହେଲା – ସେହି ଶକ୍ତିଙ୍କୁ ନମସ୍କାର ଯାହାଙ୍କୁ ଦର୍ଶନ ମାତ୍ରେ ସକଳ ପ୍ରକାର ଜାଗତିକ ବୀଜର ବିନାଶ ଘଟେ, ଯାହାଙ୍କ କରୁଣାରୁ ସକଳ ପ୍ରକାର ସାଂସାରିକ ବନ୍ଧନ ଓ ଲୋଭ ମନରୁ ଉଭେଇଯାଏ ।' ଆଜି ସୁଦ୍ଧା, ସୋମନାଥ ସେହି ସାମର୍ଥ୍ୟକୁ ବହନ କରିଛି ଏବଂ ଆମମାନଙ୍କ ମନ ଓ ଆତ୍ମା ଭିତରେ ଏକ ଦିବ୍ୟ ଓ ବିରାଟ ଜାଗରଣ ସୃଷ୍ଟି କରୁଛି ।

୧୦୨୬ ଖ୍ରୀଷ୍ଟାବ୍ଦର ସେହି ପ୍ରଥମ ଆକ୍ରମଣର ଏକ ହଜାର ବର୍ଷ ପରେ, ସୋମାନଥର ସମୁଦ୍ର ତଥାପି ସେହିଭଳି ସ୍ୱରରେ ଉଦଘୋଷଣା କରୁଛି ଯାହା ଅତୀତରେ କରିଆସୁଥିଲା । ଯେଉଁ ଢେଉ ଆସି ସୋମନାଥଙ୍କ ପାଦରେ ମଥା ପିଟୁଛି, ତାହା ସେହି ଗୋଟିଏ କାହାଣୀ ହିଁ ବଖାଣୁଛି । ଯାହା ହେଉ ନା କାହିଁକି, ସେହି ଢେଉ ଭଳି ତାହା ବାରମ୍ବାର ମଥା ପିଟି ଚାଲିଛି, ସଙ୍ଗୀତ ଗାନ କରିଚାଲିଛି ।

ଅତୀତର ସେହିସବୁ ଆକ୍ରାନ୍ତାମାନେ ବର୍ତ୍ତମାନ ସମୟର ପବନରେ କାହିଁ ରେଣୁ ଭାବରେ କୁଆଡ ? ହଜି ଯାଇଛନ୍ତି, ସେମାନଙ୍କର ନାମ କେବଳ ଧ୍ୱଂସ ସହିତ ତୁଳନୀୟ । ଇତିହାସର ପାଦଟୀକାରେ ହିଁ ସେମାନେ ରହିଯାଇଛନ୍ତି, ଯଦ୍ୟପି ସୋମନାଥ ସେହିଭଳି ଉଜ୍ଜ୍ୱଳ, ଦୀପ୍ତୀମାନ ହୋଇ ଦୂର ଦିଗବଳୟ ପର୍ଯ୍ୟନ୍ତ ସବୁକିଛି ଆଲୋକିତ କରୁଛି । ତାହା ଆମମାନଙ୍କୁ ସେହି ଶାଶ୍ୱତ ଭାବନାକୁ ସ୍ମରଣ କରାଇ ଦେଉଛି ଯେ ୧୦୨୬ର ଆକ୍ରମଣ ସତ୍ତ୍ୱେ ଆମର ଭାବନା ସେହିଭଳି ଅତୁଟ ରହିଛି ଏବଂ ରହିଥିବ । ସୋମନାଥ ହେଉଛି ଆଶାର ସଙ୍ଗୀତ ଯାହା ଆମକୁ ସୂଚାଏ ଯେ ଘୃଣା ଏବଂ ଧର୍ମାନ୍ଧତା ନିକଟରେ ସାମୟିକ ଶକ୍ତି ଥାଇପାରେ, କିନ୍ତୁ ଆସ୍ଥା ଓ ବିଶ୍ୱାସ ନିକଟରେ ଥିବା ସୁସାମର୍ଥ୍ୟ ହେଉଛି ସେହି ଶାଶ୍ୱତ ଶକ୍ତି ଯାହା ଅନନ୍ତକାଳ ପର୍ଯ୍ୟନ୍ତ ଉଜ୍ଜୀବିତ ରହିଥିବ ।

ଯଦି ସୋମନାଥ ମନ୍ଦିର, ଯାହା ଆଜକୁ ଏକ ହଜାର ବର୍ଷ ପୂର୍ବ ? ଏକଦା ଆକ୍ରମଣର ଶିକାର ହୋଇଥିଲା ଏବଂ ଏହା ପରେ ବାରମ୍ବାର ଆକ୍ରମଣକୁ ଅଙ୍ଗେ ନିଭାଇଥିଲା, ତାହା ଯଦି ପୁଣି ଥରେ ମୁଣ୍ଡ ଟେକି ଠିଆ ହୋଇପାରେ, ତେବେ ଆମେମାନେ ଆମର ମହାନ ରାଷ୍ଟ୍ରକୁ ମଧ୍ୟ ଗୌରବଶାଳୀ କରି ପୁଣି ଥରେ ଠିଆ କରାଇ ପାରିବା, ଯାହା ଆଜକୁ ହଜାର ହଜାର ବର୍ଷ ପୂର୍ବ ? ଆମଠାରେ ଥିଲା । ଶ୍ରୀ ସୋମନାଥ ମହାଦେବଙ୍କ ଆଶୀର୍ବାଦ ସହିତ, ଆମେ ଆଗକୁ ପୁନଃସଂକଳ୍ପର ସହିତ ଅଗ୍ରସର ହେବା ଏବଂ ବିକଶିତ ଭାରତ ନିର୍ମାଣ କରିବା, ଯେଉଁଠାରେ ଆମ ସଭ୍ୟତାର ପ୍ରଜ୍ଞା ଆମକୁ ମାର୍ଗ ପ୍ରଦର୍ଶନ କରିବ ଏବଂ ସମଗ୍ର ବିଶ୍ୱର କଲ୍ୟାଣ ନିମନ୍ତେ ସହାୟକ ହେବ ।

ଜୟ ସୋମନାଥ !

(ନରେନ୍ଦ୍ର ମୋଦୀ, ଭାରତର ପ୍ରଧାନମନ୍ତ୍ରୀ ଏବଂ ଶ୍ରୀ ସୋମନାଥ ଟ୍ରଷ୍ଟର ଅଧ୍ୟକ୍ଷ)

# ଏକାତ୍ମା ସର୍ବଭୂତାନ୍ତରାତ୍ମା

### ଅନୀତା ପଟ୍ଟନାୟକ

୨୩ ନଭେମ୍ବର ୧୯୨୬ ମସିହାରେ ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲ୍ଲାର ପୁଟ୍ଟପର୍ତ୍ତି ଗ୍ରାମରେ ନାମଗିରି ଆମ୍ମା (ଈଶ୍ୱରମ୍ମା) ଓ ପେଦା ଭେଙ୍କାମ୍ମାରାଜୁ ରତ୍ନାକରମଙ୍କ କୋଳମଣ୍ଡନ କରି ସତ୍ୟନାରାୟଣ ରାଜୁ ଜନ୍ମ ଗ୍ରହଣ କଣିଥିଲେ। ସେ ଥିଲେ ଚତୁର୍ଥ ସନ୍ତାନ। ତାଙ୍କ ବଡ଼ଭାଇଙ୍କ ନାମ ଥିଲା ରତ୍ନାକରମଶେଷମ୍ମା ରାଜୁ। ବଡ଼ ଭଉଣୀଙ୍କ ନାମ ଭେଙ୍କାମା ଓ ପାର୍ବତାମ୍ମା ଏବଂ ସାନ ଭାଇଙ୍କ ନାମ ଥିଲା ଜାନକୀରାମୟା।

ଏହି ବର୍ଷ ଜାନୁଆରୀ ୧୮, ୧୯୨୬ ମସିହାରେ ସତ୍ୟସାଇ ସେବା ସଙ୍ଗଠନ ଓଡ଼ିଶାର ୫୦ ବର୍ଷ ପୂର୍ତ୍ତି ପାଳନ, ସତ୍ୟସାଇବାବାଙ୍କର ୧୦୦ ବର୍ଷ ପାଳନ ଓ ଦିବ୍ୟ ପାଦୁକା ଯାତ୍ରାର ଶେଷ ଦିନ ବାଲିଯାତ୍ରା ପଡ଼ିଆ ଠାରେ ଅନୁଷ୍ଠିତ ହେବାକୁ ଯାଉଛି। ନଭେମ୍ବର ୨୩, ୧୯୨୫ରେ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମଦିବସ ପାଳନ ଉପଲକ୍ଷେ ଭାରତର ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ଓଡ଼ିଶାର ରାଜ୍ୟପାଳ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ, ସଚିନ ତେନ୍ଦୁଲକର, ଐଶ୍ୱର୍ଯ୍ୟାରାୟ ପ୍ରଭୃତି ଅନେକ ହସ୍ତୀ ପୁଟ୍ଟପର୍ତ୍ତି ଯାଇ ସତ୍ୟସାଇବାବାଙ୍କ ସମାଧିରେ ନିଜର ଭକ୍ତିପୂତ ନୈବେଦ୍ୟ ଅର୍ପଣ କରିଥିଲେ। ୧୦୦ତମ ଜନ୍ମ ଦିବସ ଉପଲକ୍ଷେ କୋଟି କୋଟି ଜନତା (ଭକ୍ତ ମାନଙ୍କୁ) ପ୍ରସାଦ ବଣ୍ଟନ କରାଯାଉଥିଲା। ଏହି ଉତ୍ସବକୁ ଯିଏ ଉପଭୋଗ କରିଛି ସେ ଜାଣିଚି। ସମସ୍ତଙ୍କ ପାଟିରେ ଗୋଟିଏ କଥା ଥିଲା 'ଏହା ଏକ ଅପୂର୍ବ ସମାଗମ ଥିଲା।' ସେହିପରି ୧୮ ଜାନୁଆରୀ ୧୯୨୬ ମସିହାରେ ବାଲିଯାତ୍ରା ପଡ଼ିଆ ଠାରେ ଏକ ଅପୂର୍ବ ସମାଗମ ହେବାକୁ ଯାଉଛି। ଯେଉଁଠାରେ କି ଓଡ଼ିଶାର ପୁରପଲ୍ଲୀ ଠାରୁ ଆରମ୍ଭ କରି ପ୍ରତ୍ୟେକ ସହରର ଲୋକ ଆସି ରଥାରୁଢ଼ ସତ୍ୟସାଇଙ୍କର ଦିବ୍ୟପାଦୁକାକୁ ପ୍ରଣାମ ଜଣାଇବାର ସୁଯୋଗ ପାଇବେ। ସତ୍ୟନାରାୟଣ ରାଜୁ, ଯେ ପରବର୍ତ୍ତୀ ସମୟରେ ସତ୍ୟସାଇ ବାବା ଭାବେ ପରିଚିତ ହେଲେ ! ସେ ନିଜର ପରିଚୟ ନିଜେ ଦେଇ କହିଥିଲେ - 'ନା ଅହମ ମନୁଷ୍ୟ ନ ଚ ଦେବ, ଯକ୍ଷ। ନା ବ୍ରହ୍ମଣ, କ୍ଷତ୍ରୀୟ, ବୈଶ୍ୟ, ଶୁଦ୍ର। ନା ବ୍ରହ୍ମଚାରୀ, ନା ଗୃହୀ, ନା ବନସ୍ଥ। ଅହଂ ସତ୍ୟବୋଧକ, ସତ୍ୟଂ ଶିବମ୍, ସୁନ୍ଦରମ୍।'

ତେଣୁ ସେ ସବୁ ଭିତରେ ପୁରି ରହିଥିବା ସତ୍ୟ। ସତ୍ୟର ସଂଜ୍ଞାକୁ ବୁଝାଇବାକୁ ଯାଇ ସେ କହିଛନ୍ତି, 'ଯାହା ପୂର୍ବରୁ ଥିଲା, ବର୍ତ୍ତମାନ ଅଛି ଓ ଭବିଷ୍ୟତରେ ରହିବ।' ତେଣୁ ତାଙ୍କ ଜନ୍ମ ଦିବସ ଓ ତିରୋଧାନର ପାଳନ ଏକ ପ୍ରତୀକ ମାତ୍ର। କାରଣ ସେ ଜନ୍ମ ହେବା ପୂର୍ବରୁ ଥିଲେ ବର୍ତ୍ତମାନ ଅଛନ୍ତି ଓ ଭବିଷ୍ୟତରେ ରହିବେ। ଭଗବାନ ଶ୍ରୀସତ୍ୟସାଇ ୨୦୧୦ ଏପ୍ରିଲ ୨୪ ତାରିଖ ଦିନ ଦେହତ୍ୟାଗ କରିଥିଲେ। ୧୯୪୪ ମସିହାରେ ଭକ୍ତମାନଙ୍କ ଦ୍ୱାରା ଏକ ମନ୍ଦିର ନିର୍ମାଣ କରାଯାଇଥିଲା ଯାହାକି ପୁରାତନ ମନ୍ଦିର ଭାବରେ ପରିଚିତ ଥିଲା। ୧୯୪୮ରେ ବର୍ତ୍ତମାନର ଆଶ୍ରମ ପ୍ରଶାନ୍ତିନିଳୟମ୍ ନିର୍ମାଣ ହୋଇଥିଲା। ୧୯୫୦ରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ସେ ଚିକିତ୍ସା କ୍ଷେତ୍ରରେ, ଶିକ୍ଷା କ୍ଷେତ୍ରରେ ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ଯଥା ହୃଦରୋଗୀ ମାନଙ୍କ ସେବା ନିମନ୍ତେ ପୁଟ୍ଟପର୍ତ୍ତି ଓ ବାଙ୍ଗାଲୋର ଠାରେ ସୁପର ସ୍ପେଶାଲିଟ ହସ୍ପିଟାଲ ସ୍ଥାପନ ଓ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ ନିମନ୍ତେ ଅନେକ ସ୍କୁଲ କଲେଜ ବିଶ୍ୱବିଦ୍ୟାଳୟ ସ୍ଥାପନ, ରୟାଲ ସୀମାରେ ଜଳଯୋଗାଣ ପ୍ରକଳ୍ପ ଇତ୍ୟାଦି ଇତ୍ୟାଦି।

ଭଗବାନ ସତ୍ୟସାଇ ବାବାଙ୍କର କେତେକ କଥା ପ୍ରଣୀଧାନଯୋଗ୍ୟ। ସେ ତାଙ୍କର ଆଶ୍ରିତ ମାନଙ୍କୁ କହିଥିଲେ '୯' (୯ରେକ୍ୱଙ୍ଗସମର) ସେବାକୁ ବୁଝାଏ। 'ଇ' (ଇୟକ୍ଟ-କ୍ୱବସ୍ପସକ୍ଟଭ) ଭକ୍ତିକୁ ବୁଝାଏ। 'ଓ' (ଓକ୍ଷକ୍ଷଙ୍କଙ୍କବସ୍ପସକ୍ଟଭ) ଜ୍ଞାନର ପ୍ରତୀକ। ଏହି ତିନଟି ହେଉଛନ୍ତି ଆଧ୍ୟାତ୍ମିକ ଜ୍ଞାନର ପ୍ରତୀକ। ସେ କହିଥିଲେ, 'ଜୀବ ଅନେକ, ନିଃଶ୍ୱାସ ଏକ। ବଲବ ଅନେକ ବିଜୁଳି ଶକ୍ତି ଏକ। ଗହଣା ଅନେକ, ସୁନା ଏକ। ଦେଶ ଅନେକ କିନ୍ତୁ ପୃଥିବୀ ଏକ'। ତେଣୁ ସେ କହିଥିଲେ 'ସମସ୍ତଙ୍କୁ ଭଲ ପାଅ ଓ ସମସ୍ତଙ୍କ ସେବା କର'। ଏକାତ୍ମା ସର୍ବଭୂତାନ୍ତରାତ୍ମା। ସେ କହୁଥିଲେ 'ମୋର ଜୀବନ ହିଁ ମୋର ବାର୍ତ୍ତା କିନ୍ତୁ ପରବର୍ତ୍ତୀ ସମୟରେ କହିଥିଲେ ତୁମର ଜୀବନ ମୋର ବାର୍ତ୍ତା।' ତେଣୁ ଚାଲନ୍ତୁ ୧୮ ଜାନୁଆରୀ ୧୯୨୬ ଦିନ ବାଲିଯାତ୍ରା ପଡ଼ିଆରେ ରାଜ୍ୟ ସମ୍ମିଳନୀରେ ଏକତ୍ରିତ ହୋଇ ଭଗବାନ ସତ୍ୟସାଇ ବାବାଙ୍କୁ ପ୍ରଣାମ କରି ଜଣାଇ ଦେବା ଆମର ନିଃଶ୍ୱାସ ପ୍ରଶ୍ୱାସ ଏକ। ଏହି ପୃଥିବୀରେ ଆମେ ସବୁ ଏକ। ସମସ୍ତ ଲୋକା ସୁଖୀନଃ ଭବନ୍ତୁ।

ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

# ଟ୍ରେଣ୍ଡର ମାୟାଜାଲ : ହର୍ଡ଼ ମେଣ୍ଟାଲିଟିର ଅନ୍ତହୀନ ପ୍ରବଣତା

### ପ୍ରଫେସର ଡାକ୍ତର ସମ୍ରାଟ କର

ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସରେ ଅଳ୍ପ ଦିନ ତଳେ ରିଲିଜ ହୋଇଥିବା ମିନି ସିରିଜ 'ଆଡ଼ୋଲ ସେନ୍ସ'କୁ ନେଇ ତମାମ ଚର୍ଚ୍ଚା। ଏହି ସିରିଜ କେବଳ ଭାରତୀୟ ଦର୍ଶକ ମାନଙ୍କୁ ଖୁବ ପସନ୍ଦ ଆସିନାହିଁ ବରଂ ଏକଥା ବି କୁହାଯାଇଛି ଏହି ୱେବସିରିଜ କାଳେ ଭାରତୀୟ ଅଭିଭାବକମାନଙ୍କ ଆଖି ଖୋଲି ଦେଇଛି। ଚଳଚ୍ଚିତ୍ର ସହ ଜଡ଼ିତ ଥିବା ତ୍ରିନାଥ ବାବୁ ସେ ଦିନ ଏଇ କଥା ମୋତେ କହିବାବେଳେ ମୁଁ ତାଙ୍କୁ ଆଲୋଚନା ଆରମ୍ଭରୁ ବର୍ତ୍ତମାନର ଜିବିଲି ଟ୍ରେଣ୍ଡ କଥା ଉଦାହରଣରେ ଦର୍ଶାଇ ଥିଲି। ଦିନ ଥିଲା ଆମକୁ କେହି ଜଣେ କାର୍ଟୁନ କଲେ ଆମେ ଉତ୍ତେଜିତ ହେଉଥିଲି ଏପରିକି ବିରକ୍ତ ହୋଇ କ୍ରୋଧ ପ୍ରକଟ କରୁଥିଲୁ କିନ୍ତୁ ସେ ସବୁ ଏବେ ତଥାକଥିତ ନୂଆ ଟ୍ରେଣ୍ଡିଂରେ ପୁରୁଣା ହୋଇଗଲାଣି। ଜିବିଲି ଟ୍ରେଣ୍ଡ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ରାଗିବା ବଦଳରେ ନିଜକୁ କାର୍ଟୁନ କରି ଦେଖିବାକୁ ପସନ୍ଦ କରୁଛନ୍ତି ସାଧାରଣ ଲୋକଙ୍କ ଠାରୁ ସେଲିବ୍ରେଟି। ବର୍ତ୍ତମାନ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ସାମାଜିକ ଗଣମାଧ୍ୟମରେ ଦିନକୁ ଦିନ ବଢ଼ି ଚାଲିଛନ୍ତି। ସାମାଜିକ ଗଣମାଧ୍ୟମର ଟ୍ରେଣ୍ଡ ନଈବଢ଼ିର ସୁଅ ପରି ଆସେ, ମାଡ଼ି ଯାଏ ଆଉ ପୁଣି କେଉଁ ମୁହୂର୍ତ୍ତରେ ଉଭେଇ ଯାଏ।

ସୋସିଆଲ ମିଡ଼ିଆ ଟ୍ରେଣ୍ଡକୁ ନେଇ ଯିଏ ଯେଉଁଭଳି ମନ୍ତବ୍ୟ ଦିଅନ୍ତୁ ପଛେ ଏକଥା ଅନସ୍ୱୀକାର୍ଯ୍ୟ ଯେ ଏହି ଟ୍ରେଣ୍ଡଗୁଡ଼ିକ ଯେତେ ଜଲଦି ଆସେ, ତା ଠାରୁ ଅଧିକ ଜଲଦି ଚାଲିଯାଏ। ସୋସିଆଲ ମିଡ଼ିଆ ଆମ ସୃଜନଶୀଳ ଅନୁପ୍ରେରଣା ଏବଂ ସଂଯୋଗ ସ୍ଥାପନର ସୁଯୋଗ ଦିଏ ସତ। ତେବେ ପ୍ରାସଙ୍ଗିକ ରହିବା ପାଇଁ ଅବିରାମ ଚେଷ୍ଟା ନିଶ୍ଚିତ ଭାବେ ମାନସିକ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଉଛି। ଏକଥା ମନସ୍ତତ୍ୱ ଚିକିତ୍ସା କ୍ଷେତ୍ର ଅତି ସୁସ୍ପଷ୍ଟ ଭାବେ ଉଲ୍ଲେଖ କରିଛି। ସେମାନଙ୍କ ସହ ସମାଜବିତ ଓ ଶିକ୍ଷାବିତମାନେ ମଧ୍ୟ ଏକମତ। କାରଣ କ୍ଷଣସ୍ଥାୟୀ ଖୁସିର ମୁହୂର୍ତ୍ତଗୁଡ଼ିକ ସରିଗଲା ପରେ ଯେଉଁ ଅବଶିଷ୍ଟାଂଶ ରହିଯାଏ ତାହା ହେଉଛି ଏକ କ୍ରମବର୍ଦ୍ଧିଷ୍ଣୁ ମାନସିକ କ୍ଳାନ୍ତି। ସୋସିଆଲ ମିଡ଼ିଆର ଟ୍ରେଣ୍ଡ ଗୁଡ଼ିକ ଦ୍ରୁତ ଗୀତିଶୀଳ ହେବା ଉଦ୍ଦେଶ୍ୟରେ ହିଁ ଡିଜାଇନ କରାଯାଇଛି। ଆଲଗୋରିଦିମ ଗୁଡ଼ିକ ତାଜା, ଆକର୍ଷଣୀୟ କଣ୍ଟେଣ୍ଟକୁ ଅଗ୍ରାଧିକାର ଦିଏ, ଯାହାର ଅର୍ଥ ନୂଆ ନୂଆ ଟ୍ରେଣ୍ଡ ତିଆରି କରିବାର ଚାପ ସୃଷ୍ଟି କରିଥାଏ। ଗୋଟିଏ ନାଚର ଟ୍ରେଣ୍ଡ ଅତି ବେଶିରେ ଦୁଇ ସପ୍ତାହ ଯାଏ ଫେସବୁକ, ଇନଷ୍ଟାଗ୍ରାମ ଭଳି ସୋସିଆଲ ମିଡ଼ିଆରେ ଆଧିପତ୍ୟ ବିସ୍ତାର କରିପାରେ। ତାହାପରେ ହୁଏତ କିଛି ରୋଷେଇ ହକ୍ୟା ଅଥବା ଗୋଟିଏ ଅଦ୍ଭୁତ ମିମ ଦ୍ୱାରା ସେହି ନାଚର ଟ୍ରେଣ୍ଡଟି ପ୍ରତିସ୍ଥାପିତ ହୋଇପାରେ। ମନୋବିଜ୍ଞାନୀଙ୍କ ମତରେ ସୋସିଆଲ ମିଡ଼ିଆର ଟ୍ରେଣ୍ଡ ଗୋଟିଏ ନୁହେଁ। କିଛି କିଛି ଟ୍ରେଣ୍ଡ ଲୋକମାନଙ୍କୁ ବିଶେଷ କରି ଯୁବପିଢ଼ିଙ୍କୁ ଏମିତି ଆକ୍ରାନ୍ତ କରିଦେଇଥାଏ ଯାହାଦ୍ୱାରା ସେମାନେ ହତାଶାବୋଧର ଶିକାର ହୋଇଥାନ୍ତି। ଉଦାହରଣ ସ୍ୱରୂପ ଗୋଟିଏ ଫେସ ଆପ କଥା ଉଲ୍ଲେଖ କରାଯାଇପାରେ। ଫେସ ଆପ ସହାୟତାରେ (କ୍ରମଶଃ)

ଆଞ୍ଚଳିକ ମନ୍ଥନ

ସୋମବାର,୫,ଜାନୁଆରୀ,୨୦୨୬ Monday,5 January 2026, Bhubaneswar





## ଉତ୍ତରାଖଣ୍ଡ ମନ୍ତ୍ରୀଙ୍କ ସ୍ୱାମୀଙ୍କର ଟିପ୍ପଣୀକୁ ନେଇ ହଙ୍ଗାମା

**ନୂଆଦିଲ୍ଲୀ,୪।୧(ଏଜେନ୍ସି):** ଉତ୍ତରାଖଣ୍ଡ ମନ୍ତ୍ରୀ ରେଖା ଆର୍ଯ୍ୟଙ୍କ ସ୍ୱାମୀ ଗିରଧାରୀ ଲାଲ ସାହୁଙ୍କ ଗୋଟିଏ ଟିପ୍ପଣୀରେ ସୃଷ୍ଟି ହୋଇଛି ହଙ୍ଗାମା। ଗିରଧାରୀ ଲାଲ ସାହୁ ଏକ କାର୍ଯ୍ୟକ୍ରମରେ ଯୁବକମାନଙ୍କୁ କହିଛନ୍ତି, ଯଦି ବିବାହ କରି ପାରୁ ନାହଁ ତ ବିହାରରୁ ୨୦-୨୫ ହଜାର ଟଙ୍କାରେ ଝିଅ ଆଣ ଏବଂ ବିବାହ କରଯ ବିଜେପି ତାଙ୍କର ଏହି ଟିପ୍ପଣୀ ଠାରୁ ଦୂରେଇ ରହିଛି । ଉତ୍ତରାଖଣ୍ଡର ମହିଳା ଏବଂ ଶିଶୁ କଲ୍ୟାଣ ମନ୍ତ୍ରୀ ରେଖା ଆର୍ଯ୍ୟଙ୍କ ସ୍ୱାମୀ ଗିରଧାରୀ ଲାଲ ସାହୁଙ୍କ ଏକ ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି । ଏହି କଥିତ ଭିଡ଼ିଓରେ ସାହୁ ଏକ କାର୍ଯ୍ୟକ୍ରମରେ ଥିବା ଭିଡ଼ିଓଙ୍କୁ କହିବାର ଶୁଣା ଯାଉଛି ଯେ, ଆପଣ କଣ ବୃଦ୍ଧାବସ୍ଥାରେ ବିବାହ କରିବ ? ଯଦି ଆପଣଙ୍କର ବାହାଘର ହୋଇ ପାରୁ ନାହିଁ ତ ଆମେ ଆପଣଙ୍କ ପାଇଁ ବିହାରରୁ ଝିଅ ଆଣିବୁ । ସେଠାରେ ଆପଣଙ୍କୁ ୨୦,୦୦୦ରୁ ୨୫,୦୦୦ ଟଙ୍କାରେ ଗୋଟିଏ ଝିଅ ମିଳିଯିବ। ଅଲମୋଡାରେ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କୁ ଲୋକଙ୍କୁ ଏହା କହିବାର ମଧ୍ୟ ଶୁଣିବାକୁ ମିଳିଛି ଯେ, ମୋ ସହ ଆସ, ଆମେ ଆପଣଙ୍କର ବିବାହ କରାଇ ଦେବୁ। ଭିଡ଼ିଓ ଭାଇରାଲ ହେବା ପରେ ହଙ୍ଗାମା ପରେ ଗିରଧାରୀ ଲାଲ ଏକ ବିବୃତ୍ତି ଜାରି କରି ଦାବି କରିଛନ୍ତି ଯେ, ତାଙ୍କର କଥାକୁ ଏପଟ ସେପଟ କରି ଉପସ୍ଥାପନ କରାଯାଉଛି । ସେ କହିଛନ୍ତି ଯେ, ସେ କେବଳ ଜଣେ ବନ୍ଧୁଙ୍କ ବିବାହ କଥା ଉଲ୍ଲେଖ କରୁ ଥିଲେ । ସେ କହିଛନ୍ତି ଯେ, ଯଦି ମୋ ଶବ୍ଦରେ କାହାକୁ ଆଘାତ ଲାଗିଛି କିମ୍ବା ସେ ଦୁଃଖିତ ତ ସେ ହାତ ଯୋଡ଼ି କ୍ଷମା ମାଗୁଛନ୍ତି । ଗିରଧାରୀ ଲାଲଙ୍କ ଟିପ୍ପଣୀ ନେଇ ପ୍ରତିକ୍ରିୟା ଦେଇ ବିହାରରେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ କହିଛନ୍ତି ଯେ, ବିଜେପି ନେତା କହୁଛନ୍ତି ଯେ, ମହିଳାଙ୍କ ଭୋଟ୍ ୧୦,୦୦୦ଟଙ୍କାରେ କିଣିବା ପରେ ଏବେ ସେ ବିହାରରୁ ଝିଅଙ୍କୁ ୨୦-୨୫୦୦୦ଟଙ୍କାରେ ଆଣିବେ । ବିଜେପି ସମର୍ଥକଙ୍କ ବିହାର ଓ ମହିଳାଙ୍କ ପ୍ରତି ସର୍ବଦା ଏମିତି ହିଁ ବିଷାକ୍ତ ମାନସିକତା ରହିଛି ।

## ବାଂଲାଦେଶରେ ଗଲା ଚତୁର୍ଥ ହିନ୍ଦୁଙ୍କ ଜୀବନ

**ନୂଆଦିଲ୍ଲୀ,୪।୧(ଏଜେନ୍ସି):** ଦୀପୁ ଚନ୍ଦ୍ର ଦାସ , ଅମୃତ ମଣ୍ଡଳ, ବଜେନ୍ଦ୍ର ବିଶ୍ୱାସ । ଆଉ ଏବେ ଖୋକନ ଚନ୍ଦ୍ର ଦାସ । ବାଂଲାଦେଶରେ ଆଖିବୁଜିଲେ ଆଉ ଜଣେ ହିନ୍ଦୁ । ନିକଟରେ ଖୋକନଙ୍କୁ ସଂଘବଦ୍ଧ ଆକ୍ରମଣ କରିବା ସହ ତାଙ୍କୁ ଛୁରି ଭୁଷିଥିଲେ ଦୁର୍ବୃତ୍ତ । କେବଳ ସେତିକି ନିଆଁ ପେଟ୍ରୋଲ ଢାଳି ନିଆଁ ମଧ୍ୟ ଲଗାଇଥିଲେ । ଜୀବନ ବଞ୍ଚାଇବାକୁ ଯାଇ ନିକଟରେ ଥିବା ଏକ ପୋଖରୀରୁ ଡେଇଁ ପଡିଥିଲେ ଖୋକନ । ଦୁଇଦିନ ଧରି ଜୀବନ ମରଣ ସହ ସଂଘର୍ଷ କରିବା ପରେ ଚାଲିଯାଇଛି ତାଙ୍କ ଜୀବନ । ସେପଟେ ବାଂଲାଦେଶରେ ଥିବା ହିନ୍ଦୁଙ୍କୁ ଖୋଜି ଖୋଜି ଧମକ ଚମକ ଦେଉଛନ୍ତି ହିନ୍ଦୁ ବିରୋଧୀ । ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ଚାଲିଥିବା ଅତ୍ୟାଚାର କମିବାର କୌଣସି ଲକ୍ଷଣ ଦେଖାଯାଉନାହିଁ । ଚୋରି ସନ୍ଦେହରେ ଏକ ଭିକାରୀଙ୍କୁ ଏକ ଖୁଣ୍ଟରେ ବାନ୍ଧି ପିଟିଥିଲେ ଏକ ଭିକାରୀ । ସୁମନ ନାମକ ପୀଡିତାଙ୍କ ଅବସ୍ଥା ଗୁରୁତର ଏବଂ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଜଣାପଡୁଛି ଯେ ଶୁକ୍ରବାର ଦିନ ଗାଜିପୁରର ଟୋଙ୍ଗୀରେ ଏକ ଭିକାରୀ ସୁମନଙ୍କୁ ଚୋରି ସନ୍ଦେହରେ ପିଟିଥିଲେ । ତା'ପରେ ତାଙ୍କୁ ଏକ ଖୁଣ୍ଟରେ ବାନ୍ଧି ପିଟି ଚାଲିଥିଲା । ପୁଲିସ ବର୍ତ୍ତମାନ ଏକ ମାମଲା ରୁଜୁ କରିଛି, ଯେତେବେଳେ ପୀଡିତା ସୁମନ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ଅଛନ୍ତି । ପୁଲିସ ଅନୁଯାୟୀ, ସୁମନ ଜଣେ ଭିକାରୀ ଯାହାର ପୂର୍ବରୁ ଚୋରି ସମେତ କୌଣସି ଅପରାଧିକ ରେକର୍ଡ ନାହିଁ । ସେ କେବଳ ତାଙ୍କର ପ୍ରଥମ ନାମ ସୁମନ ପ୍ରଦାନ କରିଥିଲେ ଏବଂ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କର ସମ୍ପୂର୍ଣ୍ଣ ପରିଚୟ ବର୍ତ୍ତମାନ ଅଜଣା । ତାଙ୍କ ପ୍ରାରମ୍ଭିକ ନାମ ଏବଂ ପ୍ରାରମ୍ଭିକ ପରିଚୟ ଅନୁସାରେ, ସେ ବାଂଲାଦେଶର ଜଣେ ହିନ୍ଦୁ ରାସ୍ତା ବାସିନ୍ଦା, ଯିଏ ଭିକ୍ଷା ମାଗି ନିଜର ଜୀବିକା ନିର୍ବାହ କରନ୍ତି । ନିକଟରେ, ଖୋକନ ଦାସ ନାମକ ଜଣେ ବାଂଲାଦେଶୀ ହିନ୍ଦୁଙ୍କୁ ଦୁର୍ବୃତ୍ତ ଛୁରୀରେ ଆକ୍ରମଣ କରିଥିଲା ଏବଂ ପରେ ନିଆଁ ଲଗାଇ ଦେଇଥିଲା । ଖୋକନ ଦାସ ନିଜକୁ ବଞ୍ଚାଇବା ପାଇଁ ଏକ ପୋଖରୀକୁ ଡେଇଁ ପଡ଼ିଥିଲେ । କିନ୍ତୁ, ଶନିବାର ଦିନ ଢାକାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ପଶ୍ଚିମବଙ୍ଗ ବିଜେପି ଖୋକନଙ୍କ ମୃତ୍ୟୁ ଉପରେ ଏକ ପୋଷ୍ଟ ପୋଷ୍ଟ କରି କହିଛି ଯେ ଦୀପୁ ଚନ୍ଦ୍ର ଦାସଙ୍କ ପରେ ଖୋକନ ଦାସଙ୍କର ମଧ୍ୟ ମୃତ୍ୟୁ ହୋଇଛି। ଏହି ଆକ୍ରମଣଗୁଡ଼ିକ ଆମକୁ ପଶ୍ଚିମବଙ୍ଗର ଭୟଙ୍କର ପରିସ୍ଥିତିକୁ ମନେ ପକାଇ ଦେଉଛି, ଯେଉଁଠାରେ ଗତ ବର୍ଷ ମୁର୍ଶିଦାବାଦରେ ଏକ ଇସଲାମିକ ଭିଡ଼ ଦ୍ୱାରା ହରଗୋବିନ୍ଦ ଦାସ ଏବଂ ଚନ୍ଦନ ଦାସଙ୍କୁ ନିର୍ମମ ଭାବରେ ହତ୍ୟା କରାଯାଇଥିଲା । ବାଂଲାଦେଶ ଏବଂ ପଶ୍ଚିମବଙ୍ଗରେ ବଙ୍ଗୀୟ ହିନ୍ଦୁମାନଙ୍କ ଉପରେ ଭୟଙ୍କର ଆକ୍ରମଣ ଜାରି ରହିଛି ।

## ଇଣ୍ଡୋନେସିଆରେ ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ ରଖିଲେ ଜେଲ

**ନୂଆଦିଲ୍ଲୀ,୪।୧(ଏଜେନ୍ସି):** ନୂଆ ବର୍ଷର ଶୁଭାରମ୍ଭ ସହିତ ଇଣ୍ଡୋନେସିଆରେ ଏକ ନୂଆ ନିୟମ ଲାଗୁ ହୋଇଛି, ଯାହା ବିଶ୍ୱର ଧ୍ୟାନ ଆକର୍ଷଣ କରିଛି । ଦେଶରେ ଏଣିକି ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ ରଖିବା କିମ୍ବା ବିବାହ ନ କରି ଏକାଠି ରହିବା ଅପରାଧ । ୨୦୨୨, ଡିସେମ୍ବର ୬ରେ ଇଣ୍ଡୋନେସିଆ ସଂସଦରେ ସର୍ବସମ୍ମତି କ୍ରମେ ଏହି ବିଲ୍ ପାରିତ ହୋଇଥିଲା । ୨୦୨୩, ଜାନୁଆରୀ ୨ରେ ରାଷ୍ଟ୍ରପତି ଜୋକୋ ୱିଡୋଡୋ ବିଲ୍ରେ ହସ୍ତାକ୍ଷର କରିବା ପରେ ଏହା ଆଇନରେ ରୂପାନ୍ତରିତ ହେଲା । ଏହାର ୩ ବର୍ଷ ପରେ ଅର୍ଥାତ ଗତ ବୁଧବାର (୨ ତାରିଖ) ଏହି ଆଇନ ଦେଶରେ ଲାଗୁ ହୋଇଛି । ସେବେଠୁ ଅଦ୍ୟାବଧି ଜନତା ଓ ପୁଲିସକୁ ନୂଆ ନିୟମର ତାଲିମ ଦିଆଯାଉଥିଲା । ଏଠାରେ ଲୋକେ ବିବାହ ପରେ ଅନ୍ୟତ୍ର ଯୌନ ସମ୍ପର୍କ ରଖିଲେ ଏଣିକି ୧ ବର୍ଷ ଯାଏ ଜେଲ ଦଣ୍ଡରେ ଦଣ୍ଡିତ ହେବେ । ଲିଭ୍-ଇନ୍ ରିଲେସନ୍ସିପ୍ କିମ୍ବା ବିବାହ ପୂର୍ବରୁ ଏକାଠି ରହିଲେ, ୬ ମାସ ଜେଲ ଦଣ୍ଡର ପ୍ରାବଧାନ ରହିଛି । ସ୍ୱାମୀ/ସ୍ତ୍ରୀ, ମାତା-ପିତା କିମ୍ବା ପିଲାଙ୍କ ଅଭିଯୋଗ ଆଧାରରେ ଏହି ମାମଲା ରୁଜୁ ହୋଇପାରିବ । ତେବେ ନୂଆ ନିୟମକୁ ନେଇ ସଂଯୁକ୍ତ ରାଷ୍ଟ୍ର ସମେତ ଅନେକ ଦେଶ ଚିନ୍ତା ବ୍ୟକ୍ତ କରିଛନ୍ତି । ବିଶେଷଜ୍ଞଙ୍କ ଅନୁସାରେ, ଏହି ନିୟମ ଲୋକଙ୍କ ଗୋପନୀୟତା ଓ ଅଭିବ୍ୟକ୍ତିରେ ସ୍ୱାଧୀନତାର ଉଲ୍ଲଂଘନ ।

## ପାକିସ୍ତାନର ନୂଆ ଷଡ଼ଯନ୍ତ୍ର, ୱାଘା ସୀମାରେ ବଡ଼ ଧରଣର ନିର୍ମାଣ କାର୍ଯ୍ୟ

**ନୂଆଦିଲ୍ଲୀ,୪।୧(ଏଜେନ୍ସି):** ପାକିସ୍ତାନ ଭାରତ ସହିତ ସମକକ୍ଷ ହେବା ପାଇଁ ଏହାର ଭିତ୍ତିଭୂମି ବିସ୍ତାର କରୁଥିବାରୁ ୱାଘା-ଅଟାରୀ ସୀମାରେ ଦୈନିକ 'ବିଟିଂ ରିଟ୍ରିଟ୍' ସମାରୋହ ଏବେ ଏକ ନୂତନ ରୂପ ପାଇବ । ପଞ୍ଜାବ ମୁଖ୍ୟମନ୍ତ୍ରୀ ମରିୟମ ନୱାଜ ୧ ଜାନୁଆରୀ, ୨୦୨୬ରେ ଏକ ନୂତନ ବିଶାଳ ରଙ୍ଗଭୂମି, ସଂଗ୍ରହାଳୟ ଏବଂ ବିଭାଜନ ଥିମ୍ ପାର୍କ ଉଦ୍ଘାଟନ କରିଥିଲେ। ଏପର୍ଯ୍ୟନ୍ତ, ପାକିସ୍ତାନୀ ପାଭିଲିୟନ ଭାରତୀୟ ତୁଳନାରେ ବହୁତ ଛୋଟ ଏବଂ ସୀମିତ ଥିଲା, ଯାହା ଫଳରେ ଦର୍ଶକ କମ୍ ସଂଖ୍ୟାରେ ଆସୁଥିଲେ । ଏହି ନୂତନ ନିର୍ମାଣର ଲକ୍ଷ୍ୟ କେବଳ ପର୍ଯ୍ୟଟନକୁ ବୃଦ୍ଧି କରିବା ନୁହେଁ ବରଂ ସୀମାରେ ପାକିସ୍ତାନର ସାଂସ୍କୃତିକ ଉପସ୍ଥିତିକୁ ଅଧିକ ପ୍ରଭାବଶାଳୀ କରିବା । ପାକିସ୍ତାନ ରଙ୍ଗଶାଳାର କ୍ଷମତାକୁ ୭,୩୦୦ରୁ ୨୫,୦୦୦କୁ ବୃଦ୍ଧି କରିଛି । ଏବେ ଅଧିକ ଦର୍ଶକ ବିଟିଂ ରିଟ୍ରିଟ୍ ସମୟରେ ପାକିସ୍ତାନ ସୀମାରେ ସେମାନଙ୍କ ସୈନିକମାନଙ୍କୁ ଉତ୍ସାହିତ କରିବା ପାଇଁ ଏକାଠି ହୋଇପାରିବେ । ବର୍ଦ୍ଧିତ କ୍ଷମତା ଦର୍ଶକଙ୍କ ପାଇଁ ପର୍ଯ୍ୟାପ୍ତ ଆସନ ଯୋଗାଇବ ଏବଂ ଦଳାଚକଟାକୁ ରୋକିବ । ନୂତନ ରଙ୍ଗଭୂମି ସହିତ, ଏକ ସ୍ୱତନ୍ତ୍ର ଥିମ୍ ପାର୍କ ସୃଷ୍ଟି କରାଯାଇଛି, ଯାହା ଭାରତ-ପାକିସ୍ତାନ ବିଭାଜନର ଯନ୍ତ୍ରଣାଦାୟକ ଇତିହାସ ଏବଂ ରେଳ ଷ୍ଟେସନର ଦୃଶ୍ୟକୁ ଦର୍ଶାଉଛି । ଭବିଷ୍ୟତ ପିଢ଼ିକୁ ଦେଶର ସଂଘର୍ଷର କାହାଣୀ କହିବା ପାଇଁ ସାମରିକ ଉପକରଣ ଏବଂ ସହିଦମାନଙ୍କ ସ୍ମାରକୀର ମଡେଲ ମଧ୍ୟ ସ୍ଥାପନ କରାଯାଇଛି । ଇତିହାସକୁ ନିକଟରୁ ଦେଖିବା ପାଇଁ ପର୍ଯ୍ୟଟକଙ୍କ ପାଇଁ ଏହି ପାର୍କ ଏକ ପ୍ରମୁଖ ଆକର୍ଷଣ ପାଲଟିବ ।ସୀମାରେ ଏକ ନୂତନ ପାକିସ୍ତାନ ସଂଗ୍ରହାଳୟ ନିର୍ମାଣ କରାଯାଇଛି, ଯାହା ସ୍ୱାଧୀନତା ଆନ୍ଦୋଳନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ସଂସ୍କୃତି ଏବଂ ଇତିହାସକୁ ପ୍ରଦର୍ଶିତ କରୁଛି । ପାକିସ୍ତାନ ଏହାର ଜାତୀୟ ପତାକାର ଉଚ୍ଚତା ମଧ୍ୟ ୧୩୯ ମିଟର (୪୫୬ ଫୁଟ)କୁ ଉଠାଇଛିଯ ଜାତୀୟ ପତାକାର ଉପସ୍ଥିତି ଦୂରରୁ ଦେଖାଯାଇ ପାରିବ । ଏହି ପଦକ୍ଷେପକୁ ଦେଶର ଐତିହ୍ୟ ଏବଂ ସାର୍ବଭୌମତ୍ୱକୁ ଅନ୍ତର୍ଜାତୀୟ ସ୍ତରରେ ପ୍ରଦର୍ଶନ କରିବାର ପ୍ରୟାସର ଏକ ଅଂଶ ଭାବରେ ଦେଖାଯାଉଛି। ଏହା ଦ୍ୱାରା ଅମୃତସର-ଲାହୋର ସୀମାର ଗୁରୁତ୍ୱ ବୃଦ୍ଧି ପାଇଛି। ୱାଘା-ଅଟାରୀ ସୀମା କେବଳ ଏକ ପର୍ଯ୍ୟଟନ ସ୍ଥଳ ନୁହେଁ ବରଂ ଭାରତ ଏବଂ ପାକିସ୍ତାନ ମଧ୍ୟରେ ବାଣିଜ୍ୟ ଏବଂ ଯାତ୍ରୀ ପରିବହନ ପାଇଁ ଏକ ପ୍ରମୁଖ ସ୍ଥଳପଥ । ଏହି ମିଳିତ ଯାଞ୍ଚ ପୋଷ୍ଟ କଏଦୀ ବିନିମୟ ଏବଂ କୂଟନୈତିକ ଯୋଗାଯୋଗ ପାଇଁ ଏକ ସମ୍ବେଦନଶୀଳତଥା ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଭାବରେ କାର୍ଯ୍ୟ କରିଥାଏ ।

## ବଢୁଛି ଇସ୍ରାଏଲ-ଗାଜା ଯୁଦ୍ଧ

**ନୂଆଦିଲ୍ଲୀ,୪।୧(ଏଜେନ୍ସି):** ଅନେକ ଦିନରୁ ଗାଜା ଓ ଇସ୍ରାଏଲ ଦେଶ ମଧ୍ୟରେ ଲଢେଇ ଚାଲିଛି । ଆଉ ଏହାରି ଭିତରେ ଗାଜା ଅନେକ ମାତ୍ରାରେ କ୍ଷତି ସହିଛି । ଗାଜାରେ ଥିବା ଅନେକ ବଡ଼ ବଡ଼ କୋଠା ଧ୍ୱଂସ ହୋଇଯାଇଛି । ଏପରିକି ଗାଜାରେ ରହୁଥିବା ଅନେକ ଲୋକ ଦେଶ ଛାଡି ପଳାୟନ କରିବା ପାଇଁ ବାଧ୍ୟ ହେଉଛନ୍ତି । ହଜାର ହଜାର ପାଲେଷ୍ଟାଇନ ବାସିନ୍ଦା ଦେଶ ଛାଡି ଅନ୍ୟତ୍ର ପଳାଉଛନ୍ତି । ଅନ୍ୟପଟେ ଗାଜାରେ ମଧ୍ୟ ଖାଦ୍ୟ ସଙ୍କଟ ବଢୁଥିବାର ଦେଖାଯାଇଛି । ଗାଜାରେ ଥିବା ହମାସ ଆତଙ୍କୀ ଇସ୍ରାଏଲ ବାସିନ୍ଦାଙ୍କ ଉପରେ ଆକ୍ରମଣ କରିବାରୁ ଏହି ଯୁଦ୍ଧ ଆରମ୍ଭ ହୋଇଥିଲା । ଏପିରିକି ହମାସ ଆତଙ୍କୀ ଅନେକ ଲୋକଙ୍କୁ ବନ୍ଦୀ କରିନେଇଥିଲା । ସମସ୍ତ ଲୋକଙ୍କୁ ମୁକୁଳାଇବା ପାଇଁ ଇସ୍ରାଏଲ ସେନା ଗାଜା ଉପରେ ଆକ୍ରମଣ କରିଥିଲା । ଏହା ପରେ ଦୁଇ ଦେଶ ଭିତରେ ଭୀଷଣ ଲଢେଇ ହୋଇଥିଲା ।

## ଭେନେଜୁଏଲା ଉପରେ ଆମେରିକାର ବଡ଼ ଆକ୍ରମଣ

**ନୂଆଦିଲ୍ଲୀ,୪।୧(ଏଜେନ୍ସି):** ଭେନେଜୁଏଲା ଉପରେ ପ୍ରଚଣ୍ଡ ଆକ୍ରମଣ । ଥରି ଉଠିଲା ରାଜଧାନୀ କାରାକାସ । ମିଲିଟାରୀ ବେସ ଉପରେ ବୋମାମାଡ଼ । ଆମେରିକାର ହାତ ଥିବା ଅଶଙ୍କା । ଏନେଇ ୱାଶିଂଟନ କିମ୍ବା ଭେନେଜୁଏଲା ସରକାରଙ୍କ ପକ୍ଷରୁ ମିଳିନି କୌଣସି ସୂଚନା । ଶନିବାର ରାତି ପ୍ରାୟ ୨ଟା ସମୟରେ ଭେନେଜୁଏଲାର ରାଜଧାନୀ କାରାକାସରେ ଅତି କମରେ ସାତଟି ବିସ୍ଫୋରଣ ଶବ୍ଦ ଶୁଣାଯାଇଥିଲା । ସହରରେ ଧୂଆଁ ଉଠିଥିବା ଦେଖାଯାଇଥିଲା। ସ୍କାଇ ନ୍ୟୁଜ୍ ଦାବି କରିଛି ଯେ, ଭେନେଜୁଏଲାର ପ୍ରତିରକ୍ଷା ମନ୍ତ୍ରୀଙ୍କ ଘର ଏବଂ ସାମରିକ ଘାଟିକୁ ଟାର୍ଗେଟ କରାଯାଇଛି। ଶନିବାର ରାତିରେ ଭେନେଜୁଏଲାର ରାଜଧାନୀ କାରାକାସରେ CNN ର ଏକ ଟିମ ଅନେକ ବିସ୍ଫୋରଣ ଦେଖିଥିଲେ । ପ୍ରଥମ ବିସ୍ଫୋରଣ ସ୍ଥାନୀୟ ସମୟ ପ୍ରାୟ ୧ଟା ୫୦ ସମୟରେ ହୋଇଥିଲା । ବିସ୍ଫୋରଣ ପରେ, କାରାକାସର ଅନେକ ଅଞ୍ଚଳରେ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଥିଲା । ଅନେକ ବିମାନ ମଧ୍ୟ ଉପର ଦେଇ ଉଡୁଥିବାର ଦେଖାଗଲା । ଭେନେଜୁଏଲା ସରକାର ଏହି ଘଟଣା ଉପରେ ତୁରନ୍ତ କୌଣସି ମନ୍ତବ୍ୟ ଦେଇନାହାଁନ୍ତି । ବିସ୍ଫୋରଣ ଶୁଣି ସହରର ବିଭିନ୍ନ ଅଞ୍ଚଳର ଲୋକମାନେ ଘରୁ ବାହାରକୁ ଆସିଥିଲେ । କାରାକାସର ବିଭିନ୍ନ ସ୍ଥାନରେ ବହୁ ସଂଖ୍ୟକ ଲୋକଙ୍କୁ ଦେଖିବାକୁ ମିଳିଥିଲା । ତେବେ ଆମେରିକା ଏବଂ ଭେନେଜୁଏଲା ମଧ୍ୟରେ ବର୍ତ୍ତମାନ ଉତ୍ତେଜନା ବୃଦ୍ଧି ପାଉଛି । ଟ୍ରମ୍ପ ପୂର୍ବରୁ ଚେତାବନୀ ଦେଇସାରିଛନ୍ତି ଯେ, ଭେନେଜୁଏଲା ବିରୁଦ୍ଧରେ ସ୍ଥଳ ଆକ୍ରମଣ ସମ୍ଭବ । ଏହା ସହିତ, ଆମେରିକା ସେନା କାରିବିଆନ ଏବଂ ପୂର୍ବ ପ୍ରଶାନ୍ତ ମହାସାଗରରେ ଡ୍ରଗ୍ସ ଚାଲାଣ ଅଭିଯୋଗରେ ଅନେକ ଡଙ୍ଗା ଉପରେ ଆକ୍ରମଣ କରିଛି । ଆମେରିକୀୟ ସେନା ଅନୁଯାୟୀ, ଏହି ସାମୁଦ୍ରିକ ଅଭିଯାନରେ ଏପର୍ଯ୍ୟନ୍ତ ଅତି କମରେ ୩୦ ଟି ଆକ୍ରମଣରେ ୧୦୭ ଜଣଙ୍କର ମୃତ୍ୟୁ ହୋଇଛି । ଟ୍ରମ୍ପ ବାରମ୍ବାର କହିଛନ୍ତି ଯେ, ଭେନେଜୁଏଲାରେ ମାଡୁରୋଙ୍କୁ କ୍ଷମତା ଛାଡିବା ନେଇ ଚାପ ପକାଇବା ପାଇଁ ଭୂମିଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ ଏବଂ ଏଥିପାଇଁ କଠୋର କଟକଣା ମଧ୍ୟ ଲଗାଇଛନ୍ତି । କିନ୍ତୁ ମାଡୁରୋ ଅପରାଧରେ କୌଣସି ସମ୍ପୃକ୍ତିକୁ ଦୃଢ଼ ଭାବରେ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ, ଆମେରିକା ତାଙ୍କୁ କ୍ଷମତାରୁ ହଟାଇ ଭେନେଜୁଏଲାର ବିଶାଳ ତୈଳ ସଂରକ୍ଷଣ ଏବଂ ଖଣିଜ ସମ୍ପଦ ଉପରେ ପ୍ରବେଶ କରିବାକୁ ଚାହୁଁଛି । ଏହି ଆକ୍ରମଣ ପୂର୍ବରୁ, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭେନେଜୁଏଲାକୁ ବାରମ୍ବାର ଚେତାବନୀ ଦେଇଥିଲେ ଯେ, ଆମେରିକା ଭେନେଜୁଏଲାରେ ନିଶା କାରବାର ନେଟୱାର୍କ ବିରୁଦ୍ଧରେ ନୂତନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରସ୍ତୁତ ହେଉଛି ।

## ବାଂଲାଦେଶୀ ଛାତ୍ର ନେତାଙ୍କ ବିବାଦୀୟ ମନ୍ତବ୍ୟ

**ନୂଆଦିଲ୍ଲୀ,୪।୧(ଏଜେନ୍ସି):** ବାଂଲାଦେଶର ଏକ ଭିଡିଓ ମହମ୍ମଦ ୟୁନୁସଙ୍କ ଶାସନ କାଳରେ ଉଗ୍ରବାଦୀମାନଙ୍କୁ ନିଜ ଇଚ୍ଛାଅନୁସାରେ କାର୍ଯ୍ୟ କରିବାକୁ ଦିଆଯାଇଥିବା ଅଧିକାରର ପର୍ଦ୍ଦାଫାସ କରିଛି । ଭିଡିଓରେ, ଜଣେ ଯୁବ ବାଂଲାଦେଶୀ ନେତା ଖୋଲାଖୋଲି ଭାବରେ ହିନ୍ଦୁ ପୁଲିସ ଅଧିକାରୀଙ୍କୁ ହତ୍ୟା କରିବା ନେଇ ନିଜକୁ ଗର୍ବ କରୁଥିବାର ଦେଖିବାକୁ ମିଳୁଛି । ଏହି ଭିଡିଓକୁ ଅନୁସନ୍ଧାନମୂଳକ ସାମ୍ବାଦିକ ଏବଂ ଲେଖକ ଶାହିଦୁଲ ହାସନ ଖୋକନ ସୋସିଆଲ ମିଡିଆ ଏକ୍ସରେ ସେୟାର କରିଛନ୍ତି। ସେ ଯୁବ ନେତାଙ୍କୁ ହବିଗଞ୍ଜ ଜିଲ୍ଲାର ଛାତ୍ର ସଂଯୋଜକ ଭାବରେ ଚିହ୍ନଟ କରିଛନ୍ତି । ଭିଡିଓରେ, ସେ ଏକ ପୁଲିସ ଷ୍ଟେସନ ଭିତରେ ବସି ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଧମକ ଦେଇ ଏବଂ ଷ୍ଟେସନକୁ ଜାଳି ଦେବାର ଚେତାବନୀ ଦେଉଥିବା ଦେଖାଯାଇଛି । ସେ ଖୋଲାଖୋଲି ଭାବରେ ଦାବି କରୁଛନ୍ତି ଯେ ସେ ଜୁଲାଇ ୨୦୨୪ ବିଦ୍ରୋହ ସମୟରେ ବାନିଆଚୋଙ୍ଗ ପୁଲିସ ଷ୍ଟେସନରେ ନିଆଁ ଲଗାଇ ଦେଇଥିଲେ । ଆମେ ଜଣେ ହିନ୍ଦୁ ଅଧିକାରୀ ଏସଆଇ ସନ୍ତୋଷଙ୍କୁ ପୋଡ଼ି ଦେଇଥିଲୁ। ଏହି ଭିଡିଓଟି ମହମ୍ମଦ ୟୁନୁସ ଶାସନର ବର୍ବରତାକୁ ପ୍ରକାଶ କରୁଛି । ପୁଲିସ ଷ୍ଟେସନ ପୋଡ଼ି ଦେବା ଏବଂ ପୁଲିସ ଅଧିକାରୀଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ଭୟ ନକରି ଷ୍ଟେସନ ଭିତରେ ବସି ପୁଲିସକୁ ଧମକ ଦେଉଥିବାର ଦେଖିବାକୁ ମିଳୁଛି । ଭିଡିଓର ସତ୍ୟତା ଏବଂ ବକ୍ତାଙ୍କ ପରିଚୟ ଯାଞ୍ଚ କରାଯାଇ ନଥିଲେ ମଧ୍ୟ, ଏହି ବିବାଦୀୟ ମନ୍ତବ୍ୟ-ଇନ୍ସପେକ୍ଟର ସନ୍ତୋଷ ଭାଉଙ୍କ ହତ୍ୟା ଉପରେ ପୁନଃ ଧ୍ୟାନ ଆକର୍ଷଣ କରିଛି । ହବିଗଞ୍ଜ ଜିଲ୍ଲାର ବାନିଆଚୋଙ୍ଗ ପୁଲିସ ଷ୍ଟେସନରେ ନିଯୁକ୍ତ ସନ୍ତୋଷ ଭାଉଙ୍କୁ ୫ ଅଗଷ୍ଟ ୨୦୨୪ରେ ଏକ ଭିଡ଼ ଦ୍ୱାରା ହତ୍ୟା କରାଯାଇଥିଲା ।

## ଆରମ୍ଭ ପବିତ୍ର ମାଘ ମେଳା : ସଙ୍ଗମରେ ବୁଡ଼ ପକାଇବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ

**ନୂଆଦିଲ୍ଲୀ,୪।୧(ଏଜେନ୍ସି):** ଧର୍ମନଗରୀ ପ୍ରୟାଗରାଜର ପବିତ୍ର ତ୍ରିବେଣୀ ସଙ୍ଗମ କୂଳରେ ଆଜିଠାରୁ ବିଶ୍ୱପ୍ରସିଦ୍ଧ 'ମାଘ ମେଳା ୨୦୨୬' ଆରମ୍ଭ ହୋଇଛି । ଆଜି ପୌଷ ପୂର୍ଣ୍ଣିମାର ଶୁଭ ଅବସରରେ ହଜାର ହଜାର ଶ୍ରଦ୍ଧାଳୁ ଗଙ୍ଗା, ଯମୁନା ଏବଂ ସରସ୍ୱତୀଙ୍କ ମିଳନ ସ୍ଥଳରେ ଆସ୍ଥାର ବୁଡ଼ ପକାଇଛନ୍ତି । କୁହାଯାଏ ଯେ, ମାଘ ମାସରେ ପ୍ରୟାଗରାଜରେ ସ୍ନାନ ଏବଂ କଳ୍ପବାସ କରିବା ଦ୍ୱାରା ମନୁଷ୍ୟକୁ ମୋକ୍ଷ ପ୍ରାପ୍ତି ହୁଏ ଏବଂ ସମସ୍ତ ପାପରୁ ମୁକ୍ତି ମିଳିଥାଏ । ପୌଷ ପୂର୍ଣ୍ଣିମା ସହିତ ମାଘ ମେଳାରେ ଏକ ମାସ ଧରି ଚାଲିବାକୁ ଥିବା 'କଳ୍ପବାସ' ମଧ୍ୟ ଆରମ୍ଭ ହୋଇଯାଇଛି । ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳ୍ପବାସୀ ମାନେ ସଙ୍ଗମ କୂଳରେ ତମ୍ବୁ ଗାଡ଼ି ନିଜର ଆଧ୍ୟାତ୍ମିକ ସାଧନା ଆରମ୍ଭ କରିଛନ୍ତି । କଳ୍ପବାସ ସମୟରେ ଶ୍ରଦ୍ଧାଳୁମାନେ ସାତ୍ତ୍ୱିକ ଜୀବନଯାପନ କରନ୍ତି, ଦିନକୁ ଥରେ ମାତ୍ର ଭୋଜନ କରନ୍ତି ଏବଂ ଅଧିକାଂଶ ସମୟ ଭଗବାନଙ୍କ ନାମ ଜପ ଓ ଭଜନ କୀର୍ତ୍ତନରେ ଅତିବାହିତ କରନ୍ତି । ଏହି ମେଳା ପ୍ରାୟ ଦେଢ଼ ମାସ ଧରି ଚାଲେ ଏବଂ ଏଥିରେ କେତେକ ବିଶେଷ ତିଥିରେ ସ୍ନାନ କରିବାର ବିଧି



ରହିଛି। ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଉତ୍ତର ପ୍ରଦେଶ ସରକାର ଏବଂ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ସୁରକ୍ଷା ପାଇଁ ହଜାର ହଜାର ପୋଲିସ କର୍ମଚାରୀ ନିୟୋଜିତ ହୋଇଥିବା ବେଳେ ସଙ୍ଗମ ଅଞ୍ଚଳକୁ ବିଭିନ୍ନ ସେକ୍ଟରରେ ବିଭକ୍ତ କରାଯାଇଛି । ପାନୀୟ ଜଳ, ସ୍ୱାସ୍ଥ୍ୟ ଶିବିର, ଶୌଚାଳୟ ଏବଂ ରାତିରେ ରହିବା ପାଇଁ ଆଶ୍ରୟ ସ୍ଥଳୀର ସୁବିଧା କରାଯାଇଛି । ପୁରାଣ ଅନୁସାରେ, ଗୋଟିଏ ବୁଡ଼ ପକାଇଲେ ଅଶ୍ୱମେଧ ଯଜ୍ଞର ଫଳ ମିଳିଥାଏ ବୋଲି ଭକ୍ତଙ୍କ ମଧ୍ୟରେ ଦୃଢ଼ ବିଶ୍ୱାସ ରହିଛି । ମାଘ ମେଳା କେବଳ ଏକ ଧାର୍ମିକ ସମାଗମ ନୁହେଁ, ବରଂ ଏହା ଭାରତୀୟ ସଂସ୍କୃତି, ଏକତା ଏବଂ ଭକ୍ତିର ଏକ ପ୍ରତୀକ ଯବ୍ରହ୍ମ ମୁହୂର୍ତ୍ତରୁ ସଙ୍ଗମ ସମେତ ସମସ୍ତ ଘାଟରେ ଶ୍ରଦ୍ଧାଳୁମାନେ ସ୍ନାନ ଆରମ୍ଭ କରିଥିଲେ । 'ହର ହର ଗଙ୍ଗେ' ମନ୍ତ୍ର ପ୍ରତିଧ୍ୱନିତ ହୋଇଥିଲା। ଭକ୍ତ ଏବଂ ତୀର୍ଥଯାତ୍ରୀଙ୍କ ଧାରା ବୃଦ୍ଧି ପାଇବାରେ ଲାଗିଛି । ସମସ୍ତ ଇଚ୍ଛା ପୂରଣ ପାଇଁ ମାତା ଗଙ୍ଗାଙ୍କୁ ଭକ୍ତି, ଧ୍ୟାନ, ପୂଜା ଏବଂ ପ୍ରାର୍ଥନା ସହିତ ସ୍ନାନ କରାଯାଏ । ମାତା ଗଙ୍ଗା ମଧ୍ୟ ଏହି ଭକ୍ତିରେ ଆନନ୍ଦିତ । ଏହି କ୍ରମ ସାରା ଦିନ ଜାରି ରହିବ ।

## ସାଉଦି ଆରବ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇ ନୂଆ ମାର୍ଗଦର୍ଶିକା ଜାରି

**ନୂଆଦିଲ୍ଲୀ,୪।୧(ଏଜେନ୍ସି):** ସାଉଦି ଆରବ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ନୂଆ ମାର୍ଗଦର୍ଶିକା ଜାରି କରାଯାଇଛି । ଫଳରେ ଏଣିକି ଯାତ୍ରୀମାନଙ୍କୁ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ । ସାଉଦି ଆରବ ପକ୍ଷରୁ ଏନେଇ ଭାରତ ସମେତ ଅନ୍ୟ ଦେଶର ଯାତ୍ରୀଙ୍କ ପାଇଁ କଟକଣା ଜାରି କରାଯାଇଛି। ମାର୍ଗଦର୍ଶିକାରେ ଉଲ୍ଲେଖ କରାଯାଇଛି, ଯାତ୍ରୀମାନଙ୍କୁ ନିଜ ସହକେଣସି ଔଷଧ ନେବାକୁ ହେଲେ ଯାତ୍ରା କରିବା ପୂର୍ବରୁ ଏସମ୍ପର୍କରେ ଅନଲାଇନରେ କ୍ଲିୟରାନ୍ସ ନେବା ଜରୁରୀ। ଏହାର ଉଲ୍ଲଂଘନ କରୁଥିବା ଯାତ୍ରୀଙ୍କ ବିରୋଧରେ ଦଣ୍ଡବିଧାନ କରାଯିବ । ସାଉଦି ଆରବରେ ବିମାନ ଅବତରଣ କରିବା ମାତ୍ରେ ଦେଶର ଆଇନ ଅନୁସାରେ ସମ୍ପୃକ୍ତ ଯାତ୍ରୀଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରାଯିବ । ସାଉଦି ଆରବର ନାର୍କୋଟିକ୍ସ କଣ୍ଟ୍ରୋଲ ଜେନେରାଲ ଡାଇରେକ୍ଟୋରେଟ୍(GDNC)ର ଇଣ୍ଡିଆ କଣ୍ଟ୍ରି ଅଫିସ୍ ଏହି ଇଲେକ୍ଟ୍ରୋନିକ୍ ସେବା ପ୍ଲାଟଫର୍ମ ଆରମ୍ଭ କରାଯାଇଥିବା ବିଷୟରେ ଭାରତର ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋକୁ ସୂଚନା ଦେଇଛି । ଏଥିରେ କୁହାଯାଇଛି ଯେ, ସାଉଦି ଆରବକୁ ଆସୁଥିବା ବିଦେଶୀ ଯାତ୍ରୀମାନଙ୍କୁ ଅନଲାଇନ୍ ପ୍ଲାଟଫର୍ମ, https://www.cds.sfda.gov.sa ମାଧ୍ୟମରେ ସେମାନଙ୍କ ସହିତ ଆଣୁଥିବା ଔଷଧ ପାଇଁ କ୍ଲିୟରାନ୍ସ ନେବାକୁ ପଡିବ । ଏଥିରେ ଏହା ମଧ୍ୟ କୁହାଯାଇଛି ଯେ, କିଛି ଔଷଧ ପାଇଁ କ୍ଲିୟରାନ୍ସର ଆବଶ୍ୟକତା ନାହିଁୟ ସେସବୁ ଔଷଧର ଏକ ତାଲିକା ୱେବସାଇଟରେ ଉପଲବ୍ଧ । ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ କହିଛି ଯେ, ସାଉଦି ଆରବ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ



ଦ୍ୱାରା ଏହି ସୂଚନା ଦିଆଯାଇଛି, କିଛି ଔଷଧ ଭାରତ ଏବଂ ଅନ୍ୟାନ୍ୟ ଦେଶରେ ଆଇନଗତ ଭାବରେ ଉପଲବ୍ଧ ଏବଂ ସେଠାରେ ସେସବୁ ନିଷିଦ୍ଧ ନୁହେଁ । ତଥାପି, କିଛି ଔଷଧ ସାଉଦି ଆରବରେ ନିଷିଦ୍ଧ କରାଯାଇଛି । ତେଣୁ, ବିମାନରେ ଚଢ଼ିବା ପୂର୍ବରୁ, ଯାତ୍ରୀମାନେ ନିଜ ସହିତ ନେଉଥିବା ଔଷଧଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଭାବରେ ସମୀକ୍ଷା କରି ଆବଶ୍ୟକ ଅନୁସାରେ ଅନଲାଇନ୍ କ୍ଲିୟରାନ୍ସ ନେବାକୁ ହେବ । ଏଥିରେ କୁହାଯାଇଛି, କିଛି ଔଷଧକୁ ଅନୁମତି ଦିଆଯାଇଛି । ଏହି ପରିମାଣରୁ ଅଧିକ ବହନ କରିବା ଦ୍ୱାରା ନିୟାମକ କିମ୍ବା ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇପାରେ। ମାର୍ଗଦର୍ଶିକା ଅନୁଯାୟୀ, ଅନୁମତି ପାଇଁ ଆବେଦନଗୁଡ଼ିକୁ ସମ୍ପୃକ୍ତ ବ୍ୟକ୍ତି କିମ୍ବା ସେମାନଙ୍କର ଅଧିକୃତ ପ୍ରତିନିଧିଙ୍କ ଦ୍ୱାରା ଏହି ପୋର୍ଟାଲ୍ ମାଧ୍ୟମରେ ଦାଖଲ କରିବାକୁ ପଡିବ । ଯାତ୍ରୀମାନଙ୍କୁ ଯାତ୍ରା ଆରମ୍ଭ କରିବା ପୂର୍ବରୁ ସାଉଦି କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ନିଷିଦ୍ଧ ଏବଂ ପ୍ରତିବନ୍ଧିତ ଔଷଧର ସରକାରୀ ତାଲିକା ଦେଖିବା ପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି।

## ଭୂକମ୍ପରେ ଥରିଲା ମେକ୍ସିକୋ: ୨ ମୃତ

**ମେକ୍ସିକୋ ସିଟି,୪।୧(ଏଜେନ୍ସି):** ମେକ୍ସିକୋର ଗୁଏରେରୋ ରାଜ୍ୟରେ ଶୁକ୍ରବାର ୬.୫ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି । ଉତ୍ତର-ଉତ୍ତର ପଶ୍ଚିମ ଗୁଏରେରୋରେ ଥିବା ପାହାଡ଼ିଆ ଅଞ୍ଚଳରେ ପ୍ରାୟ ୨୧.୭ ମାଇଲ ଗଭୀରରେ ଭୂମିକମ୍ପର କେନ୍ଦ୍ରସ୍ଥଳ ରହିଥିବା ଆମେରିକୀୟ ଜିଓଲୋଜିକାଲ ସର୍ଭେ ପକ୍ଷରୁ କୁହାଯାଇଛି । ଏଥିରେ ଅନେକ ଅଟ୍ଟାଳିକା ଓ ବିଦ୍ୟୁତ ଖୁଣ୍ଟ କ୍ଷତିଗ୍ରସ୍ତ ହୋଇଛି । ଅନେକ ସ୍ଥାନରେ ଭୂସ୍ଖଳନ ଘଟଣା ମଧ୍ୟ ଘଟିଛି । ଭୂକମ୍ପରେ ଦୁଇ ଜଣ ପ୍ରାଣ ହରାଇଥିବା ବେଳେ ଏକାଧିକ ଆହତ ହୋଇଥିବା ସୂଚନା ମିଳିଭୂକମ୍ପ ଅନୁଭୂତ ହେବା ବେଳେ ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ଶେନ୍ବାମ୍ ଦୈନିକ ସାମ୍ବାଦିକ ସମ୍ମିଳନୀରେ ନୂଆବର୍ଷ ଉପଲକ୍ଷେ ଭାଷଣ ଦେଉଥିଲେ । ଝଟକା ଅନୁଭୂତ ହେବା କ୍ଷଣି ସେ ପ୍ରଣି ବିକଳରେ ବାହାରକୁ ଦୌଡ଼ିଥିଲେ । ଅନ୍ୟମାନଙ୍କୁ ବି ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ପରାମର୍ଶ ଦେଇଥିଲେ । ଏହାପରେ ସାମ୍ବାଦିକମାନେ ବି ଦୌଡ଼ିଥିଲେ । ରାଷ୍ଟ୍ରପତିଙ୍କ ଭାଷଣ ଅଧାରୁ ବନ୍ଦ କରାଯାଇଥିଲା । ସମସ୍ତଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା । ଏଥିସହ ସମ୍ବେଦନଶୀଳ ଅଞ୍ଚଳରୁ ମଧ୍ୟ ଲୋକଙ୍କୁ ଉଦ୍ଧାର କରାଯାଇଥିଲା । ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି । ଭୂକମ୍ପର ପ୍ରଥମ ଝଟକା ପରେ ବି ବିପଦ ଟଳି ନ ଥିଲା । ବାରମ୍ବାର ଝଟକା ଅନୁଭୂତ ହୋଇଥିଲା । ମେକ୍ସିକୋ ସରକାରଙ୍କ ସୂଚନା ଅନୁସାରେ, ଭୂକମ୍ପର କେନ୍ଦ୍ର ଗୁଏରେରୋ ପ୍ରଦେଶସ୍ଥିତ ସାନ ମାର୍କୋସରେ ଥିଲା । ଯାହା ରାଜଧାନୀ ମେକ୍ସିକୋ ସିଟିଠାରୁ ପ୍ରାୟ ୨୩୦ କିଲୋମିଟର ଦୂରରେ । ୩୫ କିଲୋମିଟର ଗଭୀରରୁ ଏହା ସୃଷ୍ଟି ହୋଇଥିଲା । ଭୂକମ୍ପ ବେଳେ କେତେକ କୋଠା ଦୋଳି ଭଳି ଝୁଲୁଥିବାର ଭିଡିଓ ସାମ୍ନାକୁ ଆସିଛି । ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ବି ଭାଙ୍ଗିଯିବା ଅବସ୍ଥାକୁ ଚାଲିଆସିଥିଲା । ଲୋକମାନେ ପ୍ରାଣ ବିକଳରେ ଖୋଲା ପଡ଼ିଆ ଓ ରାସ୍ତା ଆଡ଼କୁ ଦୌଡ଼ିଥିଲେ । ଏହି ସମୟରେ ବିଜୁଳି ଖୁଣ୍ଟ ଲୋକଙ୍କ ଉପରେ ପଡ଼ିବା ଭୟ ଘାରିଥିଲା । ମେଟ୍ରୋରେ ବି ଲୋକଙ୍କ ଚିତ୍କାର ଶୁଭିଥିଲା । ବିଶ୍ୱର ଅନ୍ୟତମ ବ୍ୟସ୍ତବହୁଳ ସବ୍ୱେ ସିଷ୍ଟମ୍ ମେକ୍ସିକୋ ସିଟି ମେଟ୍ରୋ ଷ୍ଟେସନ ମଧ୍ୟ ଭୂକମ୍ପରେ ଥରିଥିଲା । ଲୋକମାନେ ଜୀବନ ବଞ୍ଚାଇବାକୁ ପିଲାଙ୍କୁ ଜାବୁଡ଼ିଧରିଥିଲେ । ୧୯୮୫ରେ ମେକ୍ସିକୋ ସିଟିରେ ୮.୦ ତୀବ୍ରତାର ଭୂକମ୍ପ ହୋଇଥିଲା । ଏଥିରେ ୧୦ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ।

## ଭେନେଜୁଏଲା ଉପରେ ଆମେରିକାର ହମଲାରେ ତାତିଲା ଇରାନ

**ନୂଆଦିଲ୍ଲୀ,୪।୧(ଏଜେନ୍ସି):** ଭେନେଜୁଏଲାର ରାଜଧାନୀ କାରାବାସରେ ଆମେରିକା ଶନିବାର ସକାଳେ ଆକ୍ରମଣ କରି ଥିଲା । ଏଥିରେ ଏହାର ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ମଧ୍ୟ ଆମେରିକୀୟ ସେନା ଧରି ନେଇ ଥିଲା । ଇରାନ ଓ ରୁଷ୍ ଆମେରିକାର ଏହି ଆକ୍ରମଣକୁ ନେଇ ଆକ୍ରମଣର କଡ଼ା ନିନ୍ଦା କରିଛି । ଇରାନ ଏହି ହମଲାକୁ ନେଇ ରାଷ୍ଟ୍ରୀୟ ସାର୍ବଭୌମତ୍ୱ ଓ କ୍ଷେତ୍ରୀୟ ଅଖଣ୍ଡତାର ଖୋଲା ଉଲ୍ଲଙ୍ଘନ ଭାବେ କହିଛି। ଇରାନ ବୈଦେଶିକ ମନ୍ତ୍ରଣାଳୟ ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦରୁ ବେଆଇନ ହମଲାକୁ ରୋକିବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ କରିବା ଏବଂ ଦୋଷୀଙ୍କୁ ଉତ୍ତରଦାୟୀ କରିବାକୁ ଅପିଲ କରିଛି । ରୁଷ୍ ମଧ୍ୟ ଶନିବାର ଭେନେଜୁଏଲାରେ ଆମେରିକୀୟ ସାମରିକ କାର୍ଯ୍ୟାନୁଷ୍ଠାନର ନିନ୍ଦା କରି କହିଛନ୍ତି ଯେ, ଆକ୍ରମଣର କୌଣସି ପ୍ରମୁଖ କାରଣ ନଥିଲା ଏବଂ ଆଦର୍ଶଗତ ଶତ୍ରୁତା କୂଟନୀତି ଉପରେ ପ୍ରଭାବ ପକାଇଛି । ରୁଷୀୟ ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଥିଲା - ଆଜି ସକାଳେ, ସଂଯୁକ୍ତ ରାଷ୍ଟ୍ର ଆମେରିକା ଭେନେଜୁଏଲା ବିରୋଧରେ ସଶସ୍ତ୍ର ହମଲା କରିଥିଲା । ଏହା ଖୁବ୍ ଚିନ୍ତାଜନକ ଓ ନିନ୍ଦନୀୟ । ଏଥିରେ ଆହୁରି କୁହାଯାଇଛି , ଆଦର୍ଶଗତ ଶତ୍ରୁ ବ୍ୟବହାରିକ ଚିନ୍ତାଧାରା ଉପରେ ଭାରି ହୋଇ ଯାଇଛି । ଏହା ପୂର୍ବରୁ ଭେନେଜୁଏଲାର ରାଜଧାନୀ କାରାବାସରେ ଶନିବାର ସକାଳେ ଅନେକ ଜୋରଦାର ଧମାକା ଓ ବିମାନ ଗୁଡ଼ିକର ଉଡ଼ାଣ ଭରିବାର ଶବ୍ଦ ଶୁଣା ଯାଇଛି । ଏଥିରେ ନିବାସୀଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଛି। ଅନ୍ତର୍ଜାତୀୟ ନ୍ୟୁଜ୍ ଏଜେନ୍ସିଙ୍କ ଅନୁସାରେ ,କାରାବାସର ଅନେକ ଭାଗରେ ଲୋକେ ଶକ୍ତିଶାଳୀ ଧମାକା ଓ ଏହାପରେ କମ୍ ଉଚ୍ଚତାରେ ଉଡ଼ିଥିବା ବିମାନର ଶବ୍ଦରେ ଉଠିପଡ଼ି ଥିଲେ । ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ, ସେ ଆକାଶରେ ଚମକ ଓ ସହରର କିଛି ଅଞ୍ଚଳରେ , ବଶେଷକରି ରଣନୀତିକ ଓ ସେନା ଠିକଣା ନିକଟରୁ ଧୂଆଁ ଉଠିବାର ଦେଖିବାକୁ ମିଳିଥିଲା। ରିପୋର୍ଟ ମୁତାବିକ , ଧମାକାର ଶବ୍ଦ ଶୁଣି ଅନେକ ଲୋକେ ଡ଼ରରେ ନିଜ ଘରୁ ବାହାରକୁ ଚାଲି ଆସିଥିଲେ । ବିସ୍ଫୋରଣ ପରେ କିଛି ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ହୋଇଯିବାର ଖବର ଅଛି।

## ମମତାଙ୍କୁ ଟାର୍ଗେଟ କଲେ ମିଥୁନ

**କୋଲକାତା,୪।୧(ଏଜେନ୍ସି):** ଅଭିନେତାରୁ ରାଜନେତା ପାଲଟିଥିବା ଭାରତୀୟ ଜନତା ପାର୍ଟି (ବିଜେପି)ନେତା ମିଥୁନ ଚକ୍ରବର୍ତ୍ତୀ ଅଭିଯୋଗ କରିଛନ୍ତି, ପଶ୍ଚିମବଙ୍ଗକୁ ପଶ୍ଚିମ ବାଂଲାଦେଶରେ ପରିଣତ କରିବାକୁ ପ୍ରୟାସ କରାଯାଉଛି, କିନ୍ତୁ ଏହି ପ୍ରୟାସ କେବେ ସଫଳ ହେବ ନାହିଁ । କୁଚ୍ ବିହାର ଜିଲ୍ଲାରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ମିଥୁନ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦେଇଥିବା ମନ୍ତବ୍ୟକୁ କଡ଼ା ସମାଲୋଚନା କରି କହିଛନ୍ତି ଯେ ଏହା ଏକ ପୃଥକ ଦେଶ ନୁହେଁ ଯେପରି ମମତା ଭାବୁଛନ୍ତି । ମିଥୁନ କହିଛନ୍ତି, ମୁଖ୍ୟମନ୍ତ୍ରୀ ଭାରତୀୟ ଗୃହମନ୍ତ୍ରୀଙ୍କୁ ଧମକ ଦେଇ କହିଥିଲେ, ମୁଁ ହିଁ ଶାହଙ୍କୁ କୋଲକାତାର ହୋଟେଲରୁ ବାହାରକୁ ଆସିବାକୁ ଦେଇଥିଲି। ଯେଉଁଠାରେ ସେ ରହୁଥିଲେ । ମୁଁ ଚାହିଁଥିଲେ ସ୍ପଷ୍ଟ ଭାବରେ କହିଥାନ୍ତି ଯେ, ଗୃହମନ୍ତ୍ରୀଙ୍କୁ ପଶ୍ଚିମବଙ୍ଗରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ । ଏହାକୁ ନେଇ ମିଥୁନ ମୁହଁ ଖୋଲିଛନ୍ତି । ମିଥୁନ ଚକ୍ରବର୍ତ୍ତୀ ୧୯୯୦ ଦଶକରେ କଶ୍ମୀର ଉପତ୍ୟକାରୁ କଶ୍ମୀର ପଣ୍ଡିତଙ୍କ ପଳାୟନ ଉପରେ ଆଧାରିତ ତାଙ୍କ ଚଳଚ୍ଚିତ୍ର ଦି କଶ୍ମୀର ଫାଇଲ୍ସର ଉଦାହରଣ ଦେଇ ଅଭିଯୋଗ କରିଛନ୍ତି, ପଶ୍ଚିମବଙ୍ଗରେ ସମାନ ପ୍ରୟାସ ଚାଲିଛି । ସେ ଅଭିଯୋଗ କରିଛନ୍ତି, ପଶ୍ଚିମବଙ୍ଗକୁ ପଶ୍ଚିମ ବାଂଲାଦେଶରେ ପରିଣତ କରିବାକୁ ଉଦ୍ୟମ କରାଯାଉଛି । ମିଥୁନ କହିଛନ୍ତି, ରାଜ୍ୟରେ ତୃଣମୂଳ କଂଗ୍ରେସ ସରକାରକୁ ଭାଙ୍ଗିବାର ଏକମାତ୍ର ଉପାୟ ହେଉଛି ସମସ୍ତେ ଏକାଠି ହେବା । ସେ କଂଗ୍ରେସ, ବାମପନ୍ଥୀ ଏବଂ ତୃଣମୂଳ କଂଗ୍ରେସର ସଚେତନ ସମର୍ଥକମାନଙ୍କୁ ଆଗାମୀ ନିର୍ବାଚନରେ ସରକାର ପରିବର୍ତ୍ତନ କରିବା ପାଇଁ ଏକତ୍ର ହେବାକୁ ଆହ୍ୱାନ କରିଛନ୍ତି ।



# ୮ରୁ ୧୧ପର୍ଯ୍ୟନ୍ତ ଆୟୋଜିତ ହେବ ଦ୍ୱାଦଶ କଳିଙ୍ଗ ସାହିତ୍ୟ ମହୋତ୍ସବ

ଭୁବନେଶ୍ୱର,୪।୧ (ନି.ପ୍ର) : କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲ (କେଏଲ୍ଏଫ) ବା କଳିଙ୍ଗ ସାହିତ୍ୟ ମହୋତ୍ସବ ଏହାର ଦ୍ୱାଦଶ ସଂସ୍କରଣର ଘୋଷଣା କରିଛି ଯାହା ଆସନ୍ତା ଜାନୁଆରୀ ୮ରୁ ୧୧ ତାରିଖ ୨୦୨୬ ପର୍ଯ୍ୟନ୍ତ ମେ'ଫେୟାର, ଭୁବନେଶ୍ୱରଠାରେ ଆୟୋଜିତ ହେବ। ଓଡିଶାର ଐତିହାସିକ ମନ୍ଦିରମାଳିନୀ ସହରରେ ସ୍ଥାପିତ କେଏଲ୍ଏଫ ୨୦୨୬, ଏହି ୪ ଦିନର ଆଲୋଚନା, ବିତର୍କ ଓ ବିଚାରଧାରାର ଉତ୍ସବ ପାଇଁ ଭାରତ, ଦକ୍ଷିଣ ଏସିଆ, ଆମେରିକା, ୟୁରୋପ ଏବଂ ବିଶ୍ୱର କୋଣ ଅନୁକୋଣରୁ ଲେଖକ, ଅନୁବାଦକ, ଚିନ୍ତକ, କଳାକାର, ବିଧାୟକ, କୂଟନୀତିଜ୍ଞ, ନୀତିନିର୍ମାତା ଓ ସାଂସ୍କୃତିକ ନେତୃବୃନ୍ଦଙ୍କୁ ଏକାଠି କରିବ। ୨୦୨୬ ସଂସ୍କରଣ ମହୋତ୍ସବର ଏପର୍ଯ୍ୟନ୍ତର ସବୁଠାରୁ ମହତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ, ଯେଉଁଥିରେ ୧୦୦ରୁ ଅଧିକ ଚିନ୍ତାପ୍ରବଣ ଅଧିବେଶନ, ପାଂଚଟି ସମାନ୍ତରାଳ ହଲରେ ସଂଗୃହିତ, ୫୦୦ରୁ ଅଧିକ ବକ୍ତା ଏବଂ ୨୦୦ କଳାକାର ସାମିଲ ଅଛନ୍ତି।

ମୁଖ୍ୟ ଅତିଥି ଭାବେ ଯୋଗ ଦେବାକୁ ଥିବା ଓଡିଶାର ମାନ୍ୟବର ରାଜ୍ୟପାଳ ଡଃ ହରିବାବୁ କମ୍ଭମପତିଙ୍କ ନେତୃତ୍ୱରେ ଦ୍ୱାଦଶ କଳିଙ୍ଗ ସାହିତ୍ୟ ମହୋତ୍ସବ ୨୦୨୬, ଏକ ବିଶାଳ ଉଦ୍‌ଘାଟନୀ ସମାରୋହ ସହିତ ଆରମ୍ଭ ହେବ। ଏହି ସମାରୋହରେ ବହୁ ବିଶିଷ୍ଟ ଅତିଥିମାନେ ଯୋଗ ଦେବେ, ସେମାନଙ୍କ ମଧ୍ୟରେ ଶ୍ରୀଲଙ୍କାର ଗ୍ରାମାଂଚଳ ବିକାଶ, ସାମାଜିକ ସୁରକ୍ଷା ଓ ସମୁଦାୟ ସଶକ୍ତିକରଣ ବିଭାଗର ମନ୍ତ୍ରୀ ଡଃ ଉପଲୀ ପନ୍ନିଲାଗେ, ଓଡିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଓଡିଶାର ସଂସ୍କୃତି ଓ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ, ରାଜ୍ୟସଭା ସାଂସଦ ସୁଜିତ କୁମାର,




ନେପାଳର ଜଣେ ପୂର୍ବତନ ସାଂସଦ ଡା. ବିନୋଦ ଚୌଧୁରୀ ଏବଂ ଜ୍ଞାନପୀଠ ପୁରସ୍କାର ବିଜେତା ଲେଖିକା ଡଃ ପ୍ରତିଭା ରାୟ ପ୍ରମୁଖ ସାମିଲ ଅଛନ୍ତି।

ଏହି ସନ୍ଧ୍ୟାରେ କେଏଲଏଫ ଲିଟେରାରୀ ଆୱାର୍ଡର ବିତରଣ, ଲେଜିସ୍‌ଲେଟରସ ଫର ଲିଟ୍‌ରେଚରର ଉନ୍ମୋଚନ, ଡଃ ଚୌଧୁରୀଙ୍କ ସହିତ ଏକ ସ୍ୱତନ୍ତ୍ର 'ମେଡ୍ ଇନ ନେପାଳ' ଅଧିବେଶନ ଆଦି କାର୍ଯ୍ୟକ୍ରମ ରହିଛି, ଏହାପରେ ମାଳିନୀ ଅୱସ୍ଥି ଓ ଯତିନ୍ଦ୍ର ମିଶ୍ରଙ୍କ ଦ୍ୱାରା ଏକ ସଙ୍ଗୀତମୟ ପ୍ରଦର୍ଶନ ମଧ୍ୟ ରହିଛି। କେଏଲ୍ଏଫ ୨୦୨୬ର ମୁଖ୍ୟ ବିଷୟବସ୍ତୁ ହେଉଛି: "ଷ୍ଟୋରିଜ୍ ଦ୍ୟାଟ ସେପ୍ ହ୍ୟୁମାନିଟି: ଟ୍ରାନ୍ସଲେଟିଂ ୱାର୍ଲ୍ଡ୍‌ସ, ଟ୍ରାନ୍ସଫର୍ମିଙ୍ଗ ଫ୍ୟୁଚର୍ସ"। ଏହି ବିଷୟବସ୍ତୁ ଅନୁବାଦ, କାହାଣୀ ବର୍ଣ୍ଣନା ଓ ସାଂସ୍କୃତିକ ଆଦାନପ୍ରଦାନକୁ ମୁଖ୍ୟ କେନ୍ଦ୍ର ଭାବେ ଉପସ୍ଥାପନ କରୁଛି।

ଏସମ୍ପର୍କରେ କଳିଙ୍ଗ ସାହିତ୍ୟ ମହୋତ୍ସବର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ରଶ୍ମୀ ରଞ୍ଜନ ପରିଡ଼ା କହିଛନ୍ତି, " ଗତ ୧୨ ବର୍ଷ ମଧ୍ୟରେ କେଏଲ୍ଏଫ ଭାଷା ଓ ସାହିତ୍ୟ ଏବଂ ପିଢି ଓ ଭୌଗୋଳିକ କ୍ଷେତ୍ର ମଧ୍ୟରେ ଆଲୋଚନା ପାଇଁ ଏକ ଜୀବନ୍ତ ମଂଚରେ ପରିଣତ ହୋଇଛି। ଓଡିଶାର ସଭ୍ୟତା ନୀତି ସହ ଜଡିତ ଏବଂ ବିଶ୍ୱ ପାଇଁ ଉନ୍ମୁକ୍ତ କେଏଲ୍ଏଫ ୨୦୨୬ ଆମର ସେହି ବିଶ୍ୱାସକୁ ପ୍ରତିଫଳନ କରୁଛି ଯେ, କାହାଣୀ ମନୋରଞ୍ଜନଠାରୁ ଅଧିକ କିଛି ପ୍ରଦାନ କରିଥାଏ- ତାହା ସମାନୁଭୂତିକୁ ରୂପ ଦେଇଥାଏ, ବିଚାରଧାରାକୁ ପ୍ରଭାବିତ କରିଥାଏ ଏବଂ ସମାଜକୁ ଉତମ ଭବିଷ୍ୟତର କଳ୍ପନା କରିବାରେ ସାହାଯ୍ୟ କରିଥାଏ।" ସେହିଭଳି କଳିଙ୍ଗ ସାହିତ୍ୟ ମହୋତ୍ସବର ସିଇଓ ଓ ପୃଷ୍ଠପୋଷକ ଅଶୋକ କୁମାର ବଳ କହିଛନ୍ତି, "କେଏଲ୍ଏଫ ୨୦୨୬ ସାହିତ୍ୟକୁ ମାନବଜାତିର ସବୁଠାରୁ ସ୍ଥାୟୀ ପ୍ରଯୁକ୍ତିବିଦ୍ୟା ଭାବେ ସୁଦୃଢ କରିଛି, ଯାହା ସ୍ମୃତିକୁ ସଂରକ୍ଷିତ ରଖିବା, ଶକ୍ତି ଉପରେ ପ୍ରଶ୍ନ ଉଠାଇବା ଓ ନୂତନତ୍ୱକୁ ପ୍ରେରିତ କରିବା ପାଇଁ ସକ୍ଷମ ଅଟେ। ଦ୍ରୁତ ଡିଜିଟାଲ ପରିବର୍ତନ ସମୟରେ ଏହି ମହୋତ୍ସବ ସେହି ସ୍ୱରଗୁଡିକୁ ଏକତ୍ରିତ କରୁଛି ଯାହା ଆମକୁ ମନେ ପକାଇ ଦେଉଛି ଯେ, କାହାଣୀ କାହିଁକି ସଭ୍ୟତାର କେନ୍ଦ୍ର ହୋଇରହିଛି।"

କେଏଲ୍ଏଫ ୨୦୨୬ ଏକ ବିସ୍ତୃତ ଶୃଙ୍ଖଳାର ବିଷୟବସ୍ତୁ ଯେପରିକି ଅନୁବାଦ, ଭାଷା ଓ ବିଶ୍ୱ ସାହିତ୍ୟ, ମହିଳା, ଲିଙ୍ଗ ଓ ସଶକ୍ତିକରଣ, ରାଜନୀତି, ଗଣତନ୍ତ୍ର ଓ ଲୋକନୀତି, ଟେକ୍ନୋଲୋଜି, ମିଡିଆ ଓ ଆର୍ଟିଫିସିଆଲ ଇଂଟେଲିଜେନ୍ସ, ସିନେମା, ପ୍ରଦର୍ଶନ କଳା ଓ ଲୋକପ୍ରିୟ ସଂସ୍କୃତି, ବ୍ୟବସାୟ, ନେତୃତ୍ୱ ଓ ଅନୁଷ୍ଠାନ ଗଠନ, ଜଳବାୟୁ, ପରିବେଶ ବିଜ୍ଞାନ ଓ ସ୍ଥାୟିତ୍ୱ, ଭକ୍ତି, ଭାରତୀୟ ଜ୍ଞାନ ବ୍ୟବସ୍ଥା ଓ ସଭ୍ୟତା ସମ୍ବନ୍ଧିତ ବିଚାରଧାରା, ବାୟୋଗ୍ରାଫି ବା ଜୀବନୀ ଏବଂ ଅଭିଜ୍ଞତା ଆଦି ଉପରେ ଆଲୋଚନାଚକ୍ରଗୁଡିକର ଆୟୋଜନ କରିବ। ସ୍ୱତନ୍ତ୍ର ଷ୍ଟ୍ରାଣ୍ଡଗୁଡିକରେ ହିନ୍ଦୀ ଓ ଓଡିଆ ସାହିତ୍ୟ, ଭାରତୀୟ ଭାଷା ଓ ଅନୁବାଦ, ମହିଳାଙ୍କ ଲେଖନୀ, ମାନସିକ ସ୍ୱାସ୍ଥ୍ୟ, ଜଳବାୟୁ ଓ ସ୍ଥାୟିତ୍ୱ, ପ୍ରକାଶନର ଭବିଷ୍ୟତ, ସୀମାପାର କବିତା, ମୁସୟିରା, କବି ସମ୍ମିଳନୀ ଏବଂ ଓଡିଶୀ ଛଉ ସମେତ ଶାସ୍ତ୍ରୀୟ ନୃତ୍ୟ ପରମ୍ପରାଗୁଡିକୁ ପାଳନ କରାଯିବ। କେଏଲ୍ଏଫ ୨୦୨୬ରେ କଳିଙ୍ଗ ସାହିତ୍ୟ ସମ୍ମାନ, କଳିଙ୍ଗ ସାହିତ୍ୟ ସମ୍ମାନ (ଆନ୍ତର୍ଜାତୀୟ) ଓ କଳିଙ୍ଗ ସାହିତ୍ୟ ସମ୍ମାନ (ଯୁବ) ସହିତ ପେଙ୍ଗୁଇନ - କେଏଲ୍ଏଫ ବୁକ ରିଭ୍ୟୁ ପ୍ରୋଜେକ୍ଟ ଆୱାର୍ଡ ଓ ଇଂଟର-ସ୍କୁଲ ଡିବେଟ କମ୍ପିଟିଶନ ଆୱାର୍ଡ ପ୍ରଦାନ କରାଯିବ। ସାଂସ୍କୃତିକ ସନ୍ଧ୍ୟାରେ କବିତା, ସଙ୍ଗୀତ ଓ ନୃତ୍ୟ ପ୍ରଦର୍ଶନ କରାଯିବ।

ଏହି ମହୋତ୍ସବରେ ପ୍ରୀତି ସିନୟ, ବିକାଶ ସ୍ୱରୁପ, ରଞ୍ଜିତ ହୋସକୋଟେ, ରାମ ମାଧବ, ରାହୁଲ ପଣ୍ଡିତ, ଲକ୍ଷ୍ମୀ ପୁରୀ, ଦିବ୍ୟା ଦତ, ସୁଧୀର ମିଶ୍ର, ସଫିନା ହୁସୈନ, ଆନନ୍ଦ ନୀଲକାନ୍ତନ, ଡେଜି ରକ୍‌ୱେଲ, ମାଲିନୀ ଅୱସ୍ଥିଙ୍କ ଭଳି ବହୁ ପ୍ରତିଷ୍ଠିତ ବକ୍ତା ଓ ପ୍ୟାନେଲିଷ୍ଟମାନେ ଯୋଗ ଦେବେ। ଏଥିସହିତ ଭାରତ ଓ ବିଦେଶରୁ ପ୍ରଖ୍ୟାତ ହିନ୍ଦୀ ଓ ଓଡିଆ କବି, ବିଦ୍ୱାନ, ସମ୍ପାଦକ ଓ କୂଟନୀତିଜ୍ଞ, ପ୍ରଶାସକ ଓ ସାଂସ୍କୃତିକ ପ୍ରଦର୍ଶନକାରୀମାନେ ମଧ୍ୟ ଅଂଶଗ୍ରହଣ କରିବେ। ଛାତ୍ରଛାତ୍ରୀଙ୍କ ବ୍ୟାପକ ଅଂଶଗ୍ରହଣ ସହିତ କେଏଲଏଫ ୨୦୨୬ ଯୁବ ଲେଖକ ଓ ପାଠକମାନଙ୍କୁ ଆଲୋଚନା, ପୁସ୍ତକ ସମୀକ୍ଷା ଓ ଖୋଲା ମଂଚ ମାଧ୍ୟମରେ ମାର୍ଗଦର୍ଶନ ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେବା ଜାରି ରଖିଛି, ଯାହା ପରବର୍ତୀ ପିଢିର ସାଂସ୍କୃତିକ ଓ ବୌଦ୍ଧିକ ଲିଡରମାନଙ୍କୁ ବିକଶିତ କରିବ।



ବାସୁଦେବ ନଗର ବିକାଶ ପରିଷଦ, ବାସୁଆଘାଇ, ଭୁବନେଶ୍ୱର ପକ୍ଷରୁ ରବିବାର ଦିନ ବାସୁଦେବ ନଗରରେ ନୂଆ ବର୍ଷର ହାର୍ଦ୍ଦିକ ଅଭିନନ୍ଦନ ଓ ବନ୍ଧୁମିଳନ ସମାରୋହର ଆୟୋଜନ କରାଯାଇଥିଲା। ଏହି ଅବସରରେ ଖାଦ୍ୟ ପେୟ ସହିତ ଛୋଟ ଛୋଟ ଶିଶୁମାନଙ୍କ ର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ଶିଶୁମାନେ ନୃତ୍ୟ ଓ ଗୀତ ଦର୍ଶକଙ୍କର ମନ ମୋହିନେଇଥିଲା।

# ଡିସେମ୍ବରରେ ୧୨,୩୯୨ ଟ୍ରାକ୍ଟର ବିକ୍ରୟ ସହିତ ସୋନାଲିକାର ଦୃଢ଼ ପ୍ରଦର୍ଶନ

ଭୁବନେଶ୍ୱର,୪।୧ (ନି.ପ୍ର) : ଭାରତର ଏକ ନମ୍ବର ଟ୍ରାକ୍ଟର ରପ୍ତାନି ବ୍ରାଣ୍ଡ, ସୋନାଲିକା ଟ୍ରାକ୍ଟର୍ସ କ୍ୟାଲେଣ୍ଡର ବର୍ଷ ୨୦୨୫ ଡିସେମ୍ବରରେ ଏହାର ସର୍ବୋଚ୍ଚ ୧୨,୩୯୨ ଟ୍ରାକ୍ଟର ବିକ୍ରୟ ରେକର୍ଡ ହାସଲ କରିଛି। ସୋନାଲିକାର ସଦ୍ୟତମ ପ୍ରଦର୍ଶନ ଭାରତୀୟ କୃଷି ପରିସ୍ଥିତି ପାଇଁ ନିର୍ମାଣ କରାଯାଇଥିବା କାର୍ଯ୍ୟଦକ୍ଷତା ଆଧାରିତ ସମାଧାନ ପ୍ରଦାନ କରିବା ଉପରେ



ବ୍ରାଣ୍ଡର ସ୍ଥିର ଧ୍ୟାନକୁ ସ୍ପଷ୍ଟ କରୁଛି। ନୂତନ ଯୁଗର ପ୍ରଯୁକ୍ତିବିଦ୍ୟା ଏବଂ ଡିଜାଇନରେ ପୂର୍ଣ୍ଣ ଭାବରେ ଭରପୁର, ପ୍ରତ୍ୟେକ ସୋନାଲିକା ଟ୍ରାକ୍ଟର ହେଉଛି ଦୃଢ଼ ଗୁଣବତାର ପ୍ରତୀକ ଯାହା ଚାଷୀମାନଙ୍କ ପାଇଁ କାର୍ଯ୍ୟକ୍ଷମ ନିର୍ଭରଯୋଗ୍ୟତା ଏବଂ ଦୀର୍ଘକାଳୀନ ମୂଲ୍ୟ ପ୍ରଦାନ କରେ। ବର୍ଷ ବର୍ଷ ଧରି, ସୋନାଲିକା ଏକ ଗର୍ବପୂର୍ଣ୍ଣ ଐତିହ୍ୟ ଏବଂ ହେଭି-ଡ୍ୟୁଟି ଟ୍ରାକ୍ଟର ନିର୍ମାଣରେ ଏକ ଦୃଢ଼ ଖ୍ୟାତି ସୃଷ୍ଟି କରିଛି। ଯାହା ବିସ୍ତୃତ କୃଷକ ଅନ୍ତର୍ଦୃଷ୍ଟି ଅନୁସାରେ ଡିଜାଇନ୍ କରାଯାଇଛି, ଏକ ପଦ୍ଧତି ଯାହା ୧୮+ ଲକ୍ଷ ଚାଷୀଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ସୁନିଶ୍ଚିତ କରିଛି। ହୋସିଆରପୁରରେ ବିଶ୍ୱର ନମ୍ବର ୧ ପ୍ଲାଂଟରେ କମ୍ପାନୀର ଉତ୍ପାଦନ କ୍ଷମତା ଏକ ବିସ୍ତୃତ ଚ୍ୟାନେଲ ପାର୍ଟନର ନେଟୱାର୍କ ସହିତ ମିଳିତ ଭାବରେ, କ୍ଷେତ୍ରଗତ ଦକ୍ଷତା ବୃଦ୍ଧି କରୁଥିବା ଉନ୍ନତ ଟ୍ରାକ୍ଟରଗୁଡ଼ିକର ସମୟାନୁସାରେ ଉପଲବ୍ଧତା ସୁନିଶ୍ଚିତ କରୁଛି।

ଏହି ଦୃଢ଼ ପ୍ରଦର୍ଶନ ଉପରେ ନିଜର ମତାମତ ବ୍ୟକ୍ତ କରି ଇଂଟରନ୍ୟାସନାଲ ଟ୍ରାକ୍ଟର ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ରମଣ ମିତଲ କହିଛନ୍ତି, "ଡିସେମ୍ବର ସୁଦ୍ଧା ୧୨,୩୯୨ ଟ୍ରାକ୍ଟରର ସର୍ବାଧିକ ବିକ୍ରୟ ଆମର ନୂତନ ସଫଳତା, ବିଭିନ୍ନ କୃଷି ପରିସ୍ଥିତିରେ ଆମର ଅଭିନବ ଟ୍ରାକ୍ଟର ସହିତ ଡିୟୁଏମ ପ୍ରଦାନ କରିବା ଉପରେ ଆମର ଦୀର୍ଘକାଳୀନ ଧ୍ୟାନକୁ ଆହୁରି ଦୃଢ଼ କରୁଛି। ଗତ ବର୍ଷ ତୁଳନାରେ ରବି ବୁଣା କ୍ଷେତ୍ର ଯଥେଷ୍ଟ ବୃଦ୍ଧି ପାଇଛି, ଯାହା ଏକ ପ୍ରତିଶ୍ରୁତିପୂର୍ଣ୍ଣ ଫସଲ ଭବିଷ୍ୟତ ଏବଂ ଅଭିନବ ଯନ୍ତ୍ରପାତି ଦ୍ୱାରା ସ୍ଥିର ଅଭିବୃଦ୍ଧିକୁ ସୂଚିତ କରୁଛି। ନୂତନ ବର୍ଷ ୨୦୨୬ ରେ ଆମେ ଆଗକୁ ବଢ଼ିବା ସହିତ, ଆମେ ସମସ୍ତେ ପ୍ରଯୁକ୍ତିବିଦ୍ୟା-ଚାଳିତ ସମାଧାନ ମାଧ୍ୟମରେ କୃଷି ଯାନ୍ତ୍ରିକୀକରଣ ଅଭିବୃଦ୍ଧିକୁ ଆଗେଇ ନେବାକୁ ପ୍ରସ୍ତୁତ ଅଛୁ ଯାହା ଚାଷୀମାନଙ୍କୁ ଏକ ସ୍ଥାୟୀ ଭବିଷ୍ୟତ ଗଠନରେ ସଶକ୍ତ କରିବ।"

# ମହାତ୍ମାଗାନ୍ଧୀ ନରେଗା ଆଇନକୁ ପରିବର୍ତ୍ତନ କରି ଦେଶର ୨୬ କୋଟି ପଞ୍ଜିକୃତ ଶ୍ରମିକଙ୍କର ଅଧିକାର ସରକାର କ୍ଷୁର୍ଣ୍ଣ କରିଛନ୍ତି



ଭୁବନେଶ୍ୱର,୪।୧ (ନି.ପ୍ର) : ମହାତ୍ମାଗାନ୍ଧୀ ନରେଗା ନିୟମକୁ ପରିବର୍ତ୍ତନ କରି ସାରା ଦେଶରେ ପଞ୍ଜିକୃତ ହୋଇଥିବା ୨୬ କୋଟି ନରେଗା ଶ୍ରମିକଙ୍କର ଅଧିକାର କେନ୍ଦ୍ର ସରକାର କ୍ଷୁର୍ଣ୍ଣ କରିଛନ୍ତି ଏବଂ ମହାତ୍ମାଗାନ୍ଧୀଙ୍କ ନାମ ପରିବର୍ତ୍ତନ କରି ଜାତିପିତା ମହାତ୍ମାଗାନ୍ଧୀଙ୍କ ପ୍ରତି ଅସମ୍ମାନ କରିଥିବାରୁ ଗତକାଲି ୦୪/୦୧/୨୦୨୬ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କାର୍ଯ୍ୟାଳୟରେ ଡ. ରାମଚନ୍ଦ୍ର ଖୁଂଟିଆଙ୍କ ସଭାପତିତ୍ୱରେ କେନ୍ଦ୍ରସରକାରଙ୍କର ଏତାଦୃଶ କାର୍ଯ୍ୟର ତିବ୍ର ନିନ୍ଦା କରାଯାଇଛି। ଆଇ.ଏନ୍.ଟି.ୟୁ.ସି ତଥା ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ତରଫରୁ ଆନ୍ଦୋଳନ ଜାରି ରହିବ ବୋଲି ପ୍ରସ୍ତାବରେ କୁହାଯାଇଛି।

ଟାଟା ପାୱାର ଦ୍ୱାରା ଅହେତୁତ ବିଦ୍ୟୁତ ଶ୍ଳୋକ ବୃଦ୍ଧି ପ୍ରସ୍ତାବ, ଅତିରିକ୍ତ ସିକ୍ୟୁରିଟି ଦାବି ଓ ପୂର୍ବରୁ ଦିଆଯାଇଥିବା ସିକ୍ୟୁରିଟିର ସୁଧ ଉପଭୋକ୍ତାମାନଙ୍କୁ ଏ ଅବଧି ଫେରା ଯାଇନଥିବାରୁ ଦୃଢ଼ ନିନ୍ଦାବାଦ କରାଯାଇଛି। ସଭା ଆରମ୍ଭରେ ବିଶାଳ ବିଶିଷ୍ଟ ଜନନାୟକ ନବ ଓଡ଼ିଶା ନିର୍ମାତା ପୂର୍ବତନ ରାଜ୍ୟପାଳ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ପୂଣ୍ୟତିଥିରେ ତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାସୁମନ ଜ୍ଞାପନ କରାଯାଇଥିଲା।

ଏହି ବୈଠକରେ ସାଧାରଣ ସମ୍ପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ପ୍ରଶାନ୍ତ ମହାପାତ୍ର, ଜନାର୍ଦ୍ଦନ ଦେହୁରୀ, ପୂର୍ବତନ ବିଧାୟକ, ଯୁଗ୍ମ ସାଧାରଣ ସତ୍ୟବ୍ରତ ନାୟକ, ନିର୍ମଳ ସାମଲ, ସମ୍ପାଦକ ପ୍ରଦିପ୍ତ କୁମାର ଦାସ, ସନ୍ତୋଷ ନନ୍ଦ, ମହିଳା ସଭାନେତ୍ରୀ ପ୍ରଣତୀ ମିଶ୍ର, ଯୁବ ସଭାପତି ପ୍ରକାଶ ବେହେରା, ବିଣାପାଣି ସାମଲ, ସୁଶାନ୍ତ ପଣ୍ଡା, ବାସନ୍ତି ସାମଲ, ଘନ ସବର, ସିଲି ସେଠୀ, ଭୋକାଲି ସେଠୀ, ରଣଜିତ ପ୍ରଧାନ,ଅଶ୍ୱନୀ ସାମଲ, ରଶ୍ମିରଞ୍ଜନ ପରିଡା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ୯ରୁ କିମସରେ ଏଏପିଆଇ ଗ୍ଲୋବାଲ୍ ହେଲଥକେୟାର ସମିଟ୍ ୨୦୨୬

ଭୁବନେଶ୍ୱର, ୪ ।୧୨ (ନି.ପ୍ର) : ଆମେରିକାନ ଆସୋସିଏସନ ଅଫ ଇଣ୍ଡିଆନ ଅରିଜିନ (ଭାରତୀୟ ବଂଶୋଦ୍ଭବ ଚିକିତ୍ସକ ସଂଘ- ଏଏପିଆଇ) ପକ୍ଷରୁ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ (କିମସ)ରେ ଗ୍ଲୋବାଲ୍ ହେଲଥ୍‌କେୟାର ସମିଟ୍ ୨୦୨୬ ଆୟୋଜିତ ହେଉଛି। ଜାନୁଆରୀ ୯ ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ ଭାରତ ଓ ଆମେରିକାର ବହୁ ପ୍ରଖ୍ୟାତ ଡାକ୍ତର, ଗବେଷକ, ସ୍ୱାସ୍ଥ୍ୟ ବିଶେଷଜ୍ଞ, ନବସର୍ଜନାକାରୀମାନେ ଏକତ୍ରିତ ହେବେ। ଏ ନେଇ ଏଏପିଆଇ ଗ୍ଲୋବାଲ୍ ହେଲଥକେୟାର ସମିଟ୍‌ର ଅଧ୍ୟକ୍ଷ ତଥା ଏଏପିଆଇ ସଭାପତି ଡା ଅମିତ ଚକ୍ରବର୍ତ୍ତୀ ଓ ଓଡ଼ିଶା ଫିଜିସିଆନ୍ ?ସ ଅଫ୍ ଆମେରିକାର ସଭାପତି ଡା ଅତସୁ ନାୟକ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହା ସୂଚନା ଦେଇଛନ୍ତି। ଏହି ସମ୍ମିଳନୀ ବିଶ୍ୱ ସ୍ୱାସ୍ଥ୍ୟକୁ ଆଗକୁ ବଢ଼ାଇବା, ଭାରତ-ଆମେରିକା ସ୍ୱାସ୍ଥ୍ୟସେବା ସହଯୋଗକୁ ସୁଦୃଢ଼ କରିବା ସହ ଡାକ୍ତରୀ ଶିକ୍ଷା, ଗବେଷଣା ଓ କ୍ଲିନିକାଲ୍ କେୟାରରେ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ




ଏଏପିଆଇର ନିରନ୍ତର ଅଭିଯାନ ଉପରେ ଗୁରୁତ୍ୱାରୋପ କରିବ। ଏହି ସମ୍ମିଳନୀ ପ୍ରଯୁକ୍ତିବିଦ୍ୟା, ନବସର୍ଜନା ଓ ବିଶ୍ୱ ସ୍ୱାସ୍ଥ୍ୟ କ୍ଷମତା ନିର୍ମାଣ ଉପରେ କେନ୍ଦ୍ରିତ ଏକ ଭବିଷ୍ୟତବାଦୀ ବିଷୟବସ୍ତୁ ଉପରେ ଆୟୋଜିତ ହେବ। ବ୍ୟାପକ ଶୈକ୍ଷିକ କାର୍ଯ୍ୟସୂଚୀରେ ଅତ୍ୟାଧୁନିକ ନିରନ୍ତର ଚିକିତ୍ସା ଶିକ୍ଷା (ସିଏମଇ) ଅଧିବେଶନ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ)- ଚାଳିତ କ୍ଲିନିକାଲ୍ ଇନ୍‌ସାଇଟ୍, ଉନ୍ନତ ଶଲ୍ୟଚିକିତ୍ସା ପ୍ରଦର୍ଶନ, କର୍ମଶାଳା, ଜନସ୍ୱାସ୍ଥ୍ୟ ପଦକ୍ଷେପ, ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଇଁ ବିଶେଷ ଉପଯୋଗୀ ହେବ। ଏଥିରେ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମଧ୍ୟରେ ଅତ୍ୟାଧୁନିକ ରୋବୋଟିକ୍ ସର୍ଜରୀ ଉପସ୍ଥାପନା, ବିଶ୍ୱ ଚିକିତ୍ସା ଅଭ୍ୟାସରେ କୃତ୍ରିମ ବୁଦ୍ଧିମତ୍ତାର ଭୂମିକା ଉପରେ ଏକ ଉଚ୍ଚ-ପ୍ରଭାବ ପୂର୍ଣ୍ଣ ଅଧିବେଶନ ଏବଂ ଉନ୍ନତ ଝସଙ୍କଗବଭଣୀଏ+ ସିମୁଲେସନ୍ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଜରୁରୀକାଳୀନ ଏବଂ ପୁନରୁତ୍ଥାନ କର୍ମଶାଳା ଆୟୋଜିତ ହେବ। ଶିକ୍ଷା ଭିତ୍ତିକ ଆଲୋଚନା ବ୍ୟତୀତ ଏହି ସମ୍ମିଳନୀ ସାମୁଦାୟିକ ସ୍ୱାସ୍ଥ୍ୟ ପଦକ୍ଷେପ ଉପରେ ଦୃଢ଼ ଗୁରୁତ୍ୱ ଦେବ। ଏଥିରେ ପ୍ରାୟ ୧୫ଶହରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀଙ୍କୁ ତାଲିମ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିରେ ସିପିଆର କାର୍ଯ୍ୟକ୍ରମ, ଏଚପିଭି ସଚେତନତା, ଟୀକାକରଣ ଅଭିଯାନ ଓ ଏଏପିଆଇ ଷ୍ଟେମ୍ ସେଲ୍ ରେଜିଷ୍ଟ୍ରି ଡ୍ରାଇଭ୍ ଆଦି ଅନ୍ତର୍ଭୁକ୍ତ। ଏହି ସମ୍ମିଳନୀରେ 'ସ୍ୱାସ୍ଥ୍ୟସେବାରେ ମହିଳା: ଚ୍ୟାଲେଞ୍ଜ 'ଉପରେ ଏକ ସ୍ୱତନ୍ତ୍ର ସିଏମଇ ମଧ୍ୟ ଆୟୋଜିତ ହେବ।

ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁଗୁଡ଼ିକ ମଧ୍ୟରେ ସ୍ୱାସ୍ଥ୍ୟସେବାରେ କୃତ୍ରିମ ବୁଦ୍ଧିମତ୍ତା; ରୋବୋଟିକ୍ ଏବଂ ସର୍ବନିମ୍ନ ଇନ୍‌ଭେସିଭ୍ ଶଲ୍ୟଚିକିତ୍ସା ଉଦ୍‌ଭାବନ; ଜରୁରୀକାଳୀନ ଏବଂ ଗୁରୁତର ଯତ୍ନ ଉନ୍ନତି; ଜୀବନଶୈଳୀ ଏବଂ ସମନ୍ୱିତ ଔଷଧ; ଦୀର୍ଘକାଳୀନ ରୋଗ ନିବାରଣ ଏବଂ ପରିଚାଳନା; ସାର୍ବଜନୀନ ସ୍ୱାସ୍ଥ୍ୟ ପଦକ୍ଷେପ; ଡାକ୍ତରୀ ଛାତ୍ରଛାତ୍ରୀଙ୍କ କ୍ଷମତା ନିର୍ମାଣ ଏବଂ ସ୍ୱାସ୍ଥ୍ୟସେବା ନେତୃତ୍ୱର ମହିଳା ଆଦି ଅନ୍ତର୍ଭୁକ୍ତ ରହିବ। ଆମେରିକୀୟ ଭାରତୀୟ ବଂଶୋଦ୍ଭବ ଚିକିତ୍ସକ ସଂଘ ହେଉଛି ଆମେରିକାର ସବୁଠାରୁ ବଡ଼ ଚିକିତ୍ସକ ସଂଗଠନ ମଧ୍ୟରୁ ଅନ୍ୟତମ। ଏହା ଭାରତୀୟ ଐତିହ୍ୟରୁ ଚିକିତ୍ସକଙ୍କ ସ୍ୱାର୍ଥକୁ ପ୍ରତିନିଧିତ୍ୱ କରି ଚିକିତ୍ସା ଶିକ୍ଷା, ଗବେଷଣା, ସ୍ୱାସ୍ଥ୍ୟସେବା ନୀତି ଏବଂ ବିଶ୍ୱ ସ୍ୱାସ୍ଥ୍ୟ ପଦକ୍ଷେପକୁ ଆଗକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି।

# ସ୍କୋଡା ଅଟୋର ସିଲଭରି ଜୁବୁଲି ବର୍ଷ ଭାରତରେ ଏପର୍ଯ୍ୟନ୍ତର ସବୁଠାରୁ ଅଧିକ ସଫଳ ବର୍ଷ ହୋଇଛି

ମୁମ୍ବାଇ,୪।୧: ସ୍କୋଡା ଅଟୋ ୨୦୨୫ ମସିହାରେ ଭାରତରେ ଏହାର ଯାତ୍ରାର ଏକ ନିର୍ଣ୍ଣାୟକ ବର୍ଷ ପ୍ରତିପାଦିତ ହୋଇଛି। ଦେଶବ୍ୟାପୀ ଏପର୍ଯ୍ୟନ୍ତର ସର୍ବାଧିକ ସେଲ୍ସ ପ୍ରଦର୍ଶନ ସହିତ ଏହାର ୨୫ତମ ବାର୍ଷିକୀ ପାଳନ କରିଛି। ଏହି ବ୍ରାଣ୍ଡ୍ ୨୦୨୫ ମସିହାରେ ୭୨,୬୬୫ ଟି କାର୍ ବିକ୍ରି ସହିତ ବର୍ଷ ପରେ ବର୍ଷ କ୍ରମରେ ୧୦୭% ଅଭିବୃଦ୍ଧି ହାସଲ କରିଛି, ୨୦୨୪ ମସିହାରେ ୩୫,୧୬୬ ଟି ୟୁନିଟ୍ ବିକ୍ରୟ ହୋଇଥିଲା। ଏହି ଅଭୂତପୂର୍ବ ପ୍ରଦର୍ଶନ ୨୦୨୫ ମସିହାକୁ ସ୍କୋଡା ଅଟୋ ଇଣ୍ଡିଆର ଏପର୍ଯ୍ୟନ୍ତର ବୃହତ୍ତମ ସଫଳତା ହାସଲ ହୋଇଥିବା ବର୍ଷ ଭାବରେ ପ୍ରତିପାଦିତ କରିଛି, ବିଭିନ୍ନ ଉତ୍ପାଦ, ମାର୍କେଟ ଏବଂ ଗ୍ରାହକ ସ୍ପର୍ଶବିନ୍ଦୁ ବ୍ୟାପୀ ତୀବ୍ର ଉତ୍ସାହ ପ୍ରତିଫଳିତ ହୋଇଛି। ଏହି ସଫଳତା ବର୍ଷ ଅବସରରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ଡାଇରେକ୍ଟର ଆଶିଷ ଗୁପ୍ତା କହିଛନ୍ତି "୨୦୨୫ ମସିହା ଆମ ପାଇଁ ସବୁବେଳେ ସ୍ମରଣୀୟ ହୋଇ ରହିବ। ଏହା ଭାରତରେ ଆମର ୨୫ତମ ବର୍ଷକୁ ସୂଚିତ କରୁଛି ଏବଂ ଆମେ ଏ ବର୍ଷ ସବୁଠାରୁ ଅଧିକ ପରିବର୍ଦ୍ଧିତ ଏବଂ ବିବିଧ ପ୍ରଡକ୍ଟ ପୋର୍ଟଫୋଲିଓ ଦେଖିଛୁ ଏବଂ ଏବେ ଆମେ ନେଟୱର୍କ ଏବଂ ମାର୍କେଟ ଉପସ୍ଥିତ ଦୃଷ୍ଟିରୁ ସର୍ବୋଚ୍ଚ ରେକର୍ଡ ସଫଳତା ହାସଲ କରିଛୁ। ଏସବୁ ସହିତ, ଆମ ଗ୍ରାହକମାନେ ଆମ ପ୍ରତି ପ୍ରଦର୍ଶନ କରିଥିବା ଆସ୍ଥା ଓ ଭଲ ପାଇବା ମିଳିତ ଭାବରେ ଆମ୍ଭମାନଙ୍କୁ




ଭାରତରେ ଆମର ଏପର୍ଯ୍ୟନ୍ତର ବୃହତ୍ତମ ବର୍ଷ ଆଡ଼କୁ ଆଗେଇ ନେଇଛି। କାଇଲାକ୍ର ଅଭୂତପୂର୍ବ ପ୍ରତିକ୍ରିୟା, କୋଡିଆକ୍ ପାଇଁ କ୍ରମାଗତ ପ୍ରଶଂସା ଏବଂ ଅକ୍ଟାଭିଆ ଜଝ ପ୍ରତ୍ୟାବର୍ତ୍ତନ ପାଇଁ ସୌଖିନ ଲୋକଙ୍କର ଉତ୍ସାହ ଏହି ବ୍ରାଣ୍ଡ ସହିତ ଗ୍ରାହକମାନଙ୍କର ଦୃଢ଼ ଭାବନାତ୍ମକ ସଂଯୋଗକୁ ପ୍ରତିପାଦିତ କରିଛି। ଏହା ସହିତ, ଏହି କାର୍ ଯାହାକି ଭାରତରେ ଆମର ୨.୦ ଯାତ୍ରା ଆରମ୍ଭ କରିଛି, କୁଶକ ଏବଂ ସାଲଭିଆର ଚାହିଦା ମଧ୍ୟ ପୂର୍ବପରି ଜାରି ରହିଥିବାର ଦେଖିବାକୁ ମିଳିଛି। ଆମେ ୨୦୨୬ରେ ପାଦ ଦେବା ସହିତ, ଆମ୍ଭେମାନେ ଏହି ଅଗ୍ରଗତିକୁ ନବୀକରଣ ହୋଇଥିବା ପ୍ରଡକ୍ଟ ଅଫେନସିଭ୍, ସାର୍ପର ସେଲ୍ସ ବା ଅଧିକ ବିକ୍ରୟ ଏବଂ ସେଲ୍ସ ପରବର୍ତୀ ପ୍ରୟାସଗୁଡ଼ିକ ସହିତ ଆଗେଇ ନେବାକୁ ଆଶା କରୁଛୁ ଏବଂ ଏପରିକି ଆମର ଗ୍ରାହକଙ୍କ ନିକଟତର ହେବା ଓ ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ସମ୍ପ୍ରସାରିତ କରିବା ପାଇଁ ଅଧିକ ଦୃଢ଼ ଭାବରେ ଧ୍ୟାନ ଦେଉଛୁ।"

# ଅଭିପ୍ସା ଇଂଟରନ୍ୟାସନାଲ ସ୍କୁଲର ବନ ବିହାର

କଟକ, ୪।୧(ନି.ପ୍ର) : ସ୍ଥାନୀୟ ନେତାଜୀନଗରସ୍ଥିତ ଅଭିପ୍ସା ଇଂଟରନ୍ୟାସନାଲ ସ୍କୁଲ ପକ୍ଷରୁ ପ୍ରତ୍ୟେକ ବର୍ଷପରି ଚଳିତ ବର୍ଷ ମଧ୍ୟ ଏକ ବନ ବିହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ସମସ୍ତ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଆଜି (ଶନିବାର) ଏହି ବନ ବିହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍କୁଲର ଚେୟାରମ୍ୟାନ ସୁପ୍ରଭା ସାହୁଙ୍କ ତତ୍ତ୍ୱାବଧାନରେ ଏବଂ ପ୍ରିନ୍ସିପାଲ ଡ. ପଦ୍ମନାଭ ରଥଙ୍କ ନେତୃତ୍ୱରେ ପ୍ରଥମେ ଜୟଦେବ ବାଟିକାକୁ ଭ୍ରମଣରେ ବାହାରିଥିଲେ। ସେଠାକାର ପରିବେଶ ଭିତରେ ଛାତ୍ରଛାତ୍ରୀ ମାନେ ଆମୋଦ ପ୍ରମୋଦ କରିବା ସହ ବିଭିନ୍ନ ପ୍ରକାରର ନାଚ-ଗୀତ କାର୍ଯ୍ୟକ୍ରମ ପ୍ରତିଯୋଗୀତାର ମଜା ଉଠାଇଥିଲେ। ପରେ ଆଂଚଳିକ ରାଜ୍ୟ ସଂଗ୍ରାହାଳୟ ଏବଂ ପଠାଣି ସାମନ୍ତ ପ୍ଲାନିଟୋରୀୟମ ବୁଲିବାକୁ ଯାଇଥିଲେ।



ବୁଲିବା ସମୟରେ ଉପସ୍ଥିତ ଶିକ୍ଷକ ମାନଙ୍କ ଠାରୁ ଛାତ୍ରଛାତ୍ରୀ ମାନେ ବହୁତ କିଛି ଜ୍ଞାନ ଆହରଣ କରିଥିଲେ। ବିଶେଷକରି ପାହାଡ ପର୍ବତର ଅବସ୍ଥିତି, ପୁରାତନ ଯୁଗରେ ବ୍ୟବହୃତ ସାମଗ୍ରୀ, ରାଜା ମହାରାଜାଙ୍କ ଚଳନି, ଟଙ୍କା ପଇସାର ଭିନ୍ନତା, ଲୋକକଳା, କାରୁକାର୍ଯ୍ୟ ଓ ବିଭିନ୍ନ ଜୀବଜନ୍ତୁଙ୍କ ସମ୍ପର୍କରେ ଅବଗତ ହୋଇଥିଲେ। ଏହି ବଣଭୋଜି କାର୍ଯ୍ୟକ୍ରମଟି ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମକର୍ତାଙ୍କ ସହଯୋଗରେ ପରିଚାଳିତ ହୋଇଥିଲା।



# କ୍ୟାଣ୍ଟର-ଭ୍ୟାନ ମୁହାଁମୁହିଁ ଧକ୍କା ; ୩୧ ଆହତ,୫ ଗୁରୁତର

## ଆହତଙ୍କୁ ଭେଟିଲେ ମନ୍ତ୍ରୀ, ବିଧାୟକ





କୁକୁଡାଖଣ୍ଡି,୪।୧(ନି.ପ୍ର) : ଦିଗପହଣ୍ଡି - ଚିକିଟି ମୁଖ୍ୟରାସ୍ତା କଇଠଡା ପଞ୍ଚାୟତ ଝାଟିପିଟିଆ ଗ୍ରାମ ନିକଟରେ ରବିବାର ପୂର୍ବାହ୍ନରେ ଏକ ଯାତ୍ରୀବାହୀ କ୍ୟାଣ୍ଟର ସହ ପିକ୍‌ଅପ୍ ଭ୍ୟାନ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଶକ୍ତ ଥିଲା ଯେ ଭ୍ୟାନ ଟି ରାସ୍ତାକଡ ରେ ଓଲଟି ପଡ଼ିଥିଲା। କ୍ୟାଣ୍ଟରର ସମ୍ମୁଖ ଭାଗ ଚୂରମାର ହୋଇଯାଇଥିଲା। ଭ୍ୟାନ ଚାଳକ ସମେତ ଯାତ୍ରୀବାହୀ କ୍ୟାଣ୍ଟରରେ ଥିବା ୩୧ ଜଣ ଯାତ୍ରୀ ଆହତ ହୋଇଥିଲେ। ହୋଇଛନ୍ତି । କ୍ୟାଣ୍ଟର ନଂ. ( ଓଆର୦୭ଜେ ୩୩୩୮)ଟି ୩୧ ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଚିକିଟି ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଭ୍ୟାନ ନଂ. ( ଓଡି୧୭ ଏଏଫ୍- ୮୨୦୭) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଦିଗପହଣ୍ଡି ଅଗ୍ନିଶମ ବାହିନୀ ଓ ପୁଲିସ ଟିମ୍ ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତ ଆହତଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଓ ବମକୋଇ ମେଡିକାଲରେ ଭର୍ତ୍ତି କରିଥିଲେ । ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୮ ଡାକ୍ତର ନିଯୁକ୍ତ ଥିବା ସତ୍ତ୍ୱେ କେବଳ ଦନ୍ତ ଚିକିତ୍ସକ ଡ଼ା.ଅଜିତ କୁମାର ରଥ ଉପସ୍ଥିତ ଥିବାରୁ ଦିଗପହଣ୍ଡି ଏନଏସି ଉପାଧ୍ୟକ୍ଷା ପ୍ରତିନିଧି କେ. କୁନା ପ୍ରମୁଖ ବହୁ ସଂଖ୍ୟକ ସହରବାସୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ପାଟିତୁଣ୍ଡ କରିଥିଲେ। ଆହତ ମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ୫ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା କୁ ସ୍ଥାନାନ୍ତର କରାଯାଇଥିଲା। ଖବରପାଇ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା,ବିଧାୟକ ଡ଼. ସିଦ୍ଧାନ୍ତ ମହାପାତ୍ର,ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ,ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର ବଡ଼ ଡାକ୍ତରଖାନା ରେ ପହଞ୍ଚି ଚିକିତ୍ସାଧୀନ ଆହତ ମାନଙ୍କୁ ଭେଟି ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।ଜିଲାପାଳ ଗୁରୁତର ଆହତ ମାନଙ୍କୁ ୩୦ ହଜାର ଏବଂ ଅନ୍ୟ ଆହତ ମାନଙ୍କୁ ୨୦ ହଜାର ଟଙ୍କା ରେଡକ୍ରସ ପାଣ୍ଠି ରୁ ଅନୁକମ୍ପା ମୂଳକ ଚିକିତ୍ସା ସହାୟତା ଦିଆଯିବ ବୋଲି ଘୋଷଣା କରିଥିବା ଜଣାପଡିଛି । ଦିଗପହଣ୍ଡି ପୁଲିସ ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡିକୁ ଜବତ କରି ତଦନ୍ତ ଚଳାଇଥିବା ଜଣାପଡିଛି ।

# ଅମାନିଆ ଓ ବେପରୁଆଙ୍କୁ ସାବାଡ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ



ବ୍ରହ୍ମପୁର,୪।୧(ନି.ପ୍ର): ଦିଗପହଣ୍ଡି ରୋଡ଼ ଠାରେ ଆଜି ସକାଳ ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ହୋଇଥିଲା । ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଏମ.କେ.ସି.ଜି. ମେଡିକାଲରେ ଚିକିତ୍ସା ହେଉଥିବା ସମସ୍ତ ଯାତ୍ରୀ ମାନଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟ କଥା ପଚାରି ବୁଝିଛନ୍ତି ଓଡ଼ିଶା ସରକାରଙ୍କ ମାନ୍ୟବର ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା । ଏହାସହ ସେ ସମସ୍ତଙ୍କ ଚିକିତ୍ସା ଠିକ୍ ସେ କରିବାକୁ ମେଡ଼ିକାଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ସହ ଉକ୍ତ ଘଟଣାର ଦୁଃଖ ପ୍ରକାଶ କରିଥିଲେ । ଏବଂ ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ବ୍ୟକ୍ତି ମାନଙ୍କୁ ସରକାରଙ୍କ ତରଫରୁ ୩୦ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଥିବା କହିଛନ୍ତି । ତେବେ ଏହି ଘଟଣାରେ ଯେଉଁ ଗାଡ଼ି ଚାଳକଟି ଦୃତ ଗତିରେ ଗାଡି ଚଳାଇବା ସହ ଅମାନିଆ ଓ ବେପରୁଆ ମନୋଭାବ ନେଇ ବେନିୟମ କାର୍ଯ୍ୟ କରିଛି ତନ୍ମାକୁ ବାଡ କରିବାକୁ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କୁ ଘଟଣାର ଅନୁଧ୍ୟାନ କରି ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସେ ଏହିଭଳି ମନୋଭାବ ରଖି ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କୁ ସତର୍କ ସୂଚନା ଦେଇଛନ୍ତି ଯେ, ଦୃତଗତି ନିଜ ପାଇଁ ଓ ଅନ୍ୟ ମାନଙ୍କ ପାଇଁ ବିପତ୍ତିର କାରଣ ଅଟେ । ତେଣୁ କେବେ କାହାର ମୃତ୍ୟୁର କାରଣ ନା ସାଜି, ସଚେତନ ହୋଇ ଗାଡ଼ି ଚଳାଚଳ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଗସ୍ତରେ ଗଞ୍ଜାମ ଜିଲ୍ଲାପାଳ, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ, ବ୍ରହ୍ମପୁର ଉପ ଜିଲ୍ଲାପାଳ, ବଡ଼ ମେଡ଼ିକାଲ ଅଧିକାରୀ, ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଧନେଶ୍ୱରୀ ମନ୍ଦିରର ବାର୍ଷିକ ଉତ୍ସବ



ପିପିଲି,୪।୧ (ନି.ପ୍ର) : ପିପିଲି ପୌରାଂଚଳର ନରସିଂହପୁରସ୍ଥିତ ମା' ଧନେଶ୍ୱରୀ ଦେବୀ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମନ୍ଦିର ପରିଚାଳନା କମିଟିର ସଭାପତି ଅଇଁଠୁ ସେଠୀ, ସଂପାଦକ ଭୃଗୁରାମ ସିଂ, ଉପଦେଷ୍ଟା କୃଷ୍ଣଚନ୍ଦ୍ର ସିଂ ପ୍ରମୁଖଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ,ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ, ଏନଏସିର ଅଧ୍ୟକ୍ଷ ସେକ ବାବୁ, ଉପାଧ୍ୟକ୍ଷ ଭାଗ୍ୟବତୀ ମହାରଣା, ଜିଲ୍ଲା ପରିଷଦ ସଦସ୍ୟ ଧରଣୀଧର ସାହୁ ,ସାଂସଦ ପ୍ରତିନିଧି ସୁକାନ୍ତ ଭଟ୍ଟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବିଧାୟକ ଶ୍ରୀ ପଟ୍ଟନାୟକ ଆବଶ୍ୟକ ଥିବା ମନ୍ଦିରର ଅନ୍ୟାନ୍ୟ ବିକାଶ ମୂଳକ କାର୍ଯ୍ୟ ସଂପର୍କରେ ଅବଗତ ହେବା ସହ ଅଂଚଳବାସୀଙ୍କ ସହ ଆଲୋଚନା କରି ନୂତନ ଗୃହ ନିର୍ମାଣ ନେଇ ପ୍ରତିଶୃତି ଦେଇଥିଲେ । ଏହି ଅବସରରେ ଅଂଚଳର ବରିଷ୍ଠ ସାମ୍ବାଦିକ ରାଜକିଶୋର ସ୍ୱାଇଁ, ଚନ୍ଦ୍ରମାଧବ ମିଶ୍ର, ହେମନ୍ତ ସେଠୀ ଏବଂ ସାମାଜିକ କର୍ମୀ ସୁରେଶ ରଥ ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ବାର୍ଷିକ ଉତ୍ସବ ପାଳନ ଅବସରରେ ମନ୍ଦିର ପ୍ରାଙ୍ଗଣରେ ନାମ ସଂକୀର୍ତ୍ତନ ଓ ସଂଧ୍ୟାରେ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ସମାଜସେବୀ ରବି ନାରାୟଣ ସଦସ୍ୟା, ସରୋଜ ବାରିକ, ଅରକ୍ଷିତ ସିଂ, ପ୍ରତାପ ସିଂ, କାର୍ତ୍ତିକ ସିଂ, ସରୋଜ ସେଠୀ ପ୍ରମୁଖ ଶୃଙ୍ଖଳିତ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମନ୍ଦିର ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ଏବଂ ନରସିଂହପୁର ଗ୍ରାମବାସୀ ସହଯୋଗ କରିଥିଲେ ।

# ମୋକିମ ଫାଉଣ୍ଡେସନ ପକ୍ଷରୁ ମେଗା ସ୍ପୋର୍ଟସ କାର୍ନିଭାଲ ଉଦଘାଟିତ



କଟକ,୪।୧ (ନି.ପ୍ର) : କଟକ ସହରର କ୍ରୀଡ଼ା ପ୍ରତିଭାଙ୍କୁ ଉତ୍ସାହିତ କରିବା ଏବଂ ସେମାନଙ୍କ ପାଇଁ ଏକ ଉପଯୁକ୍ତ ମଞ୍ଚ ପ୍ରସ୍ତୁତ କରିବା ଲକ୍ଷ୍ୟରେ ମୋକିମଫାଉଣ୍ଡେସନ ପକ୍ଷରୁ ଆୟୋଜିତ 'ମେଗାସ୍ପୋର୍ଟସକାର୍ନିଭାଲ' ଆଜି ବିଧିବଦ୍ଧ ଭାବେ ଉଦଘାଟିତ ହୋଇଯାଇଛି । ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କ୍ରୀଡ଼ା ମହୋତ୍ସବର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ଉପର ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ହେଉଥିବା 'ମୋକିମଫାଉଣ୍ଡେସନପ୍ରୀମିୟର ଲିଗ୍' କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ମଧ୍ୟ ସେ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସୂଚନାଯୋଗ୍ୟ ଯେ, କଟକ ସହରର ବିଭିନ୍ନ ସାହି ଓ ବସ୍ତି ଅଞ୍ଚଳର କ୍ଲବ୍ମାନଙ୍କୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି । ଏଥିରେ ସହରର ପ୍ରାୟ ୬୪ଟି ଦଳ ଭାଗ ନେଉଥିବା ବେଳେ ଏହା ସ୍ଥାନୀୟ ଯୁବଗୋଷ୍ଠୀଙ୍କ ମଧ୍ୟରେ ବେଶ ଉତ୍ସାହ ସୃଷ୍ଟି କରିଛି ।କେବଳ କ୍ରିକେଟ ନୁହେଁ, ବରଂ ଏହି କାର୍ନିଭାଲରେଟାଇକୋଣ୍ଡୋ, ଯୋଗ ଏବଂ ବକ୍ସିଂ ଭଳି ବିଭିନ୍ନ ଇନ୍ଦୋର କ୍ରୀଡ଼ାକୁ ମଧ୍ୟ ସାମିଲ କରାଯାଇଛି । ଆସନ୍ତା ଜାନୁୟାରୀ ୧୪ ତାରିଖରେ କଟକ ଇଣ୍ଡୋର ଷ୍ଟାଡିୟମଠାରେ ଏହି ମହୋତ୍ସବର ଉଦଯାପନୀ କାର୍ଯ୍ୟକ୍ରମ ଏବଂ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହେବ ।ଆଜିର ଏହି ଉଦଘାଟନୀ ଉତ୍ସବରେ ଅନ୍ୟତମ ଅତିଥି ଭାବେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, କର୍ପୋରେଟରଲିଜା ରାଣୀ ରାଉତ, ସେଖ ବଜାର ପୂଜା କମିଟି ସମ୍ପାଦକ କିଶୋର ବେହେରା ଏବଂ ସୁଦିପ୍ତା ନନ୍ଦ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବ୍ୟବସାୟୀଙ୍କୁ ଆକ୍ରମଣ ,ସୁନାଚେନ୍ ଓ ନଗଦ ଟଙ୍କା ଲୁଟ୍ ଅଭିଯୋଗ

ବଲଙ୍ଗା,୪।୧ (ଯୁବମୋର୍ଚ୍ଚା ବ୍ୟୁରୋ) : ପୂର୍ବ ଆକ୍ରୋଶକୁ କେନ୍ଦ୍ରକରି ଶନିବାର ରାତ୍ରୀରେ ବଲଙ୍ଗା ବଜାରରେ ଜଣେ ବ୍ୟବସାୟୀଙ୍କ ଉପରେ ଗୁରୁତର ଆକ୍ରମଣ କରି ଆକ୍ରମଣକାରୀମାନେ ନଗଦ ଟଙ୍କା ଓ ମୋବାଇଲ ଫୋନ ଲୁଟିକରି ନେଇଥିବା ନେଇ ବଲଙ୍ଗା ଥାନାରେ ଲିଖିତ ଅଭିଯୋଗ ପରେ ଘଟଣାର ସତ୍ୟାସତ୍ୟ ନିରୁପଣ ନିମନ୍ତେ ବଲଙ୍ଗା ପୋଲିସ ତଦନ୍ତ ଆରମ୍ଭ କରିଛି । ବଲଙ୍ଗା ହାଇସ୍କୁଲ୍ ପାଖର ଜଣେ ସିମେଣ୍ଟ ବ୍ୟବସାୟୀ ତ୍ରିଲୋଚନ ପଣ୍ଡା ମଙ୍ଗଳବାର ରାତିରେ ଟଙ୍କା ଆଦାୟ କରି ଫେରୁଥିବା ବେଳେ ପୂର୍ବ ଯୋଜନା ମୁତାପକ ଦୋକାନ ଠାରୁ ଅଳ୍ପ ଦୂରରେ ଆକ୍ରମଣ କରିମାନେ ଜଗିରହିଥିଲେ । ତ୍ରିଲୋଚନ ସେହି ସ୍ଥାନରେ ପହଞ୍ଚିବା କ୍ଷଣି ଆକ୍ରମଣକାରୀମାନେ ତାଙ୍କୁ ଅଟକାଇଥିଲେ । ସେ ଗାଡିରଖି ରହି ଯିବାରୁ ଅଶ୍ଳୀଳ ଗାଳିଗୁଲଜ ପୂର୍ବକ ତୋ ବୋପା ଆମ ମାନଙ୍କ ନାମରେ ବଲଙ୍ଗା ଥାନାରେ କରିଥିବା ଅଭିଯୋଗ ତୁରନ୍ତ ନ ଉଠାଇଲେ । ତେତେ ଜୀବନରେ ମାରିଦେବୁ ଓ ବମ୍ଫିଙ୍କ କରି ତୋ ଦୋକାନ ଉଡାଦେବୁ ବୋଲି ଧମକ ଦେଇ ତାଙ୍କ ପକେଟରେ ଥିବା ୯୦ ହଜାର ଟଙ୍କା ଓ ଏକ ସୁନାଚେନ୍ ଲୁଟି ନେଇଥିବା ତ୍ରିଲୋଚନ ପଣ୍ଡା ପୋଲିସ ନିକଟରେ କରିଥିବା ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି । ଆକ୍ରମଣ ସମୟରେ ସ୍ଥାନୀୟ ଅନ୍ୟ ଜଣେ ପହଞ୍ଚି ଆକ୍ରମଣକାରୀ ମାନଙ୍କୁ ବିରୋଧ କରିବାରୁ ସେମାନେ ସେହି ସ୍ଥାନ ଛାଡି ପଳାଇଥିଲେ । ତେବେ ଯେଉଁ ସ୍ଥାନରେ ଆକ୍ରମଣ ଅଭିଯୋଗ ହୋଇଛି । ସେହି ସ୍ଥାନଟି ଏକ ଜନଗହଳି ପୂର୍ଣ୍ଣ ସ୍ଥାନ ଓ ବଜାରର ମୁଖ୍ୟରାସ୍ତା ହୋଇଥିବା ଦୃଷ୍ଟିରୁ ପୁଲିସ ଘଟଣାର ସତ୍ୟାସତ୍ୟ ଯାଞ୍ଚପାଇଁ ତୁରନ୍ତ ତଦନ୍ତ ଆରମ୍ଭ କରିଛି । ଘଟଣାର ସତ୍ୟାସତ୍ୟ ନିରୁପଣ ପରେ ଦୋଷିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି ।

# ସଂଘ ପକ୍ଷରୁ ବିଶ୍ୱନାଥ ପଣ୍ଡିତଙ୍କ ଜୟନ୍ତୀ ପାଳିତ



କଟକ, ୪।୧ (ନି.ପ୍ର) : ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜବାଦୀ ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର, ଶ୍ରମିକ ନେତା, ପୂର୍ବତନ ବିଧାୟକ ତଥା ଓଡିଶା ମେଡିକାଲ କର୍ମଚାରୀ ସଂଘର ପ୍ରତିଷ୍ଠାତା ସଂଗ୍ରାମୀ ବିଶ୍ୱନାଥ ପଣ୍ଡିତଙ୍କ ୧୦୭ତମ ଜନ୍ମତିଥିରେ ସଂଘର ଉପସଭାପତି ନବଘନ ପରିଡା, ସମ୍ପାଦକ ପ୍ରଶାନ୍ତ କୁମାର ଶତପଥୀ, ପୂର୍ବତନ କୋଷାଧ୍ୟକ୍ଷ ରାମଚନ୍ଦ୍ର ନାୟକ, ସଭ୍ୟ ନନ୍ଦ କିଶୋର ନାୟକ ପ୍ରମୁଖ ଚାନ୍ଦିନୀଚୌକସ୍ଥିତ ବାସଭବନକୁ ଯାଇ ବିଶ୍ୱନାଥ ସ୍ମୃତି ପରିଷଦରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ ।

# ସାମ୍ବାଦିକଙ୍କ ପିତୃ ବିୟୋଗରେ ଶୋକ



ପାରାଦ୍ୱୀପ,୪।୧ (ନି.ପ୍ର) : ପାରାଦ୍ୱୀପରେ କାର୍ଯ୍ୟରତ ନନ୍ଦିଘୋଷ ଟିଭିର ସାମ୍ବାଦିକ ଅରୁଣ କୁମାର ଓଝାଙ୍କ ପିତା ବନମାଳୀ ଓଝା ଙ୍କ ୮୨ ବର୍ଷ ରେ ଦେହାନ୍ତ ହୋଇଯାଇଛି। ଗତ ଅଢ଼େଇ ବର୍ଷ ମଧ୍ୟରେ ତାଙ୍କର ୪ ଥର ବ୍ରେନ୍ ଷ୍ଟୋକ ସହିତ ଗୋଟିଏ ଥର ହାର୍ଟ ଷ୍ଟ୍ରୋକ ମଧ୍ୟ ହୋଇଥିଲା । ଗତ ଦୁଇ ମାସ ତଳେ ତାଙ୍କର ହାର୍ଟ ସର୍ଜରୀ ହୋଇଥିଲେ ସୁଦ୍ଧା ସେ ସୁସ୍ଥ ଥିଲେ। ବନମାଳି ଓଝା ଙ୍କ ଘର ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ବୋରିକିନା ପଞ୍ଚାୟତର ବୋରିକିନା ଗ୍ରାମରେ। ମାତ୍ର ୧୬ ବର୍ଷ ବୟସରୁ ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ସିଏ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସ, ଜନତା ଦଳ ଓ ପରେ ବିଜୁ ଜନତା ଦଳର ପୁରୁଖା ନେତା ଭାବେ ବାଲିକୁଦା ବ୍ଲକ ର ଘରେ ଘରେ ପରିଚିତ ଥିଲେ। ଜଣେ ସ୍ପଷ୍ଟ ବାଦୀ, ମେଳାପି ଓ ପରୋପକାରୀ ବ୍ୟକ୍ତି ଭାବେ ଅଞ୍ଚଳରେ ବେସ୍ ନାଁ କମେଇଥିଲେ । ଗତ ଅଢ଼େଇ ବର୍ଷ ହେଲା ସିଏ ପାରାଦ୍ୱୀପରେ ଏକମାତ୍ର ପୁଅ ଅରୁଣଙ୍କ ନିକଟରେ ରହୁଥିଲେ । ବାପାଙ୍କୁ ପୁଅ ଅରୁଣ ସମସ୍ତ ସେବା ପ୍ରଦାନ କରିବାସହ ଚିକିତ୍ସା ଉପରେ ବେଶ ଗୁରୁତ୍ୱ ଦେଇ ଆସୁଥିଲେ । ରବିବାର ସକାଳ ୮ ଟା ବେଳେ ସେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଅଠରବାଙ୍କି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ମଧ୍ୟ, ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ତାଙ୍କର ଦେହାନ୍ତ ଖବର ଶୁଣି ତୁରନ୍ତ ପାରାଦ୍ୱୀପ ମ୍ୟୁନିସିପାଲଟି ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ସହଯୋଗ ର ହାତ ବଢ଼ାଇ ଥିଲେ । କଥାଟା ବିଜୁଳି ବେଗରେ ବ୍ୟାପି ଯିବାରୁ ଶ୍ରମିକ ନେତା ତଥା ସାମ୍ବାଦିକ ରାକେଶ କୁମାର ପଟ୍ଟନାୟକ ( ରାକା ), ସାମ୍ବାଦିକ ଶଶାଙ୍କ ଶେଖର ଆଚାର୍ଯ୍ୟ, ଭାଗୀରଥି ମଲ୍ଲିକ, ଶୁକଦେବ ଜେନା,ବିବେକାନନ୍ଦ ରାଉତ, ସିଦ୍ଧେଶ୍ୱର ସ୍ୱାଇଁ, ସୁଧାଂଶୁ ନାୟକ, ରତ୍ନାକର ସ୍ୱାଇଁ, ପ୍ରୀତି ରଞ୍ଜନ ମହାପାତ୍ର ଙ୍କ ସମେତ ବହୁ ସାମ୍ବାଦିକ ଶୋକବ୍ୟକ୍ତ କରିବା ସହିତ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ ଦେହକୁ ନିଜ ଗ୍ରାମ ବୋରିକିନା ନିଆଯାଇଥିଲା। ସେଠାରେ ପୂର୍ବତନ ସରପଞ୍ଚ କୃଷ୍ଣ ଚନ୍ଦ୍ର ବରାଳ, ପ୍ରକାଶ ମିଶ୍ର, ପର୍ଶୁରାମ ଶତପଥୀ, ସାଧୁ ଚରଣ ସାହୁ, ସମାଜସେବୀ ଭିମସେନ ମୁଦୁଲି ଙ୍କ ସମେତ ବନ୍ଧୁ ଓ ପରିବାର ସଦସ୍ୟ ଙ୍କ ସହିତ ଶତାଧିକ ଲୋକ ଙ୍କ ଗ୍ରହଣରେ ଗ୍ରାମ ଶ୍ମଶାନ ରେ ସଂସ୍କାର କରାଯାଇଥିଲା। ତାଙ୍କର ଏକମାତ୍ର ପୁତ୍ର ଅରୁଣ କୁମାର ଓଝା ମୁଖାଅଗ୍ନୀ ଦେଇଥିଲେ। ତାଙ୍କର ମୃତ୍ୟୁ ରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଗୀତା ଜ୍ଞାନ ଯଜ୍ଞ




ଭୁବନେଶ୍ୱର,୪।୧ (ନି.ପ୍ର) : ୧୯୯୯ ମସିହାରେ ପଞ୍ଜିକୃତ ପ୍ରଜ୍ଞାନ ମିଶନ ପ୍ରାଚୀନ କ୍ରିୟା ଯୋଗର ପ୍ରଚାର ପ୍ରସାର ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ବିପର୍ଯ୍ୟୟ ପରିଚାଳନା, ଗୋସେବା, ନଦୀ ପୁନଃରୁଦ୍ଧାର,ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଗୀତା ଆବୃତ୍ତି ଓ ଗୀତା ଜ୍ଞାନ ପରୀକ୍ଷା ଏବଂ ସର୍ବୋପରି ମାନବ ସେବାରେ ବ୍ରତୀ। ଭାଗବତ ଗୀତାର ପ୍ରଚାର ପ୍ରସାର ପାଇଁ 'ଗୀତା ଜ୍ଞାନ ଯଜ୍ଞ' ପ୍ରଜ୍ଞାନ ମିଶନର ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଏକ ଅଂଶ ବିଶେଷ। ପ୍ରତ୍ୟେକ ବର୍ଷ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଗୀତା ଜ୍ଞାନ ଯଜ୍ଞ ଅନୁଷ୍ଠିତ ହେଉଛି। ଜାନୁଆରୀ ୦୬ ତାରିଖରୁ ୦୮ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଉତ୍କଳ ମଣ୍ଡପ(ରିଜର୍ଭ ବ୍ୟାଙ୍କ ସାମନା) ଠାରେ 'ଗୀତାଜ୍ଞାନ ଯଜ୍ଞ' ଅନୁଷ୍ଠିତ ହେବ। ଏହି ଗୀତା ଜ୍ଞାନ ଯଜ୍ଞରେ ଗୁରୁଜୀ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ ଶ୍ରୀମଦ ଭଗବତ ଗୀତାର ୪ର୍ଥ ଅଧ୍ୟାୟ ଜ୍ଞାନ କର୍ମ ସନ୍ୟାସ ଯୋଗ ଉପରେ ଆଶୀର୍ବଚନ ପ୍ରଦାନ କରିବେ। ଧାରାବାହିକ ରୂପରେ ଅନୁଷ୍ଠିତ ହେଉଥିବା ଏହି ଗୀତା ଜ୍ଞାନ ଯଜ୍ଞରେ ଗୁରୁଜୀ ଚତୁର୍ଥ ଅଧ୍ୟାୟର ୨୮ତମ ଶ୍ଳୋକରୁ ବ୍ୟାଖ୍ୟାନ ଦେବେ। ପ୍ରତ୍ୟହ ସନ୍ଧ୍ୟା ୫.୩୦ରୁ ୬.୩୦ ପର୍ଯ୍ୟନ୍ତ ଭଜନ କାର୍ଯ୍ୟକ୍ରମ ଓ ସନ୍ଧ୍ୟା ୬.୩୦ରୁ ୮.୩୦ ପର୍ଯ୍ୟନ୍ତ ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୭ ତାରିଖ ସକାଳ ୮ଟା ସମୟରେ ଜୟଦେବ ବିହାର ଛକ ନିକଟସ୍ଥ ସତ୍ୟାନନ୍ଦ ଯୋଗ ବିଦ୍ୟାଳୟରେ କ୍ରିୟା ଯୋଗ ଦୀକ୍ଷା ଆୟୋଜିତ ହେବ। ପ୍ରଜ୍ଞାନ ମିଶନର ବରିଷ୍ଠ ସନ୍ଥ ସ୍ୱାମୀ ଅନିର୍ବାଣାନନ୍ଦ ଗିରି ଲୋହିଆ ଏକାଡେମୀ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସ୍ୱାମୀ ନିର୍ମଳାନନ୍ଦ ଗିରି, ସ୍ୱାମୀ ବିଜ୍ଞାନାନନ୍ଦ ଗିରି , ବ୍ରହ୍ମଚାରୀ ତୃପ୍ତାନନ୍ଦ ଉପସ୍ଥିତ ଥିଲେ। ପ୍ରଜ୍ଞାନ ମିଶନର ସେବାଦଳ ସାମ୍ବାଦିକ ସମ୍ମିଳନୀରେ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲ୍ଲା ଡୁଡ଼ା ପ୍ରକଳ୍ପ ସହରୀ ପକ୍ଷରୁ ପୌର ପରିଷଦ ବିଭିନ୍ନ ଯୋଜନାକୁ ନେଇ ସଚେତନତା ରଥର ଉଦ୍ଘାଟନ



ବଲାଙ୍ଗିର,୪।୧ (ନି.ପ୍ର) : ଡୁଡ଼ା ପ୍ରକଳ୍ପ ସହରୀ ପକ୍ଷ ରୁ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖ ରେ ପୌର ପରିଷଦ ରେ ଅଧୀନ ରେ ଚାଲିଥିବା ବିଭିନ୍ନ ଯୋଜନା ଘର ଘର କୁ ଯାଇ ଯୋଜନା କିପରି ଜନସାଧାରଣ ପାଇବେ ସେହି ଉପରେ ସହଯୋଗ ଭ୍ରାମ୍ୟମାଣ ସହାୟତା କେନ୍ଦ୍ର ରଥ କୁ ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାର ଓ ପୌରା ଧକ୍ଷ। ଲିକା ସାହୁ ଉଦ୍ଘାଟନ କରିଥିଲେ। ଏହି ରଥଟି ବଲାଙ୍ଗିର ପୌର ପରିଷଦ ଅଞ୍ଚଳ ରେ ୯୦ ଦିନ ଘର କୁ ଘର ବୁଲିବ ତାପରେ ଜିଲ୍ଲା ଅନ୍ୟ ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ କୁ ରଥ ଯିବ । ଏହି ଅବସରରେ ଡୁଡ଼ା ପ୍ରକଳ୍ପ ସହରୀ ନିର୍ଦ୍ଦେଶକ ତରଣି ସୁନା, ଉପାଧ୍ୟକ୍ଷା ଗାଇତ୍ରି ଭୋଇ,ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ସାଂସଦ ପ୍ରତିନିଧି ପଙ୍କଜିନୀ ପଣ୍ଡା, ଲୋକସଭା ସାଂସଦ ରାଜ୍ୟ ସଭା ପ୍ରତିନିଧି ମୁନା ଖାଁ, ବଲାଙ୍ଗିର ବିଧାୟକ ପ୍ରତିନିଧି ଦେବବ୍ରତ ବେହେରା ଙ୍କ ସହିତ ସମସ୍ତ କାଉନସିଲର ଓ ଡୁଡା ର କର୍ମଚାରୀ ଉପସ୍ଥିତ ଥିଲେ।

# ପ୍ରଗତି ମଞ୍ଚର ହସ୍ତକ୍ଷେପ ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣକୁ କରୁଛି ତ୍ୱରାନ୍ୱିତ

ଭୁବନେଶ୍ୱର,୪।୧(ନି.ପ୍ର.): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗଠିତ ପ୍ରଗତି ମଞ୍ଚ ଦେଶରେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପଗୁଡିକର ତ୍ୱରିତ ଏବଂ ସମୟୋଚିତ କାର୍ଯ୍ୟକାରିତାରେ ବିଶେଷ ଭାବେ ସହାୟକ ହୋଇଛି । ଏହାର ଏକ ଉଦାହରଣ ଭୁବନେଶ୍ୱର-ଡେଲାଙ୍ଗ-ପୁରୀ ରେଳ ଲାଇନ୍ ଦୋହରୀକରଣ ପ୍ରକଳ୍ପ କ୍ଷେତ୍ରରେ ଦେଖିବାକୁ ମିଳିଥାଏ। ୭୦ କିଲୋମିଟର ଲମ୍ବ ଏହି ପ୍ରକଳ୍ପକୁ ମାର୍ଚ୍ଚ ୨୦୧୨ରେ ମଞ୍ଜୁର କରାଯାଇଥିଲା। ପ୍ରକଳ୍ପ ଲାଗି ରେଳ ମନ୍ତ୍ରଣାଳୟ ୧,୬୫୦ କୋଟି ଟଙ୍କା ମଞ୍ଜୁର କରିଥିଲା। ୨୦୧୫ ଜୁଲାଇ ମାସରେ ପୁରୀରେ ଶ୍ରୀଜିଉଙ୍କ ନବକଳେବର ଉତ୍ସବକୁ ଦୃଷ୍ଟିରେ ରଖି ଏହି ପ୍ରକଳ୍ପକୁ ମଞ୍ଜୁରି ମିଳିଥିଲା। ଏହାର ଉଦ୍ଦେଶ୍ୟ ଥିଲା ଖୋର୍ଦ୍ଧା ଏବଂ ପୁରୀ ଜିଲ୍ଲାରେ ଥିବା ପ୍ରମୁଖ ଧାର୍ମିକ ତଥା ପର୍ଯ୍ୟଟନସ୍ଥଳୀକୁ ସୁବିଧାଜନକ ରେଳ ସଂଯୋଗୀକରଣ ଯୋଗାଇ ଦେବ।ଶ୍ରୀକ୍ଷେତ୍ରରେ ନବକଳେବର ଦେଖିବା ଲାଗି ୫୦ ଲକ୍ଷ ଭକ୍ତଙ୍କ ସମାଗମ ହେବ ବୋଲି ଆଶା କରାଯାଉଥିଲା। ତେଣୁ ଶ୍ରଦ୍ଧାଳୁଙ୍କ ଯାତାୟାତ ପାଇଁ ଏହି ରେଳ ପ୍ରକଳ୍ପକୁ ଧାର୍ଯ୍ୟସମୟସୀମା ମଧ୍ୟରେ ସାରିବା ଜରୁରୀ ହୋଇପଡିଥିଲା।

ଇତିମଧ୍ୟରେ ଭୁବନେଶ୍ୱର-ଡେଲାଙ୍ଗ ସେକ୍ସନ ୪୦ କିଲୋମିଟର ରେଳ ଲାଇନ ଏବଂ ଡେଲାଙ୍ଗ-ସାକ୍ଷୀଗୋପାଳ ସେକ୍ସନ ୧୩ କିଲୋମିଟର ରେଳ ଲାଇନର ଦୋହରୀକରଣ ସରିଥିଲା। କିନ୍ତୁ ୧୭ କିଲୋମିଟର ବିଶିଷ୍ଟ ସାକ୍ଷୀଗୋପାଳ-ପୁରୀ ସେକ୍ସନ କାମ ସରିବାରେ ବିଳମ୍ବ ହୋଇଥିଲା। ଠିକ୍ ସମୟରେ ଏହି କାମକୁ ସାରିବା ସହିତ ସମ୍ପୂର୍ଣ୍ଣ ଭୁବନେଶ୍ୱର-ଡେଲାଙ୍ଗ-ପୁରୀ ରେଳ ଲାଇନ୍‌କୁ ନବକଳେବର ପୂର୍ବରୁ କାର୍ଯ୍ୟକ୍ଷମ କରିବାଏକ ବଡ ଆହ୍ୱାନ ଥିଲା। ନିର୍ମାଣ କାମକୁ ଗତିଶୀଳ କରିବା ଏବଂ ସବୁ ବିଳମ୍ବିତ କାର୍ଯ୍ୟକୁ ଯଥାଶୀଘ୍ର ସାରିବା ଜରୁରି ହୋଇପଡିଥିଲା। ଏହି ପ୍ରକଳ୍ପର ଗୁରୁତ୍ୱକୁ ଉପଲବ୍ଧି କରି ୨୪ ଜୁନ୍ ୨୦୧୫ରେ ଅନୁଷ୍ଠିତ ପ୍ରଗତି ବୈଠକରେ ଏହାର ସମୀକ୍ଷା କରାଯାଇଥିଲା। ସମୀକ୍ଷା ସମୟରେ, ନବକଳେବର ମହୋତ୍ସବ ପାଇଁ ଏହି ପ୍ରକଳ୍ପ ଜରୁରି ହୋଇଥିବାରୁ ରେଳ ମନ୍ତ୍ରଣାଳୟ ଯଥାଶୀଘ୍ର ସବୁ କାମ ସାରିବାକୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ପ୍ରକଳ୍ପକୁ ସର୍ବୋଚ୍ଚ ପ୍ରାଥମିକତା ମାନ୍ୟତା ମିଳିଥିଲା। କାର୍ଯ୍ୟକାରୀ ସଂସ୍ଥା ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ କରିବା ପ୍ରୟାସକୁବ୍ୟାପକ କରିଥିଲା। ବିଭାଗୀୟ ସମନ୍ୱୟକୁ ସୁଦୃଢ଼ କରାଯାଇ ଯଥାଶୀଘ୍ର ସବୁ କାମସାରିବାକୁ ପଦକ୍ଷେପ ନିଆଯାଇଥିଲା।

**ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଯୁଦ୍ଧକାଳନୀ ଭିତ୍ତିରେ ସମ୍ପୂର୍ଣ୍ଣ ହୋଇଥିଲା ଭୁବନେଶ୍ୱର-ଡେଲାଙ୍ଗ-ପୁରୀ ରେଳ ଲାଇନ୍**

ଅନ୍ୟପକ୍ଷରେ ପ୍ରଗତି ସମ୍ପୂର୍ଣ୍ଣ ସରକାରୀ ଆଭିମୁଖ୍ୟ ନେଇ ନବକଳେବର ମହୋତ୍ସବକୁ ସଫଳ କରିବା ଉପରେ ଗୁରୁତ୍ୱାରୋପ କରିଥିଲା। ସୁରକ୍ଷା, ପାନୀୟ ଜଳ ଯୋଗାଣ ଏବଂ ସ୍ୱଚ୍ଛତା ଉପରେ ପ୍ରାଥମିକତା ଦେବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଆଯାଇଥିଲା। ବହୁ ସଂଖ୍ୟାରେ ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ରେଳ ଭିତ୍ତିଭୂମି ମଧ୍ୟ ପ୍ରସ୍ତୁତ କରାଯାଇଥିଲା। ଏହି ବିଶାଳ ଧାର୍ମିକ ମହୋତ୍ସବର ଜାତୀୟ ପ୍ରଭାବକୁ ସ୍ୱୀକାର କରି ପ୍ରଗତି ମଞ୍ଚ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ବ୍ୟତୀତ ଜ୍ଞାନ ବିନିମୟ ଏବଂ ସଂସ୍ଥାଗତ ଶିକ୍ଷା ଲାଭ ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲା। ଆଗକୁ ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶରେ କୁମ୍ଭ ମେଳା ଆୟୋଜନ ହେବାକୁ ଥିବାରୁ ନବକଳେବର ପ୍ରସ୍ତୁତି ଅନୁଧ୍ୟାନ ଲାଗି ପୁରୀରେ ଦଳ ନିୟୋଜିତ କରିବା ଲାଗି ପରାମର୍ଶ ଦିଆଯାଇଥିଲା। ଏହି ଦୂରଦୃଷ୍ଟିପୂର୍ଣ୍ଣ ମାର୍ଗଦର୍ଶନ ଓଡିଶାର ପ୍ରୟାସକୁ ଅନ୍ୟ ରାଜ୍ୟଗୁଡିକ ପାଇଁ ଏକ କାର୍ଯ୍ୟକାରିତାଯୋଗ୍ୟ ଉଦାହରଣ ରୂପେ ଗ୍ରହଣ କରିବା ଲାଗି ମାର୍ଗପ୍ରଶସ୍ତ କରିଥିଲା। ଅନ୍ୟ ରାଜ୍ୟଗୁଡିକ ଓଡିଶାର ଶ୍ରେଷ୍ଠ ପ୍ରୟାସରୁ ଶିକ୍ଷା ଲାଭ କରିଥିଲେ ଏବଂ ଏହା ଏକ ବିଶାଳ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନରେ ଆନ୍ତଃରାଜ୍ୟ ସମନ୍ୱୟରେ ମଧ୍ୟ ସୁଧାର ଆଣିଥିଲା।

ଭୁବନେଶ୍ୱର-ଡେଲାଙ୍ଗ-ପୁରୀ ରେଳ ଲାଇନ୍ ନବକଳେବର ୨୦୧୫ ସମୟରେ ୫୦ରୁ ୬୦ ଲକ୍ଷ ଯାତ୍ରୀଙ୍କ ଯାତାୟାତ ପାଇଁ ସୁବିଧା ଯୋଗାଇ ଦେଇଥିଲା। ଏହି କରିଡର ସିଙ୍ଗଲ ଲାଇନରୁ ଡବଲ୍ ଲାଇନ୍ ହେବା ଫଳରେ ଏହି ମାର୍ଗରେ ଟ୍ରେନ୍ ଏବଂ ଯାତ୍ରୀଙ୍କ କ୍ଷମତା ପ୍ରାୟ ୨ରୁ ୩ ଗୁଣ ବୃଦ୍ଧି ପାଇଥିଲା। ଅଧିକ ଭିଡ ସମୟରେ ୧୦ରୁ ୧୫ ମିନିଟ୍ ବ୍ୟବଧାନରେ ଟ୍ରେନ୍ ଚଳାଚଳ କରିଥିଲା। ବର୍ଦ୍ଧିତ କ୍ଷମତା କାରଣରୁ ଭାରତୀୟ ରେଳବାଇ ନୈନିକ ଲକ୍ଷାଧିକ ଯାତ୍ରୀଙ୍କ ପରିବହନ କରିବାକୁ ସକ୍ଷମ ହୋଇଥିଲା। କେବଳ ସେତିକି ନୁହେଁ ଏହି ରେଳ ପ୍ରକଳ୍ପ ସ୍ଥାନୀୟ ଅଞ୍ଚଳର ସାମାଜିକଆର୍ଥିକ ଲାଭ ସହିତ ଜନକଲ୍ୟାଣରେ ମଧ୍ୟ ସହାୟକ ହୋଇଥିଲା। ଭାରତର ଏକ ପ୍ରମୁଖ ତୀର୍ଥସ୍ଥଳକୁ ଅଧିକ ସଂଖ୍ୟାରେ ତୀର୍ଥଯାତ୍ରୀଙ୍କ ଯାତ୍ରା ସୁଗମ ହୋଇଥିଲା। ପାର୍ବଣ ଆବଶ୍ୟକତା ବ୍ୟତୀତ ଏହି ପ୍ରକଳ୍ପ ଦୀର୍ଘକାଳୀନ ଆଞ୍ଚଳିକ ଯୋଗାଯୋଗ, ପର୍ଯ୍ୟଟନ ଅଭିବୃଦ୍ଧି ଏବଂ ଆର୍ଥିକ କାର୍ଯ୍ୟକଳାପ କ୍ଷେତ୍ରରେ ମଧ୍ୟ ଯୋଗଦାନ ଦେଇଥିଲା।

## ନବରଙ୍ଗପୁରଠାରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ୨୦୨୬ ଉଦଘାଟିତ

ନବରଙ୍ଗପୁର,୪।୧ : ଜିଲ୍ଲାର ମତ୍ସ୍ୟ ଓ ପ୍ରାଣୀସମ୍ପଦ କ୍ଷେତ୍ରରେ ସମଗ୍ର ବିକାଶ ,ଚାଷୀ ଓ ପ୍ରାଣୀପାଳକ ମାନଙ୍କ ଆୟବୃଦ୍ଧି ଏବଂ ସ୍ୱୟଂ ରୋଜଗାର ସୃଷ୍ଟି ଉଦ୍ଦେଶ୍ୟରେ ସ୍ଥାନୀୟ ଆର୍ ସି ଡି ହାଇସ୍କୁଲ ପଡିଆ ଠାରେ ଜିଲ୍ଲା ପ୍ରଶାସନ ଓ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ର ମିଳିତ ଆନୁକୁଲ୍ୟରେ ଦୁଇ ଦିନିଆ ୪/୧ ଓ ୫/୧ ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୬ ଆୟୋଜିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଶ୍ୱଜିତ୍ ବର୍ମନ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମେଳା ରେ ମୁଖ୍ୟ ଅତିଥି ରୂପେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।ମଞ୍ଚରେ ସମ୍ମାନୀତ ଅତିଥି ରୂପେ ଡାବୁ ଗାଁ ବିଧାୟକ ମନୋହର ରନ୍ଧାରୀ,ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଝରି ଗାଁ ବିଧାୟକ ନରସିଂହ ଭତରା,ନବରଙ୍ଗପୁର ପୌରାଧ୍ୟକ୍ଷ କୁନୁ ନାୟକ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର,ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ରାଧେଶ୍ୟାମ ଲାଇକ,ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଷ୍ଣୁ ଚରଣ କିଶାନ ପ୍ରମୁଖ ଯୋଗ ଦେଇଥିଲେ ।ପ୍ରଥମେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ବର୍ମନ ସମସ୍ତଙ୍କୁ ସ୍ୱାଗତ କରିଥିଲେ ।ଗ୍ରାମାଂଚଳ ର ବେକାର ଯୁବକ ଯୁବତୀ ନିଜ ଅଞ୍ଚଳରେ ରହି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ର ବିଭିନ୍ନ ଯୋଜନା ମୁଖ୍ୟମନ୍ତ୍ରୀ କୃଷି ଉଦ୍‌ଯୋଗ ଯୋଜନା, ମୁଖ୍ୟମନ୍ତ୍ରୀ ମତ୍ସ୍ୟଜିବୀ କଲ୍ୟାଣ ଯୋଜନା,ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା,ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଭଳି ଯୋଜନାର ଉପଯୋଗ କରି ଆର୍ଥିକ ଅଭିବୃଦ୍ଧି ସହ ସ୍ୱାବଲମ୍ବୀ ହୋଇପାରିବେ ଏବଂ ରାଜ୍ୟର ଆର୍ଥିକ ବିକାଶ ରେ ସହାୟକ ହେବେ ତାହା ଏହି ମେଳାର ଉଦ୍ଦେଶ୍ୟ।

ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ଜିଲ୍ଲାର ଉପସ୍ଥିତ ଚାଷୀଙ୍କୁ ସ୍ୱାଗତ ଜଣାଇ ମତ୍ସ୍ୟ ଓ ପ୍ରାଣୀସମ୍ପଦ ର ବିଭିନ୍ନ ଯୋଜନାରେ ସାମିଲ ହୋଇ କେବଳ ଧାନ,ମକା,ତୈଳବୀଜ ଚାଷ ନ କରି ଏହା ସହିତ ଗୋପାଳନ,ମତ୍ସ୍ୟ ଚାଷ,ଛେଳି ,ଘୁଷୁରୀ ଓ କୁକୁଡ଼ା ପାଳନ କରି ନିଜ ର ଆର୍ଥିକ ଅଭିବୃଦ୍ଧି କରିବାକୁ ଆହ୍ୱାନ କଲେ ।ସମ୍ମାନୀତ ଅତିଥି ଗଣ ନିଜ ବକ୍ତବ୍ୟରେ ଜିଲ୍ଲାର ମତ୍ସ୍ୟ ଓ ପ୍ରାଣୀ ପାଳକ ଚାଷୀ ବିଭିନ୍ନ ଯୋଜନା ର ସବସିଡି ସହାୟତା ନେଇ ନିଜର ଆର୍ଥିକ ଅଭିବୃଦ୍ଧି ସହ ଅନ୍ୟମାନଙ୍କୁ କର୍ମ ନିଯୁକ୍ତି ରେ ସହାୟକ ହୁଅନ୍ତୁ ବୋଲି କହିଥିଲେ ।ମେଳା ଅବସରରେ ଜିଲ୍ଲାର ୪ ଜଣ ଚାଷୀଙ୍କୁ ମୁଖ୍ୟ ଅତିଥି ମାନପତ୍ର ଉପଢୌକନ ,ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ ।ଉମରକୋଟ ବ୍ଲକ ର ଜି ହରିପ୍ରସାଦ ଘୁଷୁରୀ ପାଳନ,ରାଇଘର ବ୍ଲକ ର ଟୋପିରାମ ନାୟକ ମତ୍ସ୍ୟ ପୋଖରୀ ଯୋଜନା, ନନ୍ଦାହାଣ୍ଡି ବ୍ଲକର ମା ବୁଢ଼ୀ ଠାକୁରାଣୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ,ନବରଙ୍ଗପୁର ବ୍ଲକ ଦେବୀ ଦୁର୍ଗା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଛେଳି ପାଳନ ରେ ଉଲ୍ଲେଖନିୟ ଉନ୍ନତି ପାଇଁ ମୁଖ୍ୟ ଅତିଥି ଙ୍କ ଠାରୁ ପୁରସ୍କୃତ ହୋଇଥିଲେ।

ସେଭଳି ତେନ୍ତୁଳିଖୁଣ୍ଟି ବ୍ଲକ କେନ୍ଦୁଗୁଡ଼ା ସୁରଭି ଗୋଶାଳା କୁ ୩୨ ଲକ୍ଷ ଟଙ୍କା, ପାପଡ଼ାହାଣ୍ଡି ର ଚୁମୁକି ସାନ୍ତାଙ୍କୁ ନୂତନ ମଧୁର ଜଳ ପୋଖରୀ ଖନନ ନିମନ୍ତେ ୨,୯୪,୦୦୦ ଟଙ୍କା, କୋଷାଗୁମୁଡ଼ା ର ଟଙ୍କଧର ଗୌଡ ଙ୍କୁ ଗୋପାଳନ ପାଇଁ ୧,୦୮,୦୦୦ ଟଙ୍କା ,ନବରଙ୍ଗପୁର ର ଜୟ ହନୁମାନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କୁ ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ ନିମନ୍ତେ ୧,୫୪,୦୦୦ ଟଙ୍କା ର ଡ଼ମି ଚେକ ପ୍ରଦାନ କରାଯାଇଥିଲା ।ମେଳାରେ ବିଭିନ୍ନ ବିଭାଗୀୟ ଷ୍ଟଲ ସହ ଏଲ ଇ ଡି ସ୍କ୍ରିନ ରେ ବିଭାଗୀୟ ଯୋଜନା,ହିତାଧିକାରୀଙ୍କ ବାର୍ତ୍ତାଳାପ ,ସଫଳ ଚାଷୀଙ୍କ କାହାଣୀ ପ୍ରଦର୍ଶନ କରାଯାଇଥିଲା ।ଚାଷୀ ବୈଜ୍ଞାନିକ ଆଲୋଚନା ଚକ୍ର ରେ ଚାଷୀ ମାନେ ନିଜର ମତ୍ସ୍ୟଓ ପ୍ରାଣୀ ପାଳନ ସମ୍ବନ୍ଧୀୟ ବିଭିନ୍ନ ଅସୁବିଧା,ଆଧୁନିକ ପ୍ରାଣୀ ପାଳନ, ଟିକାକରଣ, ପ୍ରାଣୀ ସ୍ୱାସ୍ଥ୍ୟ ଉପରେ ପରାମର୍ଶ ପାଇଥିଲେ ।ସଭାପରେ ବିଭିନ୍ନ ସାଂସ୍କୃତିକ ଦଳ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ଜାତୀୟ ସଡକ ସୁରକ୍ଷା ମାସ ଉପଲକ୍ଷେ ଗଣଦୌଡ ଆୟୋଜିତ

ଅନୁଗୋଳ : " ସଚେତନତାରୁ ସୁରକ୍ଷା, ପ୍ରଯୁକ୍ତିରୁ ପରିବର୍ତ୍ତନ" ର ବାର୍ତ୍ତା ନେଇ ଜାତୀୟ ସଡକ ସୁରକ୍ଷା ମାସ ୨୦୨୬ ଚଳିତ ମାସ ୧ ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ପାଳନ ହେଉଛି । ଏହି ଉପଲକ୍ଷେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ଏକ ଗଣ ଦୌଡର ଆୟୋଜନ କରାଯାଇଥିଲା । ଏହି ଗଣ ଦୌଡକୁ ମୁଖ୍ୟ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ଯୋଗ ଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଶୈଳଶ୍ରୀକ୍ଷେତ୍ର ଠାରୁ ବାହାରି ଏହି ଗଣ ଦୌଡ ସୂଚନା କେନ୍ଦ୍ର ଛକ, ବଜାର ଛକ, ରାଜା ଛକ, ଥାନା ଛକ ଦେଇ ଷ୍ଟାଡିୟମ ଠାରେ ପହଞ୍ଚିଥିଲା । ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଅନୁଗୋଳ ଆଂଚଳିକ ପରିବହନ ଅଧିକାରୀ ସମ୍ବିତ କୁମାର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଜିତ୍ ଧଳ, ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସିଠଙ୍କ ସମେତ ଆରକ୍ଷୀ ବାହିନୀ, ଆଞ୍ଚଳିକ ପରିବହନକାର୍ଯ୍ୟାଳୟର କର୍ମଚାରୀ, ଶିକ୍ଷକ ଶିକ୍ଷୟିତ୍ରୀ, ସ୍ୱେଚ୍ଛାସେବୀ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ ।

### ଇନସପେକ୍ଟରସ୍ତରରେ ବଡ଼ଧରଣର ଅଦଳବଦଳ

## ସତ୍ୟବ୍ରତ ରାଉତ ସଦର ଥାନା ଆଇଆଇସି

ଅନୁଗୁଳ : ନୂଆବର୍ଷରେ ଅନୁଗୁଳ ଜିଲ୍ଲା ପୁଲିସ ଇନ୍ସପେକ୍ଟର ସ୍ତରରେ ବଡ଼ଧରଣର ଅଦଳବଦଳ ହୋଇଛି । ୧୮ ଜଣ ଇନ୍ସପେକ୍ଟରଙ୍କୁ ଅଦଳବଦଳ କରିଛନ୍ତି ଏସ୍‌ପି ରାହୁଲ ଜୈନ୍। ଦେବଗଡ଼ରୁ ଅନୁଗୁଳ ଜିଲ୍ଲାକୁ ବଦଳି ହୋଇ ଆସିଥିବା ଇନ୍ସପେକ୍ଟର ସତ୍ୟବ୍ରତ ରାଉତଙ୍କୁ ଅନୁଗୁଳ ସଦର ଥାନାରେ ଅବସ୍ଥାପିତ କରାଯାଇଛି। ଛେଣ୍ଡିପଦା ଥାନାର ଇନ୍ସପେକ୍ଟର ରାଜେଶ ଶତପଥୀଙ୍କୁ ହଣ୍ଡପା ଥାନା ଅଧିକାରୀ ଭାବେ ବଦଳି କରାଯାଇଥିବା ବେଳେ ତାଳଚେର ଥାନାର ଇନିସ୍ପକ୍ଟର ଦେବବ୍ରତ ନାୟକଙ୍କୁ ବାଗେଡିଆ ଥାନା ଅଧିକାରୀ ଭାବେ ବଦଳି କରାଯାଇଛି ।

ନାଲ୍‌କୋ ଥାନା ଅଧିକାରୀ ଇନ୍ସପେକ୍ଟର ଶ୍ୟାମଲାଲ୍ ଓରାମଙ୍କୁ ରେଙ୍ଗାଳି ଥାନା ଅଧିକାରୀ, ସ୍ପେଶାଲ୍ ସ୍କ୍ୱାଡ୍‌ର ଇନ୍ସପେକ୍ଟର ଅୟସକାନ୍ତ ଜେନାଙ୍କୁ ସାଇବର ଥାନାର ଅତିରିକ୍ତ ଆଇଆଇସି, ବାଗେଡିଆ ଥାନା ଅଧିକାରୀ ଇନ୍ସପେକ୍ଟର ଚଞ୍ଚଳା ନାୟକଙ୍କୁ ତାଳଚେର ଥାନାର ଅତିରିକ୍ତ ଥାନା ଅଧିକାରୀ, ଅନୁଗୁଳ ଥାନାର ଇନ୍ସପେକ୍ଟର ଦିପ୍ତୀମୟୀ ବିଶ୍ୱାଳଙ୍କୁ ଛେଣ୍ଡିପଦା ଥାନାର ଅତିରିକ୍ତ ଥାନା ଅଧିକାରୀ, ଜିଲ୍ଲା ମୁଖ୍ୟାଳୟର ଇନ୍ସପେକ୍ଟର ରୀନା ସାହୁଙ୍କୁ ଜରପଡ଼ାର ଅତିରିକ୍ତ ଥାନା ଅଧିକାରୀ, ଇନ୍ସପେକ୍ଟର ସଞ୍ଜୁକ୍ତା ଖିଲାରଙ୍କୁ ଅନୁଗୁଳ ଟାଉନ୍ ଥାନାର ଅତିରିକ୍ତ ଥାନା ଅଧିକାରୀ, ମଧୁସ୍ମିତା ପାଗଡଙ୍କୁ ସଦର ଥାନାର ଅତିରିକ୍ତ ଥାନା ଅଧିକାରୀ, ଇନ୍ସପେକ୍ଟର ତପୋଇ ନାଏକଙ୍କୁ ବଁଅରପାଳ ଥାନାର ଅତିରିକ୍ତ ଥାନା ଅଧିକାରୀ ଓ ଇନ୍ସପେକ୍ଟର ବାଲୁଙ୍କେଶ୍ୱର ନାଏକଙ୍କୁ ଗୋପାଳ ପ୍ରସାଦ ଥାନାର ଅତିରିକ୍ତ ଥାନା ଅଧିକାରୀ, ସଦର ଥାନା ଅଧିକାରୀ ମୃଣାଳ କାର୍ଲସଙ୍କୁ ସମଲ ଥାନା ଅଧିକାରୀ ଓ ସମଲ ଥାନାର ଇନ୍ସପେକ୍ଟର ଅରୁଣ ଖିଲାରଙ୍କୁ ଅନୁଗୁଳ ଟାଉନ୍ ଥାନାର ଅତିରିକ୍ତ ଥାନା ଅଧିକାରୀ, ଡିସିଆର୍‌ବିର ଇନ୍ସପେକ୍ଟର ସନ୍ତୋଷ ଜେନାଙ୍କୁ ଆଇଏଏଚ୍‌ଟିୟୁରେ ଓ ଜିଲ୍ଲା ମୁଖ୍ୟାଳୟର ଇନ୍ସପେକ୍ଟର ଜୟନ୍ତ କୁମାର ମହାନ୍ତିଙ୍କୁ ଏଚ୍.ଆର୍.ପି.ସି, ହଣ୍ଡପା ଥାନା ଅଧିକାରିଣୀ ନମିତା ନାୟକଙ୍କୁ ନାଲ୍‌କୋ ଥାନା ଅଧିକାରିଣୀ ଓ ରେଙ୍ଗାଳି ଥାନାର ବିଶ୍ୱମ୍ଭର ପ୍ରଧାନଙ୍କୁ ଡିସିଆର୍‌ବିକୁ ବଦଳି କରାଯାଇଛି। ଶୁକ୍ରବାର ଏସ୍ ଶ୍ରୀ ଜୈନ୍ ଏହି ବଦଳି ଆଦେଶ ଦେଇଛନ୍ତି।

## ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲର ପ୍ରଥମ ପିଏମଶ୍ରୀ ଉତ୍ସବ ଉଦଘାଟିତ

ପିପିଲି,୪।୧ : ପିଏମ୍‌ଶ୍ରୀରେ ଅନ୍ତର୍ଭୁକ୍ତ ଗୋପବନ୍ଧୁ ମେମୋରିଆଲ୍ ହାଇସ୍କୁଲ ରେ ଉଦୀୟମାନ ଭାରତ ପାଇଁ ପ୍ରଧାନମନ୍ତ୍ରୀଙ୍କ ବିଦ୍ୟାଳୟ ତଥା ପିଏମଶ୍ରୀ ଉତ୍ସବ ପ୍ରଥମ କରି ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବ ରେ ପୁରୀ ଲୋକସଭା ସାଂସଦ ଡା. ସମ୍ବିତ ପାତ୍ର ଏବଂ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି କାଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରଧାନମନ୍ତ୍ରୀ ଙ୍କ ଏଭଳି କାର୍ଯ୍ୟକ୍ରମ କୁ ବହୁ ପ୍ରଶଂସା କରି ପିଏମଶ୍ରୀ ଉତ୍ସବ ସ୍ୱତନ୍ତ୍ର ପରିକଳ୍ପନା ବାସ୍ତବତାରେ ପରିଣତ ହୋଇଛି ବୋଲି କହିଥିଲେ। କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଶ୍ରୀପାତ୍ର ଙ୍କ ସହ ପିପିଲି ଡେଲାଙ୍ଗ ବିଧାୟକ ଶ୍ରୀଯୁକ୍ତ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ବିଦ୍ୟାର୍ଥୀ ଙ୍କର ଅନ୍ତର୍ନିହିତଗୁଣର ପରିପ୍ରକାଶ ନିମନ୍ତେ ଆୟୋଜିତ ଉତ୍ସବ ରେ ସେମାନେ ନିଜ ନିଜର ଚିନ୍ତା ଚେତନା ସଫଳ ପ୍ରଦର୍ଶନ କରିବାକୁ ସୁଯୋଗ ପାଇଛନ୍ତି । ଏହି କାଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ହେବାଲାଗି ଛାତ୍ରଛାତ୍ରୀ ଙ୍କୁ ସହାୟକ ହେବ ବୋଲି ଅତିଥିମାନେ କହିଥିଲେ ।

ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା କରିଥିବା ପାଭିଲିୟନ ଓ ଫନ୍ ଫୁଡ୍ ଷ୍ଟଲ୍ ଦୋକାନ ସବୁ ବୁଲି ଦେଖିଥିଲେ ଏବଂ ସେମାନଙ୍କ ଠାରୁ ଖାଦ୍ୟ କିଣି ଖାଇବା ସହ ଖାଦ୍ୟ ପଦାର୍ଥ ରେ ପ୍ଲାଷ୍ଟିକ ଠାରୁ ଦୂରରେ ରହିବା ପାଇଁ ସେ ପରାମର୍ଶ ଦେଇଥିଲେ। ଆକାଂକ୍ଷୀ ମେଳା ପରିଷଦ ପକ୍ଷରୁ ଗ୍ୟାରେଣ୍ଟି ଗ୍ୟାଲେରୀ ପରିଦର୍ଶନ ରେ ଛାତ୍ରଛାତ୍ରୀ ମାନଙ୍କ ଜିଜ୍ଞାସା, କୈଶଳୀ , ସାହିତ୍ୟ ସୃଜନୀ, କ୍ରୀଡାଙ୍ଗନ, କାହାଣୀ ଗଛ, ଲୋପ ପାଉଥିବା ପୁରାତନ ସାମଗ୍ରୀ, ଜି ଆଇ ଟ୍ୟାଗ କର୍ଣ୍ଣର, ନୈନିକ ବଜାର, ଦିନିକିଆ ଉଦ୍‌ଯୋଗ ଷ୍ଟଲ୍ ବୁଲି ଦେଖି ବହୁ ପ୍ରଶଂସା କରିଥିଲେ।

କେନ୍ଦ୍ର ସରକାରଙ୍କ ପିଏମଶ୍ରୀ ର ସ୍ୱତନ୍ତ୍ର ପରିକଳ୍ପନା ବାସ୍ତବତାରେ ପରିଣତ ହୋଇଛି ବୋଲି ସାଂସଦ ଶ୍ରୀଯୁକ୍ତ ପାତ୍ର କହିଥିଲେ । ଛାତ୍ର ଛାତ୍ରୀ ମାନଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ନିମନ୍ତେ ଆୟୋଜିତ ଉତ୍ସବରେ ସେମାନେ ନିଜର ଚିନ୍ତା ଚେତନା ସଫଳ ପ୍ରଦର୍ଶନ କରିବାକୁ ସୁଯୋଗ ପାଇଛନ୍ତି ବୋଲି ବିଧାୟକ କହିଛନ୍ତି । ତେବେ ଏହି କାର୍ଯ୍ୟକ୍ରମ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଅତିଥି ଭାବେ ପିପିଲି ପ୍ରାଥମିକ ଶିକ୍ଷକ ଶିକ୍ଷା ଅନୁଷ୍ଠାନ ଅଧକ୍ଷ ଶ୍ରୀଯୁକ୍ତ ରାମକୃଷ୍ଣ ଦାଶ , ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ , ସ୍ଥାନୀୟ ସରପଞ୍ଚ ପରେଶ ମିଶ୍ର, ସମାଜ ସେବୀ ସୁରେନ୍ଦ୍ର ବେହେରା, ପୁରାତନ ଛାତ୍ର ସଂସଦ ସଭାପତି ସୁକାନ୍ତ କୁମାର ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ରମାକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ।

## ବେଙ୍ଗାଲୁରୁରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

ବେଙ୍ଗାଲୁରୁ,୪।୧ ୧ : ଓବିସି ଏବଂ ବୁଣାକାର ସମ୍ପ୍ରଦାୟର ସଶକ୍ତିକରଣ ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଆଜି ବେଙ୍ଗାଲୁରୁ ଠାରେ ଦେବାଙ୍ଗ ସଂଘର ଶତବାର୍ଷିକୀ ସମାରୋହ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଶ୍ରୀ ପ୍ରଧାନ କହିଛନ୍ତି ଯେ, ଦେବାଙ୍ଗ ସମ୍ପ୍ରଦାୟ ଭାରତର ବୟନ ଶିଳ୍ପର ସଂରକ୍ଷକ । ଦେବାଙ୍ଗ ମହର୍ଷିଙ୍କ ପବିତ୍ର ପରମ୍ପରାକୁ ପାଥେୟ କରି ଏହି ସମ୍ପ୍ରଦାୟ ଶତାବ୍ଦୀ ଶତାବ୍ଦୀ ଧରି ଦେଶର ଅର୍ଥନୀତି ଓ ସଂସ୍କୃତିକୁ ସମୃଦ୍ଧ କରିଆସିଛି । ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର 'ଓବିସି କମିଶନ'କୁ ସାମ୍ବିଧାନିକ ମାନ୍ୟତା ଦେଇ ପଛୁଆ ବର୍ଗକୁ ସମ୍ମାନର ସହ ବଞ୍ଚିବାର ଅଧିକାର ଦେଇଛନ୍ତି । 'ବୁଣାକାର ମୁଦ୍ରା ଯୋଜନା' ଏବଂ 'ଜାତୀୟ ହସ୍ତତନ୍ତ ବିକାଶ କାର୍ଯ୍ୟକ୍ରମ' ମାଧ୍ୟମରେ ବୁଣାକାରମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ୨୦୪୭ ସୁଦ୍ଧା ଏକ 'ବିକଶିତ ଭାରତ' ଗଠନ ପାଇଁ 'ସବ୍ ?କା ସାଥ୍, ସବ୍ ?କା ବିକାଶ'ର ମନ୍ତ୍ର ଅତ୍ୟନ୍ତ ଜରୁରୀ । ଦେବାଙ୍ଗ ସମ୍ପ୍ରଦାୟର ପରିଶ୍ରମ ଓ ନିଷ୍ଠା ଭାରତକୁ ବିଶ୍ୱର ଅଗ୍ରଣୀ ଅର୍ଥନୀତି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି ।ଏହି କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଶ୍ରୀ ପ୍ରଧାନ ହିନ୍ଦୁସ୍ତାନ ଏରୋନେଟିକ୍ସ ଲିମିଟେଡ୍ (ହାଲ) ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଡି.କେ. ସୁନୀଲଙ୍କ ମଧ୍ୟରେ ଏକ ସାରଗର୍ଭକ ଆଲୋଚନା ଅନୁଷ୍ଠିତ ହୋଇଥିଲା । ସେ ଭାରତର ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ହାଲର ଭୂମିକାକୁ ପ୍ରଶଂସା କରିଥିଲେ । କହିଥିଲେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଡିଜାଇନ୍, ଉନ୍ନତ ମାନର ମାନୁଫ୍ୟାକ୍‌ଚରିଂ ଏବଂ ବୈଷୟିକ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ପାଇଁ ହାଲ ନିରନ୍ତର କାର୍ଯ୍ୟ କରୁଛି ।ସେହିପରି ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି କରୁଥିବା ସ୍ପେଶ ଫିଲ୍ଡର ଟିମ୍‌କୁ ଭେଟିଥିଲେ । ସେ କହିଥିଲେ, ଓଡ଼ିଶାର ଯୁବକମାନେ ଭାରତର ଷ୍ଟାର୍ଟଅପ୍ ବିପ୍ଳବକୁ ଅଧିକ ଶକ୍ତିଶାଳୀ କରିବା ସହ ଦେଶର ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛନ୍ତି ।

### ରତ୍ନାକର ବାଗ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ର ଦ୍ୱିତୀୟ ଦିବସ

## ବଙ୍କାପୁର ଦଳକୁ ହରାଇ ତେତେଲପଡା ଦଳ ବିଜୟୀ

ବଙ୍ଗୋମୁଣ୍ଡା,୦୪।୦୧ - ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ କପିଳାଭଟା ଓ ତାଳଭଟା ଗ୍ରାମର ମିଳିତ ଆନୁକୂଲ୍ୟରେ ରେ ଚାଲିଥିବା ତୃତୀୟ ତମ ରତ୍ନାକର ବାଗ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ଦ୍ୱିତୀୟ ଦିବସ ରେ ପହଞ୍ଚିଛି । ଆୟୋଜକ କମିଟି ର ସଭାପତି ହୁଲେଶ୍ୱର ହଂସ ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ପରମେଶ୍ୱର ମହାନନ୍ଦ, ସମ୍ମାନୀୟ ଅତିଥି ଭାବେ ପୂର୍ବତନ ସମିତି ସଭ୍ୟ ମଧୁସୂଦନ ସାହୁ,ସମାଜସେବୀ ଭୁରିଶ୍ରବା ବିଶି, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ନୀଳମଣି ବିଶି,ତାଳଭଟା ଗଉନ୍ତିଆ ବୃନ୍ଦାବନ ବେହେରା,ପୂର୍ବତନ ଫୁଟବଲ ଖେଳାଳି କୁଞ୍ଜବିହାରି ବେହେରା, ଲମ୍ବୋଦର ବେହେରା, ଧବଳେଶ୍ୱର ବେହେରା, ସମାଜକର୍ମୀ ଦେବରାଜ ମହାନନ୍ଦ,ଶିକ୍ଷକ କଳାକୃଷ୍ଣ ବିଶି, ଭାଲୁମୁଣ୍ଡା ସମ୍ବାଦ ଖବର କାଗଜ ପ୍ରତିନିଧି ରାଧେଶ୍ୟାମ ମେହେର, ଯୁବ ସ୍ୱେଚ୍ଛାସେବୀ ରିଙ୍କୁ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।ଦ୍ୱିତୀୟ ଦିବସ ମ୍ୟାଚ୍ ରେ ତେତେଲପଡା ଓ ବଙ୍କାପୁର ଦଳ ମଧ୍ୟରେ ଖେଳ ହୋଇଥିଲା । ଏଥିରେ ବଙ୍କାପୁର କୁ ୨-୦ ଗୋଲ ରେ ପରାସ୍ତ କରି ତେତେଲପଡା ଦଳ ବିଜୟୀ ହୋଇଥିଲା। ରେଫରୀ ନିତେଶ ମାଝୀ ଖେଳ ପରିଚାଳନା କରିଥିବା ବେଳେ ଲାଇନ ରେ ବୈଷ୍ଣବ ତାଣ୍ଡି ଓ ନବୀନ ସରାଫ ସହଯୋଗ କରିଥିଲେ ।ପରମାନନ୍ଦ



ଛତ୍ରିଆ ଧାରା ବିବରଣୀ ପ୍ରଦାନ କରିଥିଲେ ।ଆୟୋଜକ କମିଟି ର ସଂଯୋଜକ ରାହୁଲ ବାଗ,ଉପସଭାପତି ତ୍ରିବିକ୍ରମ ବେହେରା, ସମ୍ପାଦକ ଆଶିଷ ବେହେରା, ସହ ସମ୍ପାଦକ ଗିରିଶ ଅଦା, କୋଷାଧ୍ୟକ୍ଷ ପ୍ରିୟରଞ୍ଜନ ହଂସ, ଉପଦେଷ୍ଟା ଅଶୋକ କୁମାର ବିଶି,କେଦାର ଭୋଇ,ସଦସ୍ୟ ଜିତେନ୍ଦ୍ର ହଂସ, ନରେନ୍ଦ୍ର ପୁଞ୍ଜି, ଅଭିଷେକ ହଂସ, ନିତ୍ୟା ହଂସ,ବିକାଶ ହଂସ,ସୁନୀଲ କୁମାର ବିଶି ସହ ବହୁ ସଦସ୍ୟ ମାନେ ସହଯୋଗ କରିଥିଲେ ।

## ଖଡ଼ିଆଙ୍କ ଦୁଃଖ ଦେଖି ସହିପାରିଲେନି ମନ୍ତ୍ରୀ, ଯୋଗାଇଦେଲେ ୧୭ ପକ୍କା ଘର

ମୋରଡ଼ା,୪/୧(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ଫାନିଆ ପଞ୍ଚାୟତ ସାଲସାହି ଗ୍ରାମର ସୁବର୍ଣ୍ଣରେଖା କେନାଲ କଡରେ ବସବାସ କରୁଥିବା ଆଦିମ ଜନଜାତି ଖଡିଆ ସମ୍ପ୍ରଦାୟ ଅତି ଦୟନୀୟ ଭାବେ ଜରିତଳେ ଜୀବନ ଯାପନ କରୁଛନ୍ତି । ମୁଣ୍ଡ ଗୁଞ୍ଜିବାକୁ ଘର ନାହିଁ କି ଅନ୍ଧକାରକୁ ଦୂର୍ କରିବାପାଇଁ ବିଜୁଳି। ଗୃହ ଓ ନଗର ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ସାଲସାହିର ଖଡ଼ିଆ ସାହିରେ ପହଞ୍ଚି ଗୋଟିଏ ଗୋଟିଏ ଘରକୁ ଯାଇ ଦେଖିଥିଲେ ଓ ଦୁଃଖ ପ୍ରକାଶ କରିଥିଲେ, ୨୪ବର୍ଷ ପୂର୍ବ ସରକାରରେ କିପରି ଜନଜାତି ଲୋକ ଆବାସ ଯୋଜନା ଓ ମୌଳିକ ସୁବିଧାରୁ ବାଦପଡ଼ିଲେ ଏବଂ ସେହି ଲୋକମାନଙ୍କୁ ଆସ୍ୟାସନା ଓ ପ୍ରତିଶୃତି ଦେଇଥିଲେ ଖୁବ୍ ଶୀଘ୍ର ପକ୍କାଘର ଯୋଗାଇଦେବେ। ଏକ ମାସପରେ ପ୍ରତିଶୃତି ପାଳନ କରିଛନ୍ତି ମନ୍ତ୍ରୀ ଆଜି ୧୭ ଜନଜାତି ପରିବାର ପାଇଁ ପକ୍କାଘରର ଭୂମି ପୂଜନ କରିଛନ୍ତି। ଏଚ୍‌ଆରଡିଏସ୍ ଇଣ୍ଡିଆ ସେଚ୍ଛାସେବୀ ଅନୁଷ୍ଠାନ ସହିତ ଯୋଗାଯୋଗ କରି ମନ୍ତ୍ରୀ ଜନଜାତିଙ୍କୁ ଘର ଯୋଗାଇ ଦେବାସହ



ଆନ୍ୟାନ ମୌଳିକ ସୁବିଧା ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ୧୭ପରିବାରକୁ ପଟ୍ଟା ମଧ୍ୟ ପ୍ରଦାନ କରିଛନ୍ତି। ବହୁ ଦିନର ପକ୍କା ଘର ସ୍ୱପ୍ନ ସାକାର ହେବାକୁ ଯାଉଛି। ଖଡିଆ ସମ୍ପ୍ରଦାୟ ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେବେ।

## ୯ରୁ କିମସରେ ଏଏପିଆଇ ଗ୍ଲୋବାଲ୍ ହେଲଥକେୟାର ସମିଟ୍ ୨୦୨୬

ଭୁବନେଶ୍ୱର, ୪।୧: ଆମେରିକାନ ଆସୋସିଏସନ ଅଫ ଇଣ୍ଡିଆନ ଅରିଜିନ (ଭାରତୀୟ ବଂଶୋଦ୍ଭବ ଚିକିତ୍ସକ ସଂଘ-ଏଏପିଆଇ) ପକ୍ଷରୁ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ (କିମସ)ରେ ଗ୍ଲୋବାଲ୍ ହେଲଥ୍‌କେୟାର ସମିଟ୍ ୨୦୨୬ ଆୟୋଜିତ ହେଉଛି। ଜାନୁଆରୀ ୯ ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ ଭାରତ ଓ ଆମେରିକାର ବହୁ ପ୍ରଖ୍ୟାତ ଡାକ୍ତର, ଗବେଷକ, ସ୍ୱାସ୍ଥ୍ୟ ବିଶେଷଜ୍ଞ, ନବସର୍ଜନାକାରୀମାନେ ଏକତ୍ରିତ ହେବେ। ଏ ନେଇ ଏଏପିଆଇ ଗ୍ଲୋବାଲ୍ ହେଲଥକେୟାର ସମିଟ୍‌ର ଅଧ୍ୟକ୍ଷ ତଥା ଏଏପିଆଇ ସଭାପତି ଡା ଅମିତ ଚକ୍ରବର୍ତ୍ତୀ ଓ ଓଡ଼ିଶା ଫିଜିସିଆନ୍ସ ଅଫ୍ ଆମେରିକାର ସଭାପତି ଡା ଅତସୁ ନାୟକ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହା ସୂଚନା ଦେଇଛନ୍ତି। ଏହି ସମ୍ମିଳନୀ ବିଶ୍ୱ ସ୍ୱାସ୍ଥ୍ୟକୁ ଆଗକୁ ବଢ଼ାଇବା, ଭାରତ-ଆମେରିକା ସ୍ୱାସ୍ଥ୍ୟସେବା ସହଯୋଗକୁ ସୁଦୃଢ଼ କରିବା ସହ ଡାକ୍ତରୀ ଶିକ୍ଷା, ଗବେଷଣା ଓ କ୍ଲିନିକାଲ୍ କେୟାରରେ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ଏଏପିଆଇର ନିରନ୍ତର ଅଭିଯାନ ଉପରେ ଗୁରୁତ୍ୱାରୋପ କରିବ।

ଏହି ସମ୍ମିଳନୀ ପ୍ରଯୁକ୍ତିବିଦ୍ୟା, ନବସର୍ଜନା ଓ ବିଶ୍ୱ ସ୍ୱାସ୍ଥ୍ୟ କ୍ଷମତା ନିର୍ମାଣ ଉପରେ କେନ୍ଦ୍ରିତ ଏକ ଭବିଷ୍ୟତବାଦୀ ବିଷୟବସ୍ତୁ ଉପରେ ଆୟୋଜିତ ହେବ। ବ୍ୟାପକ ଶୈକ୍ଷିକ କାର୍ଯ୍ୟସୂଚୀରେ ଅତ୍ୟାଧୁନିକ ନିରନ୍ତର ଚିକିତ୍ସା ଶିକ୍ଷା (ସିଏମଇ) ଅଧିବେଶନ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ)- ଚାଳିତ କ୍ଲିନିକାଲ୍ ଇନ୍‌ସାଇଟ୍, ଉନ୍ନତ ଶଲ୍ୟଚିକିତ୍ସା ପ୍ରଦର୍ଶନ, କର୍ମଶାଳା, ଜନସ୍ୱାସ୍ଥ୍ୟ ପଦକ୍ଷେପ, ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଇଁ ବିଶେଷ ଉପଯୋଗୀ ହେବ।



ଏଥିରେ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମଧ୍ୟରେ ଅତ୍ୟାଧୁନିକ ରୋବୋଟିକ୍ ସର୍ଜରୀ ଉପସ୍ଥାପନା, ବିଶ୍ୱ ଚିକିତ୍ସା ଅଭ୍ୟାସରେ କୃତ୍ରିମ ବୁଦ୍ଧିମତ୍ତାର ଭୂମିକା ଉପରେ ଏକ ଉଚ୍ଚ-ପ୍ରଭାବ ପୂର୍ଣ୍ଣ ଅଧିବେଶନ ଏବଂ ଉନ୍ନତ ଝସଜ୍ଞଗବଭଗ୍ଏ+ ସିମୁଲେସନ୍ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଜରୁରୀକାଳୀନ ଏବଂ ପୁନରୁତ୍ଥାନ କର୍ମଶାଳା ଆୟୋଜିତ ହେବ।ଶିକ୍ଷା ଭିତ୍ତିକ ଆଲୋଚନା ବ୍ୟତୀତ ଏହି ସମ୍ମିଳନୀ ସାମୁଦାୟିକ ସ୍ୱାସ୍ଥ୍ୟ ପଦକ୍ଷେପ ଉପରେ ଦୃଢ଼ ଗୁରୁତ୍ୱ ଦେବ। ଏଥିରେ ପ୍ରାୟ ୧୫ଶହରୁ ଉର୍ଦ୍ଧ୍ୱ ଅଂଶଗ୍ରହଣକାରୀଙ୍କୁ ତାଲିମ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିରେ ସିପିଆର କାର୍ଯ୍ୟକ୍ରମ, ଏଚପିଭି ସଚେତନତା, ଟୀକାକରଣ ଅଭିଯାନ ଓ ଏଏପିଆଇ ଷ୍ଟେମ୍ ସେଲ୍ ରେଜିଷ୍ଟ୍ରି ଡ୍ରାଇଭ୍ ଆଦି ଅନ୍ତର୍ଭୁକ୍ତ। ଏହି ସମ୍ମିଳନୀରେ 'ସ୍ୱାସ୍ଥ୍ୟସେବାରେ ମହିଳା: ଚ୍ୟାଲେଞ୍ଜ 'ଉପରେ ଏକ ସ୍ୱତନ୍ତ୍ର ସିଏମଇ ମଧ୍ୟ ଆୟୋଜିତ ହେବ।

ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁଗୁଡ଼ିକ ମଧ୍ୟରେ ସ୍ୱାସ୍ଥ୍ୟସେବାରେ କୃତ୍ରିମ ବୁଦ୍ଧିମତ୍ତା; ରୋବୋଟିକ୍ ଏବଂ ସର୍ବନିମ୍ନ ଇନ୍‌ଭେସିଭ୍ ଶଲ୍ୟଚିକିତ୍ସା ଉଦ୍‌ଭାବନ; ଜରୁରୀକାଳୀନ ଏବଂ ଗୁରୁତର ଯତ୍ନ ଉନ୍ନତି; ଜୀବନଶୈଳୀ ଏବଂ ସମନ୍ୱିତ ଔଷଧ; ଦୀର୍ଘକାଳୀନ ରୋଗ ନିବାରଣ ଏବଂ ପରିଚାଳନା; ସାର୍ବଜନୀନ ସ୍ୱାସ୍ଥ୍ୟ ପଦକ୍ଷେପ; ଡାକ୍ତରୀ ଛାତ୍ରଛାତ୍ରୀଙ୍କ କ୍ଷମତା ନିର୍ମାଣ ଏବଂ ସ୍ୱାସ୍ଥ୍ୟସେବା ନେତୃତ୍ୱର ମହିଳା ଆଦି ଅନ୍ତର୍ଭୁକ୍ତ ରହିବ ।ଆମେରିକୀୟ ଭାରତୀୟ ବଂଶୋଦ୍ଭବ ଚିକିତ୍ସକ ସଂଘ ହେଉଛି ଆମେରିକାର ସବୁଠାରୁ ବଡ଼ ଚିକିତ୍ସକ ସଂଗଠନ ମଧ୍ୟରୁ ଅନ୍ୟତମ। ଏହା ଭାରତୀୟ ଐତିହ୍ୟରୁ ଚିକିତ୍ସକଙ୍କ ସ୍ୱାର୍ଥକୁ ପ୍ରତିନିଧିତ୍ୱ କରି ଚିକିତ୍ସା ଶିକ୍ଷା, ଗବେଷଣା, ସ୍ୱାସ୍ଥ୍ୟସେବା ନୀତି ଏବଂ ବିଶ୍ୱ ସ୍ୱାସ୍ଥ୍ୟ ପଦକ୍ଷେପକୁ ଆଗକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

**● Editor : Sarat Raut**

ସଂପାଦକ: ଶରତ ରାଉତ